


ପଶ୍ଚିମ ଓଡ଼ିଶାର ଗଣପର୍ବ
ନୂଆଁଖାଇ ଅବସରରେ
'ସକାଳ' ପରିବାର ପକ୍ଷରୁ
ଶୁଭେଚ୍ଛା ଓ ହାର୍ଦ୍ଦିକ ଅଭିନନ୍ଦନ



RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

•VOLUME- 43 •ISSUE-64 •THURSDAY •28 AUGUST 2025 •PAGE-12 •₹ 6.00 | BHUBANESWAR | •ବର୍ଷ-୪୩ •ସଂଖ୍ୟା-୬୪ •ଗୁରୁବାର •୨୮ ଅଗଷ୍ଟ ୨୦୨୫ •ପୃଷ୍ଠା-୧୨ •ଟ.୬.୦୦


## ୫୦% ଟ୍ରମ୍ପ ଟାରିଫ୍
# ଦେଶର ୧୦ ଲକ୍ଷରୁ ଅଧିକ ଚାକିରି ବିପଦରେ

■ ନୂଆଦିଲ୍ଲୀ,୨୭।୮ (ଏଜେନ୍ସି): ବୁଧବାରଠାରୁ ଭାରତୀୟ ସାମଗ୍ରୀ ଉପରେ ଲାଗିଛି ୫୦% ଟ୍ରମ୍ପ ଟାରିଫ୍ । ଭାରତରୁ ଆମେରିକାକୁ ପଠାଯାଉଥିବା ସାମଗ୍ରୀ ଉପରେ ଆମେରିକା ପ୍ରଶାସନ ଏହି ଶୁଳ୍କ ଆଦାୟ ଆରମ୍ଭ କରିଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଏହି ନିଷ୍ପତ୍ତି ଯୋଗୁଁ ଭାରତର ପ୍ରାୟ ୪୮ ବିଲିୟନ ଡଲାର ମୂଲ୍ୟର ରପ୍ତାନି ପ୍ରଭାବିତ ହେବ ବୋଲି ଅର୍ଥନୀତିଜ୍ଞ ଓ ବାଣିଜ୍ୟ ବିଶେଷଜ୍ଞମାନେ ମତ ଦେଉଛନ୍ତି। ଅନ୍ୟପକ୍ଷରେ ଭାରତୀୟ ଅର୍ଥନୀତି ପ୍ରଭାବିତ ଦ୍ୱାରା ଦେଶର

- **ବାଜିରେ ୪୮ ବିଲିୟନ୍ ଡଲାରର ଭାରତୀୟ ରପ୍ତାନୀ**
- **ଦେଶର ନିଯୁକ୍ତିଭିତ୍ତିକ କ୍ଷେତ୍ରକୁ ଲାଗିବ ବଡ଼ ଧକ୍କା**

୧୦ ଲକ୍ଷ ନିଯୁକ୍ତି ସଙ୍କଟଗ୍ରସ୍ତ ହୋଇଛି। ବିଶେଷକରି ଏହି ରପ୍ତାନୀଗୁଡ଼ିକ ନିଯୁକ୍ତିଭିତ୍ତିକ ଶିଳ୍ପଗୁଡ଼ିକୁ ଅଧିକ ପ୍ରଭାବିତ କରିବ ବୋଲି ଆଶଙ୍କ ସୃଷ୍ଟି ହୋଇଛି। ଇଞ୍ଜିନିଅରିଂ ସାମଗ୍ରୀ, ଅଳଙ୍କାର, ବୟନଶିଳ୍ପ, ଫର୍ଣ୍ଣିଚର, ଅଟୋ ଯନ୍ତ୍ରାଂଶ ଏବଂ ସାମୁଦ୍ରିକ ଖାଦ୍ୟ ରପ୍ତାନି ଏହାଦ୍ୱାରା ପ୍ରଭାବିତ ହେବାର ଆଶଙ୍କା ପ୍ରକାଶ ପାଇଛି ।

ଅଗଷ୍ଟ ୭ରୁ ଆମେରିକା ଭାରତ ଉପରେ ୨୫% ଶୁଳ୍କ ଲାଗୁ କରିଥିଲା। ଏବେ ସର୍ବମୋଟ ଭାରତ ଉପରେ ୫୦%ର ଏକ ଭାରି ଶୁଳ୍କ ଲାଗୁ କରାଯାଇଛି। ଭାରତ ଏବଂ ଆମେରିକା ମଧ୍ୟରେ ବାଣିଜ୍ୟ ସମ୍ପର୍କ ପୂର୍ବରୁ ଚାପଗ୍ରସ୍ତ ଅଛି। ବିଶେଷଜ୍ଞଙ୍କ ମତରେ ବର୍ତ୍ତମାନର ନୂତନ ଶୁଳ୍କ ଏହି ସମ୍ପର୍କଗୁଡ଼ିକୁ ଅଧିକ ଆହ୍ୱାନପୂର୍ଣ୍ଣ କରିପାରେ। ଏଥିଯୋଗୁ ଭାରତୀୟ ରପ୍ତାନିକାରୀମାନେ ଏକ ବଡ଼ ଝଟକା ଲାଗିପାରେ, କାରଣ ଆମେରିକା ଭାରତୀୟ ରପ୍ତାନି ପାଇଁ ଏକ ପ୍ରମୁଖ ବଜାର। ଏହି ପଦକ୍ଷେପ ଭାରତର ଅଭିବୃଦ୍ଧିକୁ ପ୍ରଭାବିତ କରିପାରେ ବୋଲି ବଜାର ବିଶେଷଜ୍ଞ ମତପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ଭାରତ ସରକାର ଏବେ କ୍ଷତିକୁ ହ୍ରାସ କରିବା ପାଇଁ ବିକଳ୍ପ ବଜାର ଏବଂ ରଣନୈତିକ ସହଭାଗିତା ଅନୁସନ୍ଧାନରେ ରହିଛନ୍ତି।

ଗ୍ଲୋବାଲ ଟ୍ରେଡ୍ ରିସର୍ଚ୍ଚ ଇନିସିଏଟିଭ (ଜିଟିଆରଆଇ) ଅନୁସାରେ ଭାରତ ପ୍ରତି ବର୍ଷ ଆମେରିକାକୁ ପାଖାପାଖି ୮୬.୫ ବିଲିୟନ ଡଲାରର ରପ୍ତାନୀ କରିଥାଏ। ଏହାର ପାଖାପାଖି ଦୁଇ ତୃତୀୟାଂଶ ଅର୍ଥାତ୍ ପାଖାପାଖି ୬୦.୨ ବିଲିୟନ ଡଲାର ସାମଗ୍ରୀ ଉପରେ ୫୦% ଶୁଳ୍କ ଲାଗିବ। ତେଣୁ ସରକାରୀ ଅନୁମାନ ୪୮.୨ ବିଲିୟନ ଡଲାର ରପ୍ତାନୀ ଉପରେ ଏହି ଟାରିଫର ପ୍ରଭାବ ପଡିବା ଅନୁମାନ କରାଯାଉଛି। ଏଥିରେ ବୟନଶିଳ୍ପ, ଚିଙ୍ଗୁଡ଼ି, ଚମଡ଼ା, ହୀରା, ଅଳଙ୍କାର ଓ ଫର୍ଣ୍ଣିଚର କ୍ଷେତ୍ର ଅନ୍ତର୍ଭୁକ୍ତ। ଦେଶର ପ୍ରମୁଖ ବାଣିଜ୍ୟ ସଂଗଠନ ଚାମ୍ବର ଅଫ୍ ▶ପୃଷ୍ଠା-୭

## ସୁରତ, ତିରୁପୁରରେ ସୂତା କଳ ବନ୍ଦ

■ ନୂଆଦିଲ୍ଲୀ,୨୭।୮ (ଏଜେନ୍ସି): ଭାରତୀୟ ସାମଗ୍ରୀ ଉପରେ ଟ୍ରମ୍ପଙ୍କ ଚଡ଼ା ଶୁଳ୍କ ଯୋଗୁଁ ସର୍ବାଧିକ ପ୍ରଭାବିତ ହେବାକୁ ଯାଉଛି ପୋଷାକ ଶିଳ୍ପ। ପୂର୍ବରୁ ଭିଏତନାମ ଏବଂ ବାଂଲାଦେଶରୁ ତୀବ୍ର ପ୍ରତିଯୋଗିତାର ସମ୍ମୁଖୀନ ହେଉଥିବା ଭାରତର ଏହି ଶିଳ୍ପ ଟ୍ରମ୍ପଙ୍କ ୫୦ ପ୍ରତିଶତ ଶୁଳ୍କ ଯୋଗୁଁ ଭୀଷଣ ଭାବେ କ୍ଷତିଗ୍ରସ୍ତ ହେବା ନିଶ୍ଚିତ। ଆଜିଠାରୁ ନୂଆ ଶୁଳ୍କ ଲାଗୁ ହେବାପରେ ତତ୍କ୍ଷଣାତ୍ ଏହାର ପ୍ରଭାବ ଗୁଜରାଟର ସୁରତ୍, ତାମିଲନାଡୁର ତିରୁପୁର ଓ ନୋଇଡ଼ାରେ ଦେଖିବାକୁ ମିଳିଛି। ଏଠାରେ ବୟନ ଓ ପୋଷାକ ନିର୍ମାତାମାନେ ଉତ୍ପାଦନ ବନ୍ଦ କରିବା ଆରମ୍ଭ କରିଦେଇଛନ୍ତି। ଫଳରେ ଏହି ଶିଳ୍ପରେ ନିଯୁକ୍ତ ଲକ୍ଷ ଲକ୍ଷ ଶ୍ରମିକଙ୍କ ଭାଗ୍ୟ ଅନିଶ୍ଚିତତା ଭିତରକୁ ଠେଲି ହୋଇଯାଇଛି। ବିଶେଷ କରି ଓଡ଼ିଶାରୁ ପ୍ରାୟ ୫ ଲକ୍ଷ ଶ୍ରମିକ ଏହିସବୁ ସୂତା କଳରେ କାମ କରୁଛନ୍ତି। ଏହି ଶିଳ୍ପ ହଠାତ୍ ଉତ୍ପାଦନ ବନ୍ଦ କରିଦେଇଥିବାରୁ ଏହି ଶ୍ରମିକମାନଙ୍କ ଉପରେ ଚଡ଼କ ପଡ଼ିଛି। କେନ୍ଦ୍ର ସରକାର ତୁରନ୍ତ ହସ୍ତକ୍ଷେପ କରି ଆବଶ୍ୟକ ପଦକ୍ଷେପ ନେବାକୁ ଶ୍ରମିକମାନେ ଦାବି କରିଛନ୍ତି। ଭାରତୀୟ ରପ୍ତାନି ସଂଗଠନ ମହାସଂଘ ସଭାପତି ଏସ୍.ସି.ରାଲହାନ କହିଛନ୍ତି ଯେ ପୋଷାକ ଶିଳ୍ପ ଭିନ୍ନ ଭାରତୀୟ ସାମୁଦ୍ରିକ ଖାଦ୍ୟ ବିଶେଷ କରି ଚିଙ୍ଗୁଡ଼ି ରପ୍ତାନୀ ମଧ୍ୟ ବାଧାପ୍ରାପ୍ତ ହୋଇଛି। ଯେହେତୁ ଆମେରିକା ବଜାରର ମୋଟ ଆବଶ୍ୟକତାର ୪୦% ଭାରତରୁ ରପ୍ତାନୀ ହୋଇଥାଏ, ଶୁଳ୍କ ବୃଦ୍ଧି ଏହାକୁ ଗଭୀର ଭାବରେ ପ୍ରଭାବିତ କରିବ ବୋଲି ସେ କହିଛନ୍ତି ।


## ଲଘୁଚାପ ଘନୀଭୂତ
# ଦକ୍ଷିଣରେ ବନ୍ୟା ଆଶଙ୍କା

■ **ଭୁବନେଶ୍ୱର,୨୭।୮ (ସମିସ):** ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ଅଧିକ ଘନୀଭୂତ ହୋଇ ସଦୃଶ ଲଘୁଚାପରେ ପରିଣତ ହୋଇଛି। ଏହା ବର୍ତ୍ତମାନ ଉତ୍ତର ପଶ୍ଚିମ ବଙ୍ଗୋପସାଗରରେ କେନ୍ଦ୍ରୀଭୂତ ରହିଛି। ଆଗାମୀ ୨୪ ଘଣ୍ଟା ପର୍ଯ୍ୟନ୍ତ ଏହା ଓଡ଼ିଶା ଉପରେ ରହିବାକୁ ଥିବାରୁ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷାର ଆଶଙ୍କା ରହିଛି। ଗୁରୁବାର ବିଶେଷ କରି ନବରଙ୍ଗପୁର, କଳାହାଣ୍ଡି, ବଲାଙ୍ଗିର, ନୂଆପଡ଼ା ଓ ବରଗଡ଼ ଆଦିରେ ବର୍ଷାର ପ୍ରଭାବ ଅଧିକ ରହିବା ନେଇ ପାଣିପାଗ କେନ୍ଦ୍ର କହିଛି। ଅନ୍ୟପଟେ ଉତ୍ତର ଓଡ଼ିଶାରେ ମଧ୍ୟ ବର୍ଷା ବଢ଼ିବା ନେଇ ପୂର୍ବାନୁମାନ କରାଯାଇଛି।

ଗତ ୨୪ ଘଣ୍ଟାରେ ରାଜ୍ୟର ୮ଟି ଅଞ୍ଚଳରେ ୧୦୦ ମିମିରୁ ଅଧିକ ବର୍ଷା ହୋଇଥିବା ବେଳେ ୫ ଟି ଅଞ୍ଚଳରେ ୬୦-୯୦ ମିମି ମଧ୍ୟରେ ବର୍ଷା ରେକର୍ଡ ହୋଇଛି। ବିଶେଷ କରି ଦକ୍ଷିଣ ଓଡ଼ିଶାରେ ବର୍ଷାର ପ୍ରଭାବ ସବୁଠୁ ଅଧିକ ରହିଥିବାରୁ ଏଠାରେ ବିଭିନ୍ନ ସ୍ଥାନରେ ବନ୍ୟା ସ୍ଥିତି ସୃଷ୍ଟି ହୋଇଛି। ରାଜ୍ୟ ଜଳସମ୍ପଦ ବିଭାଗର ମୁଖ୍ୟଯନ୍ତ୍ରୀ ଚନ୍ଦ୍ରଶେଖର ପାଢ଼ୀ କହିଛନ୍ତି ଯେ ବର୍ତ୍ତମାନ ରାଜ୍ୟରେ ବନ୍ୟା ସ୍ଥିତିରେ ସୁଧାର ଆସିବାରେ ଲାଗିଛି। ଏବେ କୌଣସି ନଦୀରେ ବନ୍ୟା ସ୍ଥିତି ନାହିଁ। ଲଘୁଚାପ ପ୍ରଭାବରେ କୋରାପୁଟରେ ପ୍ରବଳ ବର୍ଷା ହୋଇଛି। ସବୁଠୁ ଅଧିକ ବର୍ଷା କୋଲାବ ଅବବାହିକାରେ ହୋଇଛି। ▶ପୃଷ୍ଠା-୭

## ନୂଆଁଖାଇ ଶୁଭେଚ୍ଛା ଜଣାଇଲେ ନବୀନ

■ **ଭୁବନେଶ୍ୱର,୨୭।୮ (ସମିସ):** ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଁଖାଇ ଉପଲକ୍ଷେ ବିରୋଧୀ ଦଳ ନେତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ସମ୍ବଲପୁରୀ ଭାଷାରେ ନବୀନ ଏକ ଭିଡିଓ ବାର୍ତ୍ତାରେ ନୂଆଁଖାଇ ଶୁଭେଚ୍ଛା ଜଣାଇବା ସହ କହିଛନ୍ତି, "ନୂଆଁଖାଇ ଅବସରଥି ଆପଣମାନ୍‌କେ ସମ୍‌କେ ମୋର୍ ଜୁହାର୍। ମାଁ ସମ୍‌ଲେଇ କୃପା ଆପଣମାନ୍‌ଙ୍କର୍ ସମ୍‌ଙ୍କର୍ ଉପରେ ବର୍ଷୁଥାଉ। ଆପଣମାନ୍‌ଙ୍କର୍ ଜୀବନ ସୁଖ୍ ସମୃଦ୍ଧିରେ ଭରିଯାଉ। ଏତ୍‌କି ଗୁହାରି କରୁଛେ। ଜୟ ମାଁ ସମଲେଶ୍ୱରୀ"।




## ଲଗାଣ ବର୍ଷାରେ ବୁଡ଼ିଗଲା ରାଜପଥ
# କାର୍ ସହ ଭାସିଗଲେ ପରିବାରର ୪

■ ମାଲକାନଗିରି,୨୭।୮ (ସମିସ): ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ର କାଙ୍ଗର ଭ୍ୟାଲି ଜାତୀୟ ଉଦ୍ୟାନ ଅଞ୍ଚଳର ୩୦ନମ୍ବର ଜାତୀୟ ରାଜପଥର ଦରଭା ନିକଟରେ ଏକ ହୃଦୟବିଦାରକ ଘଟଣା ସାମ୍ନାକୁ ଆସିଛି। ବନ୍ୟା ପାଣିରେ କାର୍ ଭାସିଯାଇ ଗୋଟିଏ ପରିବାରର ୪ ଜଣଙ୍କର ମୃତ୍ୟୁ ହୋଇଛି। ମୃତକଙ୍କ ମଧ୍ୟରେ ସ୍ୱାମୀ-ସ୍ତ୍ରୀ ଏବଂ ସେମାନଙ୍କର ଦୁଇ ଝିଅ ଅଛନ୍ତି।



ସୂଚନା ଅନୁଯାୟୀ, ତାମିଲନାଡୁର ଏହି ପରିବାର ବସ୍ତର ବୁଲିବାକୁ ଆସିଥିଲେ। ପରିବାରର ଚାରି ଜଣ ସଦସ୍ୟ ପାଣିର ପ୍ରବଳ ପ୍ରବାହରେ ଫସି ଯାଇଥିଲେ। ପରେ କାର୍‌ଟି ଜଳସ୍ରୋତରେ ଭାସି ଯାଇ ବୁଡ଼ି ଯାଇଥିଲା। କାର୍ ଚାଳକ କୌଶଳ କ୍ରମେ ବଞ୍ଚି ଯାଇଥିବା ବେଳେ ପରିବାରର ୪ ଜଣଙ୍କର ମୃତ୍ୟୁ ଘଟିଛି। ଏ ସମ୍ପର୍କରେ ସୂଚନା ପାଇ ପୋଲିସ ଟିମ୍ ସେଠାରେ ପହଞ୍ଚି ଥିଲେ। ଏଏସ୍ପି ମହେଶ୍ୱର ନାଗ କହିଛନ୍ତି ଯେ ବିଳମ୍ବିତ ରାତିରେ ବହୁ ପରିଶ୍ରମ ପରେ ଏସଡିଆରଏଫ ଦଳ କାରରେ ଫସି ରହିଥିବା ମୃତଦେହ ଗୁଡ଼ିକୁ ବାହାର କରିଛି। ସମସ୍ତ ମୃତଦେହ ଗୁଡିକର ବ୍ୟବଚ୍ଛେଦ ପାଇଁ ଜଗଦଲପୁର ମେଡିକାଲ କଲେଜକୁ ପଠାଯାଇଛି। ଘଟଣାର ତଦନ୍ତ ଜାରି ରହିଛି। ମୃତକମାନେ ଜି ରାଜେଶ (୪୩), ପତ୍ନୀ ଜି ପବିତ୍ରା ରାଜେଶ (୪୦), ସୌଜନ୍ୟା (୭) ଏବଂ ସୌମ୍ୟା (୪) ବୋଲି ଜଣାପଡିଛି।









## ରଣଭାର ପାଇଁ ପୁଅକୁ ବିଷ ପିଆଇ ଜୀବନ ହାରିଲେ ଦମ୍ପତି

ନୂଆଦିଲ୍ଲୀ, ୨୭ ।୮ (ଏଜେନ୍ସି): ଉତ୍ତରପ୍ରଦେଶ ଶାହାରାନପୁରରେ ଏକ ଅଭାବନୀୟ ଘଟଣା ଘଟିଛି। ରଣଭାରରେ ବୁଡିଥିବା ପୋଷାକ ବ୍ୟବସାୟୀ ସଚିନ ଗ୍ରୋଭର (୩୦) ତାଙ୍କ ପତ୍ନୀ ଶିବାନୀ (୨୮) ମଙ୍ଗଳବାର ରାତିରେ ନିଜର ୪ ବର୍ଷର ପୁଅ ଫତେକୁ ବିଷ ପିଆଇ ନିଜେ ଆତ୍ମହତ୍ୟା କରିଛନ୍ତି। ପୁଅର ମୃତଦେହ ଗାଧୁଆ ଘରେ ଉଦ୍ଧାର କରାଯାଇଥିବାବେଳେ ସ୍ୱାମୀସ୍ତ୍ରୀଙ୍କ ମୃତଦେହ ସିଲିଂ ଫ୍ୟାନରେ ଝୁଲୁଥିବାର ଦେଖାଯାଇଥିଲା। ଘଟଣାସ୍ଥଳରୁ ମିଳିଥିବା ସୁଇସାଇଡ ନୋଟରେ ଆୟର ଅଭାବ ଓ ରଣଭାର ପାଇଁ ଏଭଳି ଚରମ ନିଷ୍ପତ୍ତି ନେଲୁ ବୋଲି କୁହାଯାଇଛି।

## ଗୁଗୁଲ ମ୍ୟାପ୍ ନେଲା ୩ ଜୀବନ

ଜୟପୁର, ୨୭ ।୮ (ଏଜେନ୍ସି): ଗୁଗୁଲ ମ୍ୟାପ୍ ମୃତ୍ୟୁଯନ୍ତା ପାଲଟି ଯାଇଛି। ଏହି ଆପ୍‌କୁ ଭରସା କରିବାରୁ ରାଜସ୍ଥାନ ଚିତୋରଗଡ଼ରେ ତିନି ଜଣଙ୍କ ଜୀବନ ନେଇଛି। ଗୁଗୁଲ ମ୍ୟାପ୍ ଭୁଲ୍ ରାସ୍ତା ଦେଖାଇବାରୁ ୯ ଜଣଙ୍କୁ ନେଇ ଯାଉଥିବା ଭ୍ୟାନ୍ ରାତିରେ ବାଟବଣା ହୋଇ ୩ ବର୍ଷ ହେଲା ବନ୍ଦଥିବା ଏକ ଭଙ୍ଗା ପୋଲ ଉପରୁ କେନାଲକୁ ଖସି ପଡ଼ିଥିଲା। ପରେ ୫ ଜଣ ସଂଘର୍ଷ କରି ପାଣି ଭିତରୁ ବାହରକୁ ବାହରି ଆସିଥିଲେ। ମାତ୍ର ୨ଜଣ ମହିଳା ଓ ୪ ବର୍ଷର ଶିଶୁକନ୍ୟା ବାହାରି ନ ପାରିବାରୁ ପ୍ରାଣ ହରାଇ ଥିଲେ। ଅନ୍ୟ ଜଣେ ମହିଳା ମଧ୍ୟ ନିଖୋଜ ଅଛନ୍ତି। ଏହି ଭ୍ୟାନ ରାତିରେ ଯିବାବେଳେ ଗାଁ ଲୋକେ ରୋକିବାକୁ ପ୍ରୟାସ କରିଥିଲେ। କିନ୍ତୁ ଗୁଗୁଲ ମ୍ୟାପ୍‌କୁ ଭରସା କରି ଏମାନେ ଆଗେଇ ଯାଇଥିଲେ ବୋଲି ସ୍ଥାନୀୟ ଲୋକ କହିଛନ୍ତି।

## ଆମେରିକା ସ୍କୁଲ୍‌ରେ ଗୁଳିକାଣ୍ଡ; ୩ ମୃତ

ସେଣ୍ଟ ପଲ୍, ୨୭ ।୮ (ଏଜେନ୍ସି): ଆମେରିକାର ସ୍କୁଲ୍‌ରେ ପୁଣି ଏକ ଅଘଟଣ ହୋଇଛି। ମିନେସୋଟା ରାଜ୍ୟର ମିନିଏପଲିସ୍ କ୍ୟାଥଲିକ୍ ସ୍କୁଲ୍‌ରେ ବୁଧବାର ସକାଳେ ହୋଇଥିବା ଗୁଳିକାଣ୍ଡରେ ସୁଟର ସମେତ ୩ ଜଣ ମୃତ୍ୟୁବରଣ କରିଛନ୍ତି। ଏଥିରେ ୨୦ଜଣ ଆହତ ହୋଇଛନ୍ତି। ସକାଳେ ପିଲାମାନେ ଏକାଠି ହେବା ବେଳେ ସୁଟରଜଣକ ଗୁଳି ଚଳାଇଥିଲେ ବୋଲି ସ୍ଥାନୀୟ ଗଣମାଧ୍ୟମଗୁଡ଼ିକ ସୂଚନା ଦେଇଛନ୍ତି। ସୁଟରଜଣକ ପୁଲିସ ଗୁଳିରେ ମୃତ୍ୟୁବରଣ କରିଛି। ସ୍କୁଲ୍‌କୁ ତୁରନ୍ତ ଖାଲି କରାଯାଇଥିଲା ଓ ଆମ୍ବୁଲାନ୍ସ ଯୋଗେ ଆହତ ହୋଇଥିବା ଛାତ୍ରମାନଙ୍କୁ ନିକଟସ୍ଥ ହସ୍ପିଟାଲକୁ ନିଆଯାଇଥିଲା। ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ଏହି ଘଟଣା ସମ୍ପର୍କରେ ମିନେସୋଟା ଗଭର୍ଣ୍ଣର ଅବଗତ କରାଇଛନ୍ତି।

# ଭାରତ, ଚୀନ୍, ପାକିସ୍ତାନରେ ଜଳ ପ୍ରଳୟ

### ଦକ୍ଷିଣ ଏସିଆରେ କାହିଁକି ହେଉଛି ଅସ୍ୱାଭାବିକ ବର୍ଷା ?

ନୂଆଦିଲ୍ଲୀ, ୨୭ ।୮ (ଏଜେନ୍ସି): ଭାରତ, ପାକିସ୍ତାନ ଓ ଚୀନ୍ ସମେତ ସମଗ୍ର ଦକ୍ଷିଣ ଏସିଆରେ ବନ୍ୟାର ତାଣ୍ଡବ ଦେଖିବାକୁ ମିଳୁଛି। ଏଥିପାଇଁ ଧନଜୀବନ ହାନି ହେବା ସହ ଜୀବିକା ମଧ୍ୟ ଧ୍ୱଂସ ହେଉଛି। ଏହି ଅଞ୍ଚଳରେ ଅତ୍ୟଧିକ ତଥା ପ୍ରବଳ ବର୍ଷା କାରଣରୁ ଏପରି ହେଉଛି। ତେବେ ଏହି ଅଞ୍ଚଳରେ ଏତେ ବର୍ଷା କାହିଁକି ହେଉଛି ସେ ନେଇ ଏବେ ପ୍ରଶ୍ନ ଉଠୁଛି। ବର୍ଷା କାରଣରୁ ଭୟଙ୍କର ଭୂସ୍ଖଳନ ହେଉଛି। ଏଭଳି ଭୂସ୍ଖଳନ ହିମାଳୟ ଉପତ୍ୟକାରେ ଅବସ୍ଥିତ ଉତ୍ତରାଖଣ୍ଡ, ହିମାଚଳ ପ୍ରଦେଶ ଓ ଜମ୍ମୁ-କଶ୍ମୀର ଭଳି ରାଜ୍ୟରେ ଅଧିକ ଘଟୁଥିବା ଲକ୍ଷ୍ୟ କରାଯାଉଛି। ଫଳରେ ବ୍ୟାପକ ଜନଜୀବନ ହାନୀ ହେବା ସହ ରାସ୍ତାଘାଟ କ୍ଷତିଗ୍ରସ୍ତ ହେଉଛି। ଦ୍ରୁତ ସହରିକରଣ, ଔଦଗିକକରଣ, ବ୍ୟାପକ ଜଙ୍ଗଲ କ୍ଷୟ ଯୋଗୁଁ ପାଣିପାଗରେ ଅସ୍ୱାଭାବିକ ପରିବର୍ତ୍ତନ ଲକ୍ଷ୍ୟ କରାଯାଉଛି। ଗଙ୍ଗା ନଦୀର ଜଳସ୍ତର ବୃଦ୍ଧିପାଉଥିବାରୁ ଉତ୍ତରପ୍ରଦେଶ ଓ ବିହାର ଭଳି ରାଜ୍ୟରେ ଅସ୍ୱାଭାବିକ ଭାବେ ବନ୍ୟାର ତାଣ୍ଡବ ଦେଖିବାକୁ ମିଳିଛି। ତାୱି, ଚେନାବ ଓ ବସନ୍ତାର ନଦୀରେ ବାରମ୍ବାର ପ୍ରବଳ ବନ୍ୟା ଦେଖିବାକୁ ମିଳିଛି ଓ ତଳିଆ ଅଞ୍ଚଳରେ କ୍ଷୟକ୍ଷତିର ପରିମାଣ ଅଧିକ ଦେଖିବାକୁ ମିଳିଛି।

ପାକିସ୍ତାନର ଉତ୍ତରାଞ୍ଚଳ ଯଥା ଖାଇବର ପଖତୁନଖ୍ୱା (କେପିକେ), ଗିଲଗିଟ ବାଲ୍ଟିସ୍ତାନ ଓ ପଞ୍ଜାବ ବନ୍ୟା ଯୋଗୁଁ ଅଧିକ କ୍ଷତଗ୍ରସ୍ତ ହେଉଛି। ସେହିପରି ଚୀନ୍‌ରେ ଗତ ଦୁଇମାସ ହେବ ଜାରି ରହିଥିବା ପ୍ରବଳ ବର୍ଷା ଯୋଗୁଁ ମୋଟ୍ ଉପରେ ୧.୮୪ ଲକ୍ଷ କୋଟି ଟଙ୍କା କ୍ଷତି ହୋଇଛି। ବର୍ଷା ଦିନେ ଏହି ଅଞ୍ଚଳରେ ସ୍ୱାଭାବିକ୍ ଭାବେ ବର୍ଷା ହୋଇଥାଏ। କିନ୍ତୁ ଚଳିତ ବର୍ଷ ବର୍ଷାର ପରିମାଣ ଅସ୍ୱାଭାବିକ ଭାବେ ବୃଦ୍ଧି ପାଇଛି। ଏ ନେଇ ଗହନ ଯାଞ୍ଚର ଆବଶ୍ୟକତା ରହିଛି। ସମଗ୍ର ଅଞ୍ଚଳରେ ବର୍ଷାର ଆପେକ୍ଷିକ ସ୍ଥାନ, ସମୟ ଓ ପରିମାଣରେ ପରିବର୍ତ୍ତନ ହୋଇଛି। ତାପମାତ୍ରା ବୃଦ୍ଧି ଯୋଗୁଁ ମୌସୁମୀ ଏବେ ଦକ୍ଷିଣ ଆଡକୁ ମୁହାଁଇଥିବା ଲକ୍ଷ୍ୟ କରାଯାଇଛି। ଏହି କ୍ରମରେ ଭାରତର ଉତ୍ତରାଞ୍ଚଳ ରାଜ୍ୟ ଅପେକ୍ଷା ରାଜସ୍ଥାନ ଓ ଗୁଜରାଟରେ ଅଧିକ ବର୍ଷା ହୋଇଛି। ତାପବୃଦ୍ଧି ହେବା ସହ ପାର୍ବତ୍ୟାଞ୍ଚଳରେ ବାଷ୍ପିକରଣରେ ବୃଦ୍ଧି ପରିଲକ୍ଷିତ ହେଉଛି। ବାଦଲ ଆବଶ୍ୟକତାଠାରୁ ଅଧିକ ଆଦ୍ରତା ରହୁଥିବାରୁ ଅଳ୍ପ ସମୟ ମଧ୍ୟରେ ପ୍ରବଳ ବର୍ଷା ପରିଲକ୍ଷିତ ହେଉଛି। ସେହିପରି ଭୂପୃଷ୍ଠ ଜଳରେ ଅତ୍ୟଧିକ ବାଷ୍ପିକରଣ ଯୋଗୁଁ ମଧ୍ୟ ଅଧିକ ବର୍ଷା ହେଉଛି। ପାକିସ୍ତାନର ଉତ୍ତରାଞ୍ଚଳରେ ମଧ୍ୟ ସମାନ ସ୍ଥିତି ପରିଲକ୍ଷିତ ହେଉଛି। ତାପମାତ୍ରରେ ବୃଦ୍ଧି କାରଣରୁ ପାକିସ୍ତାନ ଓ ଉତ୍ତରପଶ୍ଚିମ ଭାରତରେ ଲଘୁଚାପ ସୃଷ୍ଟି ହେଉଛି। ଉଚ୍ଚ ଚାପଯୁକ୍ତ ଅଞ୍ଚଳରୁ ନିଚ୍ଚ ଚାପଯୁକ୍ତ ଅଞ୍ଚଳକୁ ବାୟୁ ସଞ୍ଚାଳିତ ହେବାରୁ ପ୍ରବଳ ବର୍ଷା ହେଉଛି। ପୁଣି ଦକ୍ଷିଣ ଏସିଆରେ ଖରାପ ଜଳ ସଂରକ୍ଷଣ ଓ ପ୍ରବନ୍ଧନ କାରଣରୁ ବନ୍ୟାକୁ ନିୟନ୍ତ୍ରଣ କରାଯାଇ ପାରୁନାହିଁ। ପ୍ରାକୃତିକ ବିପର୍ଯ୍ୟୟର ପ୍ରାକ ସୂଚନା ଯୋଗୁଁ ଜୀବନ ହାନୀ ସଂଖ୍ୟା କମ୍ ହେଉଥିଲେ ମଧ୍ୟ ଧନସମ୍ପତ୍ତି କ୍ଷୟକ୍ଷତିକୁ ରୋକା ଯାଇପାରୁନାହିଁ। ତେଣୁ ପ୍ରକୃତିର ତାଣ୍ଡବରୁ ରକ୍ଷା ପାଇବାକୁ ହେଲ ପ୍ରକୃତିକୁ ସମ୍ମାନ ଦେବାର ସମୟ ଆସି ଉପନୀତ ହୋଇଛି।



## ଅଧା ସାଂସଦ, ବିଧାୟକଙ୍କ ନାମରେ ମାମଲା

### ଦେଶରେ ଆପରାଧିକ ରେକର୍ଡ ଥିବା ସାଂସଦଙ୍କ ସଂଖ୍ୟା ୧୬% ବୃଦ୍ଧି

ନୂଆଦିଲ୍ଲୀ, ୨୭।୮ (ଏଜେନ୍ସି): ଆପରାଧିକ ମାମଲାରେ ଗିରଫ ହୋଇ ୩୦ ଦିନ ପର୍ଯ୍ୟନ୍ତ ଜେଲ୍‌ରେ ଥିବା ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ କିମ୍ବା ମନ୍ତ୍ରୀଙ୍କୁ ହଟାଇବା ପାଇଁ କେନ୍ଦ୍ର ସରକାର ୧୩୦ ତମ ସମ୍ବିଧାନ ସଂଶୋଧନ ବିଲ୍ ଆଣିଛନ୍ତି। ଏପରି ସମୟରେ ଚିନ୍ତା ଜନକ ରିପୋର୍ଟ ସାମ୍ନାକୁ ଆସିଛି। ଦେଶର ଅଧା ସାଂସଦ ଏବଂ ବିଧାୟକ ବିରୋଧରେ ଆପରାଧିକ ମାମଲା ରହିଛି। ଆପରାଧିକ ମାମଲା ଥିବା ସାଂସଦଙ୍କ ସଂଖ୍ୟା ଗତ ୧୫ ବର୍ଷରେ ୧୬% ବୃଦ୍ଧି ପାଇଛି। ୨୦୦୯ରେ ୩୦ % ସାଂସଦଙ୍କ ଉପରେ ଆପରାଧିକ ମାମଲା ଥିଲା। ଏମାନଙ୍କ ମଧ୍ୟରୁ ୧୪ %ଙ୍କ ଉପରେ ଗମ୍ଭୀର ମାମଲା ରହିଥିଲା। ୨୦୧୪ରେ ଏହା ଏକ ତୃତୀୟାଂଶ ଏବଂ ଗମ୍ଭୀର ମାମଲା ଏକ ପଞ୍ଚମାଂଶ ହୋଇଥିଲା। ସେହିପରି ୨୦୧୯ରେ ୪୩%ଏବଂ ଗମ୍ଭୀର ମାମଲା ୨୯% ଥିଲା। କିନ୍ତୁ ୨୦୨୪ ନିର୍ବାଚନ ପରେ ଗଠିତ ସଂସଦରେ ଏହି ସଂଖ୍ୟା ଅଧିକ ବୃଦ୍ଧି ପାଇଥିଲା। ଏବେ ୪୬ % ସାଂସଦଙ୍କ ବିରୋଧରେ ଆପରାଧିକ ମାମଲା ରହିଛି। ଏହା ମଧ୍ୟରୁ ୩୧%ଙ୍କ ଉପରେ ଗମ୍ଭୀର ମାମଲା ରୁଜୁ ହୋଇଛି। ନିର୍ବାଚନ ସୁଧାର ପାଇଁ କାର୍ଯ୍ୟ କରୁଥିବା ଏନ୍‌ଜିଓ ଆସୋସିଏସନ ଫର୍ ଡେମୋକ୍ରାଟିକ ରିଫର୍ମ୍ସ (ଏଡିଆର) ପକ୍ଷରୁ ଜାରି ରିପୋର୍ଟରେ ଏହି ସୂଚନା ଦିଆଯାଇଛି। ରିପୋର୍ଟ ଅନୁଯାୟୀ ବର୍ତ୍ତମାନ ସମୟରେ ସାରା ଦେଶର ୪୫ ପ୍ରତିଶତ ବିଧାୟକ ବିରୋଧରେ ଆପରାଧିକ ମାମଲା ରହିଛି। ମହିଳା ସମ୍ବନ୍ଧିତ ଅପରାଧରେ ପଶ୍ଚିମବଙ୍ଗ (୨୩ ବିଧାୟକ) ଆଗରେ ରହିଛି। ଆନ୍ଧ୍ରପ୍ରଦେଶ ଦ୍ୱିତୀୟ (୨୧ ବିଧାୟକ) ସ୍ଥାନରେ ଅଛି। ସେହିପରି ଓଡ଼ିଶାର ୧୬ ଜଣ, ମହାରାଷ୍ଟ୍ରର ୧୦ ଜଣ ଏବଂ ବିହାର ୮ ଜଣ ବିଧାୟକଙ୍କ ବିରୋଧରେ ମହିଳା ବିରୋଧୀ ମାମଲା ରହିଛି। ସେହିପରି ଦେଶର ୪୫ % ବିଧାୟକ ନିଜ ନାମରେ ଆପରାଧିକ ମାମଲା ଥିବା ଘୋଷଣା କରିଛନ୍ତି। ତେବେ ଏମାନଙ୍କ ମଧ୍ୟରୁ ୨୯ ପ୍ରତିଶତଙ୍କ ବିରୋଧରେ ଗମ୍ଭୀର ମାମଲା ରହିଛି।

## ଯୌତୁକ ହତ୍ୟା ମାମଲାର ମୋଡ଼ ବଦଳିଲା

### ନିକିଙ୍କ ପରିବାର ବିରୋଧରେ ଯୌତୁକ ନିର୍ଯାତନା ଅଭିଯୋଗ

ନୋଏଡ଼ା, ୨୭।୮ (ଏଜେନ୍ସି): ନୋଏଡ଼ାରେ ଯୌତୁକ ପାଇଁ ନିକି ଭାଟିଙ୍କୁ ଜିଅନ୍ତା ଜାଳିଦେବା ମାମଲା ଦିନକୁ ଦିନ ନୂଆ ମୋଡ଼ ନେବାରେ ଲାଗିଛି। ନିକିଙ୍କ ପରିବାର ତାଙ୍କ ସ୍ୱାମୀ ବିପିନ ଏବଂ ଶଶୁର ଘର ବିରୋଧରେ ଯୌତୁକ ମାମଲା ରୁଜୁ କରିଥିବାବେଳେ ଏବେ ନିଜ ପରିବାର ଉପରେ ସମାନ ଅଭିଯୋଗ ଲାଗିଛି। ନିକିଙ୍କ ଭାଇ ରୋହିତ ପାୟଲାଙ୍କ ସ୍ତ୍ରୀ (ଅଲଗା ରହୁଥିବା) ମିନାକ୍ଷୀ ଏହି ଅଭିଯୋଗ ଲଗାଇଛନ୍ତି। ଶଶୁର ଘର ଲୋକ ତାଙ୍କୁ ଯୌତୁକ ପାଇଁ ନିର୍ଯାତନା ଦେଉଥିବା କହିଛନ୍ତି।

ରୋହିତ ୨୦୧୬ରେ ପାଲା ଗ୍ରାମର ମିନାକ୍ଷୀଙ୍କୁ ବିବାହ କରିଥିଲେ। ତାଙ୍କ ପରିବାର ଯୌତୁକରେ ମାରୁତି ସୁଜୁକି ସିଆଜ ଦେଇଥିଲେ। କିନ୍ତୁ ଅଶୁଭ କହି ଶଶୁର ଘର ଲୋକେ ଏହାକୁ ବିକି ଦେଇଥିଲେ। ଏହା ବଦଳରେ ସ୍କର୍ପିଓ ଏସ୍‌ୟୁଭି ଏବଂ ଟଙ୍କା ମାଗିଥିବା ମିନାକ୍ଷୀଙ୍କ ପରିବାର ଦାବି କରିଛନ୍ତି। ମାତ୍ର ଏହା ଦେବାକୁ ମନା କରିବାରୁ ପାୟଲା ପରିବାର ବୋହୂ ମିନାକ୍ଷୀଙ୍କୁ ବାପ ଘରକୁ ପଠାଇ ଦେଇଥିଲେ। ପରେ ଏହି ମାମଲା ଗ୍ରାମପଞ୍ଚାୟତକୁ ଯାଇଥିଲା। ଏହାର ବିଚାର କରି ବୋହୂକୁ ଗ୍ରହଣ କର ନଚେତ ବିବାହରେ ଖର୍ଚ୍ଚ ହୋଇଥିବା ୩୫ ଲକ୍ଷ ଟଙ୍କା ଫେରାଇବାକୁ ପାୟଲା ପରିବାରକୁ ନିର୍ଦ୍ଦେଶ ଦିଆଯାଇଥିଲା। କିନ୍ତୁ ଏହାକୁ ନିକିଙ୍କ ପରିବାର ମାନି ନ ଥିଲେ। ଆଜି ପର୍ଯ୍ୟନ୍ତ ମିନାକ୍ଷୀ ଅଲଗା ହୋଇ ରହିଛନ୍ତି। ନିକିଙ୍କ ବାପା ଭିକାରୀ ସିଂହ ପାୟଲା ତାଙ୍କୁ ଗ୍ରହଣ କରିବାକୁ ରାଜି ହେଉ ନ ଥିବା ମିନାକ୍ଷୀ କହିଛନ୍ତି।

ଏ ବିଷୟରେ ନିକିଙ୍କ ଭାଇକୁ ପଚରାଯିବାରୁ ସେ କିଛି କହିବାକୁ ରାଜି ନ ଥିଲେ। ଏହା କେବଳ ଅଭିଯୋଗ କହି ଏଡ଼ାଇ ଯାଇଥିଲେ। କିନ୍ତୁ ତାଙ୍କ ପାଖରେ ଛିଡ଼ା ହୋଇଥିବା ଜଣେ ବ୍ୟକ୍ତି କହିଥିଲେ ଯେ ଏହି ମାମଲାକୁ ନେଇ ଦୁଇ ପରିବାର ପରସ୍ପର ଉପରେ ବନ୍ଧୁକ ଉଠାଇ ଥିଲେ। ସେ ପାୟଲା ପରିବାରଙ୍କ ପକ୍ଷ ନେଇ ଆମେ ମିନାକ୍ଷୀଙ୍କୁ ପୋଡ଼ି ନାହୁଁ ବୋଲି କହିଥିଲେ। ଅନ୍ୟପଟେ ଗିରଫ ହୋଇଥିବା ନିକିଙ୍କ ଶଶୁର ମିନାକ୍ଷୀଙ୍କୁ ଘରକୁ ଫେରେଇ ନେବାକୁ ଆଶ୍ୱାସନା ଦେଇଥିଲେ। ସମ୍ପର୍କ ଆଧାରରେ ସେ ପାୟଲାଙ୍କୁ ବୁଝାଇବେ ବୋଲି କହିଥିଲେ। ପୂର୍ବରୁ ନିକିଙ୍କ ବାପା ମଧ୍ୟ ଯୌତୁକକୁ ଉଚିତ ଦର୍ଶାଇ ଥିଲେ। ଆମ ସମାଜରେ ଏପରି ଚାଲୁଛି ବୋଲି କହିଥିଲେ।

## ଟ୍ରମ୍ପଙ୍କ ଦାବି | ଯୁଦ୍ଧ ବନ୍ଦ ପାଇଁ ମୋଦୀଙ୍କୁ ଧମକ ଦେଇଥିଲି



ୱାଶିଂଟନ, ୨୭।୮ (ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପୁଣି ଭାରତ-ପାକିସ୍ତାନ ସଂଘର୍ଷକୁ ବନ୍ଦ କରି ପରମାଣୁ ଯୁଦ୍ଧ ଅଟକାଇ ଥିବା ଦାବି କରିଛନ୍ତି। ବୁଧବାର ହ୍ୱାଇଟ ହାଉସରେ ଅନୁଷ୍ଠିତ କ୍ୟାବିନେଟ ବୈଠକରେ ଟ୍ରମ୍ପ କହିଥିଲେ ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଫୋନ୍ କରି ଚେତାବନୀ ଦେଇଥିଲି। ଯୁଦ୍ଧ ବନ୍ଦ ନ କଲେ ଚଢ଼ା ଶୁଳ୍କ ଲଗାଇବାକୁ କହିଥିଲି। ଏହି ସଂଘର୍ଷ ପରମାଣୁ ଯୁଦ୍ଧମୁହାଁ ହେଉଥିଲା। ତେଣୁ ଦୁଇ ଦେଶ ମଧ୍ୟରେ ବିବାଦର ସମାଧାନ ନ ହେବା ପର୍ଯ୍ୟନ୍ତ ବାଣିଜ୍ୟ ଚୁକ୍ତିକୁ ରୋକି ଦିଆଯିବ। ଭାରତ ଉପରେ ଏତେ ଶୁଳ୍କ ଲଗାଯିବ ଯେ ମୁଣ୍ଡ ବୁଲାଇବ ବୋଲି କହିଥିଲି। ଏହାର ୫ ଘଣ୍ଟା ପରେ ଦୁଇ ଦେଶ ପଛକୁ ହଟିଥିଲେ। ତେବେ ଭାରତ ସର୍ବଦା ଏହି ଦାବିକୁ ଖାରଜ କରି ଆସିଛି। ଟ୍ରମ୍ପ ପୁଣି କହିଥିଲେ ଯେ ମୋଦୀ ଜଣେ ବହୁତ ଭଲ ଲୋକ। ତାଙ୍କ ସହ କଥା ହୋଇ ଭାରତ ଏବଂ ପାକିସ୍ତାନ ମଧ୍ୟରେ କ'ଣ ଚାଲିଛି ବୋଲି ପଚାରି ଥିଲି। ଉଭୟ ଦେଶ ମଧ୍ୟରେ ଘୃଣା ଥିଲା। ଏବେ ଏହି ମାମଲାର ସମାଧାନ ହୋଇଯାଇଛି। ପୁଣି ଆରମ୍ଭ ହେଲେ ମଧ୍ୟ ରୋକିବି। କେବେ ଏପରି ହେବାକୁ ଦେବୁନି। ଟ୍ରମ୍ପ ଦାବି କରିଛନ୍ତି ଯେ ଏହି ସଂଘର୍ଷରେ ଅନେକ ଯୁଦ୍ଧ ବିମାନ ଧ୍ୱଂସ ହୋଇଛି। ଏହାର ମୂଲ୍ୟ ପ୍ରାୟ ୧୫ କୋଟି ଡଲାର ହେବ। ତେବେ ଟ୍ରମ୍ପ ଏ ନେଇ କୌଣସି ପ୍ରମାଣ ଦେଇନାହାନ୍ତି। କିନ୍ତୁ ସେ ଏହି ସଂଘର୍ଷକୁ ରୁଷ-ୟୁକ୍ରେନ ଯୁଦ୍ଧ ସହ ତୁଳନା କରି ଏହା ବୈଶ୍ୱିକ ସଙ୍କଟରେ ରୂପ ନେଇପାରିଥାନ୍ତା ବୋଲି କହିଥିଲେ।

## ସ୍କୁଲ ଟଏଲେଟ୍‌ରେ ଜଳିଗଲେ ଛାତ୍ରୀ

ପାଟନା, ୨୭ ।୮ (ଏଜେନ୍ସି): ବିହାର ପାଟନାରେ ଆଉ ଏକ ବଡ଼ ଘଟଣା ଘଟିଛି। ଗର୍ଦ୍ଦନିବାଗ ଅଞ୍ଚଳରେ ଚିତଖୋରା ଅଞ୍ଚଳର ଏକ ସରକାରୀ ବିଦ୍ୟାଳୟରେ ଜଣେ ୫ମ ଶ୍ରେଣୀ ଛାତ୍ରୀ ନିଆଁରେ ଜଳି ଯାଇଛନ୍ତି। ଆମଲା ତୋଲା କନ୍ୟା ବିଦ୍ୟାଳୟର ଏକ ଟଏଲେଟ୍‌ରେ ଜଳିଯାଇ ଛାତ୍ରୀଜଣକ ମୃତ୍ୟୁବରଣ କରିଛନ୍ତି। ଟଏଲେଟରୁ ଧୂଆଁ ବାହରୁଥିବାର ଦେଖି ଶିକ୍ଷକ ଓ ବିଦ୍ୟାଳୟ କର୍ମଚାରୀମାନେ ତାଙ୍କୁ ଉଦ୍ଧାର କରିଥିଲେ। ଘଟଣାପରେ ଛାତ୍ରୀଙ୍କ ପରିବାର ଲୋକେ ଓ ଛାତ୍ରମାନେ ସ୍କୁଲ୍‌ରେ ଭଙ୍ଗାରୁଜା କରିଛନ୍ତି। ସୂଚନା ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚିଥିଲା। କିନ୍ତୁ ଉତ୍ୟକ୍ତ ଲୋକେ ପୁଲିସ ଉପରେ ଆକ୍ରମଣ କରିଥିଲେ।


## କଲେଜିୟମ ଅସହମତି ସତ୍ତ୍ୱେ ୨ ବିଚାରପତି ନିଯୁକ୍ତ

ନୂଆଦିଲ୍ଲୀ, ୨୭।୮ (ଏଜେନ୍ସି): ପାଟନା ହାଇକୋର୍ଟର ମୁଖ୍ୟ ବିଚାରପତି (ସିଜେ) ଭିପୁଲ ପାଞ୍ଚୋଲି ଏବଂ ବମ୍ବେ ହାଇକୋର୍ଟର ସିଜେ ଆଲୋକ ଅରାଧେଙ୍କୁ ସୁପ୍ରିମକୋର୍ଟ ବିଚାରପତି ନିଯୁକ୍ତି କରାଯାଇଛି। ବିଚାରପତିଙ୍କ ମଧ୍ୟରେ ଅସହମତି ସତ୍ତ୍ୱେ ସୁପ୍ରିମକୋର୍ଟ କଲେଜିୟମ କରିଥିବା ଏହି ସୁପାରିସକୁ ବୁଧବାର କେନ୍ଦ୍ର ମଞ୍ଜୁରୀ ଦେଇଛି। ଆଇନମନ୍ତ୍ରୀ ଅର୍ଜୁନ ରାମ ମେଘୱାଲ ଏହି ସୂଚନା ଦେଇଛନ୍ତି। ଏହା ସହିତ ସୁପ୍ରିମକୋର୍ଟ ବିଚାରପତିଙ୍କ ସଂଖ୍ୟା ୩୪ରେ ପହଞ୍ଚିଛି। ତେବେ ଜଷ୍ଟିସ ପାଞ୍ଚୋଲିଙ୍କ ସୁପାରିସକୁ ନେଇ କଲେଜିୟମରେ ସାମିଲ ଜଷ୍ଟିସ ବିଭି ନାଗରତ୍ନା ଏହାକୁ ତୀବ୍ର ବିରୋଧ କରିଥିଲେ। ଜଷ୍ଟିସ ପାଞ୍ଚୋଲିଙ୍କ ସୁପାରିସ ନ୍ୟାୟପାଳିକା ଉପରେ ପ୍ରତିକୂଳ ପ୍ରଭାବ ପକାଇବ ଏବଂ କଲେଜିୟମର ବିଶ୍ୱସନୀୟତାକୁ ନଷ୍ଟ କରିଦେବ ବୋଲି କହିଥିଲେ। ଜଷ୍ଟିସ ପାଞ୍ଚୋଲି ସୁପ୍ରିମକୋର୍ଟକୁ ପଦୋନ୍ନତି ପାଇଲେ ୨୦୩୧ ଅକ୍ଟୋବର ସୁଦ୍ଧା ସିଜେଆଇ ହୋଇପାରନ୍ତି। ସୂତ୍ର ଅନୁଯାୟୀ ଗତ ମେ' ମାସରେ ମଧ୍ୟ ଜଷ୍ଟିସ ନାଗରତ୍ନା ଏହି ପ୍ରସ୍ତାବ ଉପରେ ଅସହମତି ପ୍ରକାଶ କରିଥିଲେ। ସେତେବେଳେ ପ୍ରଥମ ଥର ପାଇଁ ଜଷ୍ଟିସ ପାଞ୍ଚୋଲିଙ୍କ ନାମ ସାମ୍ନାକୁ ଆସିଥିଲା। ପରେ ଜଷ୍ଟିସ ଏନ ଭି ଅଞ୍ଜାରିଆଙ୍କୁ ନିଯୁକ୍ତି କରାଯାଇଥିଲା। ତେଣୁ ତିନି ମାସ ପରେ ପୁଣି ଜଷ୍ଟିସ ପାଞ୍ଚୋଲିଙ୍କ ନାମ ସାମ୍ନାକୁ ଆସିବାରୁ ଜଷ୍ଟିସ ନାଗରତ୍ନା ଔପଚାରିକ ଭାବେ ଅସହମତି ପ୍ରକଟ କରିଥିଲେ।

- ଜମ୍ମୁ-କାଶ୍ମୀରର ଅନନ୍ତନାଗ କୋର୍ଟ ଜଳମଗ୍ନ

## ବୋଟ୍‌ରେ ପହଞ୍ଚିଲେ ବିଚାରପତି

ଅନନ୍ତନାଗ,୨୭ ।୮ (ଏଜେନ୍ସି): ଜମ୍ମୁ-କଶ୍ମୀରରେ ଭୀଷଣ ବର୍ଷା ଯୋଗୁ ରାଜ୍ୟର ଅଧିକାଂଶ ସ୍ଥାନ ଜଳମଗ୍ନ ହୋଇଛି। ଅନନ୍ତନାଗର ଜିଲ୍ଲା କୋର୍ଟରେ ମଧ୍ୟ ବନ୍ୟାଜଳ ପସିଛି। ବନ୍ୟା ସତ୍ତ୍ୱେ ପ୍ରଧାନ ଜିଲ୍ଲା ବିଚାରପତି ତାହିର ଖୁର୍ସିଦ ରାଇନା ବୋଟ୍ ଯୋଗେ କୋର୍ଟ ପରିସରରେ ପହଞ୍ଚି ବନ୍ୟା ସ୍ଥିତି, ନ୍ୟାୟିକ ଓ ଅତ୍ୟାବଶକୀୟ କାର୍ଯ୍ୟ ଯେପରି ବାଧାପ୍ରାପ୍ତ ନହୁଏ ସେ ନେଇ ସମୀକ୍ଷା କରିଥିଲେ। ବନ୍ୟା ଯୋଗୁ କୋର୍ଟ ରୁମ୍, କାର୍ଯ୍ୟାଳୟ, ରେକର୍ଡ ରୁମ୍ ମଧ୍ୟ ଜଳମଗ୍ନ ହୋଇଥିଲା। ନ୍ୟାୟିକ ରେକର୍ଡର ସୁରକ୍ଷା ବିଷୟରେ ବୁଝାସୁଝା କରିବାକୁ ସେ କୋର୍ଟ ପରିସରରେ ବୋଟ ଯୋଗେ ପ୍ରବେଶ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।




## ମନ୍ତ୍ରୀ, ବିଧାୟକଙ୍କୁ ଘଉଡ଼ାଇଲେ ଗ୍ରାମବାସୀ

### ଧୋତି ଧରି ଧାଇଁଲେ ଗ୍ରାମୀଣ ବିକାଶମନ୍ତ୍ରୀ



ନାଳନ୍ଦା, ୨୭।୮ (ଏଜେନ୍ସି): ବିହାର ବିଧାନସଭା ନିର୍ବାଚନ ପୂର୍ବରୁ ନାଳନ୍ଦାର ମଲାମା ଗ୍ରାମରୁ ଆଶ୍ଚର୍ଯ୍ୟ କଲା ଭଳି ଏକ ଖବର ଆସିଛି। ଏଠାରେ ଗ୍ରାମବାସୀ ଗ୍ରାମୀଣ ବିକାଶମନ୍ତ୍ରୀ ଶ୍ରବଣ କୁମାର ଏବଂ ହିଲ୍‌ସା ବିଧାୟକ କୃଷ୍ଣ ମୁରାରୀ ଓରଫ ପ୍ରେମ ମୁଖିଆଙ୍କ ଉପରେ ରାଗି ଯାଇଛନ୍ତି। ସ୍ଥିତି ଏମିତି ହୋଇଛି ଯେ ମନ୍ତ୍ରୀ ଏବଂ ବିଧାୟକ କାର୍‌ରେ ବସିବା ପରେ ବି ଲୋକେ ଛାଡ଼ି ନ ଥିଲେ। ଚାରିପଟୁ ଘେରି ଠେଙ୍ଗାବାଡ଼ିରେ ଗାଡ଼ି ଉପରେ ଆକ୍ରମଣ କରିଥିଲେ। ଏହା ଦେଖି ମନ୍ତ୍ରୀ ଏବଂ ବିଧାୟକ ଭୟରେ ଥରହର ହୋଇଥିଲେ। ସୁରକ୍ଷାକର୍ମୀ ତୁରନ୍ତ ମନ୍ତ୍ରୀଙ୍କୁ ଗାଡ଼ିରୁ ବାହାର କରିଥିଲେ। ସେ ଦୌଡ଼ି ଦୌଡ଼ି ୫୦୦ ମିଟର ଦୂରରେ ଥିବା ଆଉ ଏକ ଗାଡ଼ିରେ ବସିଥିଲେ। କିନ୍ତୁ ଗାଁ ଲୋକେ ବି ଛାଡ଼ି ନ ଥିଲେ। ସେମାନେ ମନ୍ତ୍ରୀଙ୍କ ପଛେ ପଛେ ଦୌଡ଼ି ଥିଲେ ଅନ୍ୟ କାର୍‌କୁ ମଧ୍ୟ ଘେରି ନେଇ ଆକ୍ରମଣ କରିଥିଲେ। ମନ୍ତ୍ରୀ ଏବଂ ବିଧାୟକଙ୍କୁ ବଞ୍ଚାଇବାକୁ ଯାଇ ବଡି ଗାର୍ଡ ଆହତ ହୋଇଥିଲେ। ପରେ ଉଭୟଙ୍କୁ ତୃତୀୟ ଗାଡ଼ିକୁ ନିଆଯାଇଥିଲା। ଏହି ସମୟରେ ମନ୍ତ୍ରୀ ଧୋତି ଧରି ଗାଡ଼ି ପାଇଁ ପ୍ରାୟ ଏକ କିମି ପର୍ଯ୍ୟନ୍ତ ଦୌଡୁଥିବାର ଦୃଶ୍ୟ ଭାଇରାଲ ହେବାରେ ଲାଗିଛି। ପରେ ତୃତୀୟ ଗାଡ଼ିରେ ମନ୍ତ୍ରୀ ଏବଂ ବିଧାୟକଙ୍କୁ ପଠା ଯାଇଥିଲା। ମାତ୍ର ଗ୍ରାମବାସୀ ପଛରେ ଦୌଡ଼ି ଗାଡ଼ି ଉପରକୁ ପଥର ଏବଂ ଠେଙ୍ଗାବାଡ଼ି ମାଡ କରିଥିଲେ। ସ୍ଥିତିକୁ ଦେଖି ଗାଁରେ ଅଧିକ ସୁରକ୍ଷାବାହିନୀଙ୍କୁ ମୁତୟନ କରାଯାଇଛି। ମନ୍ତ୍ରୀ ଏବଂ ବିଧାୟକଙ୍କ ଉପରେ ଆକ୍ରମଣ କରିଥିବା ଲୋକଙ୍କୁ ଚିହ୍ନଟ କରାଯାଉଛି।

ସୂଚନାଯୋଗ୍ୟ ଯେ ନାଳନ୍ଦା ହେଉଛି ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କ ଗୃହ ଜିଲ୍ଲା। ରାଜ୍ୟରେ ଗତ ତିନି ଦିନ ମଧ୍ୟରେ ଦୁଇ ମନ୍ତ୍ରୀଙ୍କ ଉପରେ ଆକ୍ରମଣ ହେଲାଣି। ଗତ ୨୫ ତାରିଖରେ ପାଟନାର ଅଟଳ ପଥରେ ସ୍ୱାସ୍ଥ୍ୟମନ୍ତ୍ରୀ ମଙ୍ଗଳ ପାଣ୍ଡେଙ୍କ ଗାଡ଼ି ଉପରକୁ ପଥରମାଡ଼ ହୋଇଥିଲା।

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI
◆VOLUME- 43 ◆ISSUE-64 ◆THURSDAY ◆28 AUGUST 2025 ◆PAGE-12 ◆₹ 6.00
◆ବର୍ଷ-୪୩ ◆ସଂଖ୍ୟା-୬୪ ◆ଗୁରୁବାର ◆୨୮ ଅଗଷ୍ଟ ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦




## ଅଗ୍ରପୂଜ୍ୟ ଗଜାନନଙ୍କ ଆବାହନରୁ ଆରମ୍ଭ ହେଲା ପାର୍ବଣ ଋତୁ

'ସକାଳ' ଓ 'ନନ୍ଦିଘୋଷ ଟିଭି' ମୁଖ୍ୟ କାର୍ଯ୍ୟାଳୟରେ ବିଘ୍ନବିନାଶକଙ୍କ ପୂଜାର୍ଚ୍ଚନା

# ୫୨ଲକ୍ଷ ଚାଷୀଙ୍କୁ ସିଏମ୍ କିଷାନ ସହାୟତା

## ଅନ୍ନଦାତାଙ୍କ ଉନ୍ନତି ବିନା ରାଜ୍ୟର ପ୍ରଗତି ଅସମ୍ଭବ: ମୁଖ୍ୟମନ୍ତ୍ରୀ

■ ଭୁବନେଶ୍ୱର, ୨୭।୮ (ସମିସ): ବୁଧବାର ରାଜ୍ୟରେ ବିଭିନ୍ନ ବର୍ଗର ୫୧ ଲକ୍ଷ ୫୪ ହଜାର ୧୧୫ ଜଣ କୃଷକଙ୍କୁ ଡିବିଟି ମାଧ୍ୟମରେ ସିଏମ୍ କିଷା।ନ ଯୋଜନାରେ ମୋଟ ୧ଲକ୍ଷ ୪ହଜାର ୧୨୯ କୋଟି ଟଙ୍କାର ଅର୍ଥରାଶି ବଣ୍ଟନ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ବିନା ଅନ୍ନଦାତାଙ୍କ ଉନ୍ନତିରେ ରାଜ୍ୟର ପ୍ରଗତି ଅସମ୍ଭବ। ତେଣୁ ଚାଷୀଙ୍କ ଆର୍ଥିକ ଅଭିବୃଦ୍ଧି ପାଇଁ ସରକାର ବିଭିନ୍ନ ପଦକ୍ଷେପ ନେଉଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ଏହି ଅବସରରେ କହିଛନ୍ତି।




ଓୟୁଏଟିସ୍ଥିତ କୃଷି ଶିକ୍ଷା ସଦନଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଆହୁର କହିଛନ୍ତି ଯେ ଆଳୁ ଓଡ଼ିଶାର ପ୍ରମୁଖ ପରିବା ଫସଲ ମଧ୍ୟରୁ ଅନ୍ୟତମ। ଆଳୁ ଉତ୍ପାଦନରେ ରାଜ୍ୟକୁ ଆତ୍ମନିର୍ଭରଶୀଳ କରିବା ପାଇଁ ରାଜ୍ୟର ୩ ହଜାର ୧୧୫ କ୍ଲଷ୍ଟର୍‌ରେ ୩୬ ହଜାରରୁ ଅଧିକ ଚାଷୀ ସଚେତନତା କାର୍ଯ୍ୟକ୍ରମ କରାଯାଇ ପ୍ରାୟ ୧ ଲକ୍ଷ ହିତାଧିକାରୀଙ୍କୁ ଆଳୁ ଚାଷରେ ସାମିଲ କରାଯାଇଛି। ଗତବର୍ଷ ରାଜ୍ୟର ସମସ୍ତ ଜିଲ୍ଲାରେ ୧ ଲକ୍ଷ ୬୦ ହଜାର ୮୭୪ କ୍ୱିଣ୍ଟାଲ୍‌ର ପ୍ରାମାଣିକ ବିହନ ଆଳୁ ବଣ୍ଟନ କରାଯାଇଛି। ଏହା ପୂର୍ବ ବର୍ଷ ତୁଳନାରେ ୩ ଗୁଣ ଅଧିକ। ରାଜ୍ୟରେ ଶୀତଳ ଭଣ୍ଡାର ସ୍ଥାପନ ନିମନ୍ତେ ଆର୍ଥିକ ସହାୟତା ଯୋଜନା ୨୦୨୫ ଜାନୁଆରୀରେ କାର୍ଯ୍ୟକ୍ଷମ କରାଯାଇଛି। ରାଜ୍ୟରେ ଶୀତଳଭଣ୍ଡାର ଭିତ୍ତିଭୂମିକୁ ▶ପୃଷ୍ଠା-୭

### ଜମ୍ମୁରେ ୧୧୫ ବର୍ଷର ରେକର୍ଡ ଭାଙ୍ଗିଲା ବର୍ଷା

# ଅଟକୁନି ଭୂସ୍ଖଳନ, ମୃତ୍ୟୁସଂଖ୍ୟା ୩୨

■ ନୂଆଦିଲ୍ଲୀ, ୨୭।୮(ଏଜେନ୍ସି): ଦେଶର ବିଭିନ୍ନ ରାଜ୍ୟରେ ମୌସୁମୀ ଜନିତ ବର୍ଷା ଭୟଙ୍କର ପରିସ୍ଥିତି ସୃଷ୍ଟି କରିଛି। ଭୀଷଣ ବର୍ଷା ଯୋଗୁଁ ଜନଜୀବନ ଅସ୍ତବ୍ୟସ୍ତ ହୋଇଯାଇଛି। ଅନେକ ରାଜ୍ୟରେ ବନ୍ୟା ସ୍ଥିତି ସୃଷ୍ଟି ହୋଇଥିବା



**ଜାରି ରହିଛି ବର୍ଷା; ବୈଷ୍ଣୋଦେବୀ ଯାତ୍ରା ବନ୍ଦ**

ବେଳେ ହଜାର ହଜାର ଲୋକେ ପାଣିଘେରରେ ଫସି ରହିଛନ୍ତି। ସ୍ଥିତି ଏପରି ହୋଇଛି ଯେ ସେନା ମୁତୟନ କରିବାକୁ ପଡିଛି। କେଉଁଠି ଭୂସ୍ଖଳନ ତ ଆଉ କେଉଁଠି ବାଦଲଫଟା ବର୍ଷା ସବୁ କିଛି ଛାରଖାର କରିଦେଉଛି। ତେବେ ଜମ୍ମୁରେ ଗତ ୧୧୫ ବର୍ଷର ରେକର୍ଡ ଭାଙ୍ଗି ବର୍ଷା ତାଣ୍ଡବ ରଚିଛି। ମଙ୍ଗଳବାର ସକାଳ ୮ଟା ୩୦ରୁ ବୁଧବାର ସକାଳ ୮ଟା ୩୦ ପର୍ଯ୍ୟନ୍ତ ୨୯୬ ▶ପୃଷ୍ଠା-୭

# କଟକ ରେଳଷ୍ଟେସନ ପ୍ଲାଟଫର୍ମ ସେଡ୍ ଭୁଶୁଡ଼ିଲା

■ କଟକ,୨୭।୮ (ସମିସ): କଟକ ରେଳଷ୍ଟେସନ ନବୀକରଣ କାର୍ଯ୍ୟ ଚାଲିଥିବା ବେଳେ ଆଜି ଏକ ଅଘଟଣ ଘଟିଛି। ରେଳଷ୍ଟେସନର ଏକ ନମ୍ବର ପ୍ଲାଟଫର୍ମ ଉପରକୁ ଭଙ୍ଗାଯାଉଥିବା ଏକ ପୁରୁଣା କୋଠାର ବୃହତ୍ତ କାନ୍ଥ ହଠାତ ଗଳିପଡିଥିଲା। ଫଳରେ ପ୍ଲାଟଫର୍ମ ସେଡ୍ ଭାଙ୍ଗିପଡି ୧ନମ୍ବର ରେଳଧାରଣା ଉପରକୁ ଖସିପଡିଥିଲା। ଏହି ଦୁର୍ଘଟଣାରେ କୌଣସି ଧନଜୀବନ ହାନି ହୋଇନଥିବା ପୂର୍ବତଟ ରେଳବାଇ ପକ୍ଷରୁ କୁହାଯାଇଛି।



ଆଜି ଅପରାହ୍ନ ୩ଟା୪୫ ମିନିଟ ସମୟରେ ଏହି ଦୁର୍ଘଟଣା ଘଟିଥିଲା। ରେଳଷ୍ଟେସନର ନବୀକରଣ କାର୍ଯ୍ୟ ଚାଲୁଥିବା ବେଳେ ବାରବାଟୀ ଦୁର୍ଗ ସଦୃଶ ଏହାର ମୁଖ୍ୟ ପ୍ରବେଶ ଦ୍ୱାର ଛାତ ଭଙ୍ଗାଯାଉଥିଲା। ଏହି ସମୟରେ ଛାତ ସହ ସମ୍ପୂର୍ଣ୍ଣ କାନ୍ଥ ୧ନମ୍ବର ପ୍ଲାଟଫର୍ମ ଉପରକୁ ଭାଙ୍ଗି ପଡିଥିଲା। ଫଳରେ ପ୍ଲାଟଫର୍ମର ପ୍ରାୟ ୧୦୦ମିଟର ପର୍ଯ୍ୟନ୍ତ ଟିଣ ସେଡ୍ ଭାଙ୍ଗି ଯାଇଥିଲା। ଉକ୍ତ କାନ୍ଥ ଏତେ ଜୋରରେ ପଡିଥିଲା ଯେ ତାହା ରେଳଧାରଣା ଉପରକୁ ଚାଲିଆସିଥିଲା। ସୌଭାଗ୍ୟବଶତଃ ସେହି ସମୟରେ ଏକ ନମ୍ବର ରେଳ ଟ୍ରାକରେ କୌଣସି ଟ୍ରେନ ଯାଉନଥିଲା। ଯୁଦ୍ଧକାଳୀନ ▶ପୃଷ୍ଠା-୭


DADLS-47



|| ନୂଆଁଖାଇ-୨୦୨୫ ଅବସରରେ
ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା ||

ସୁଖ, ଶାନ୍ତି, ମୈତ୍ରୀ ଓ ଆନନ୍ଦର ପବିତ୍ର ପରମ୍ପରା ଓ ପର୍ବ 'ନୂଆଁଖାଇ' ପାଳନ ଅବସରରେ ମୁଁ ରାଜ୍ୟବାସୀଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି । ଏହା ଏକ କୃଷିଭିତ୍ତିକ ପର୍ବ । ଏହି ପରିପ୍ରେକ୍ଷୀରେ ମୁଁ ରାଜ୍ୟର କୃଷକ ଭାଇଭଉଣୀମାନଙ୍କର ସୁଖ ଓ ସମୃଦ୍ଧି କାମନା କରିବା ସହ କୃଷିକ୍ଷେତ୍ରରେ ଓଡ଼ିଶାକୁ ଏକ ଅଗ୍ରଣୀ ଓ ପ୍ରଗତିଶୀଳ ରାଜ୍ୟରେ ପରିଣତ କରିବାକୁ ଆହ୍ୱାନ ଜଣାଉଛି ।

(ହରି ବାବୁ କମ୍ଭମ୍‌ପାଟି)








ନୂଆଁଖାଇ ଜୁହାର୍
ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା

ନୂଆଁଖାଇ ତିହାର୍ ଉଧେ ସମ୍‌କୁ ମୋର୍ ଅଭିନନ୍ଦନ୍ ଆର୍ ଜୁହାର୍ ।

ନୂଆଁ ଧାନ୍ କେ ନିଜର୍ ଇଷ୍ଟ ଦେବାଦେବୀଙ୍କୁ ସମର୍ପିକରି ସଭେ ମିଶିକରି ନୂଆଁ ଖାଏବାର୍ ପରମ୍ପରା "ନୂଆଁଖାଇ ତିହାର୍" ହେଉଛେ ଆମର୍ ସଂସ୍କୃତି, ସମୃଦ୍ଧି ଆର୍ ଏକତାର୍ ପ୍ରତୀକ୍ ।

ନୂଆଁ ଆଶା ନେଇକରି ଆସିଥିବାର୍ ଇ ତିହାର୍ ସମକର୍ ଜୀବନଥି ସୁଖ, ଶାନ୍ତି ଆର୍ ସମୃଦ୍ଧି ଭରିଦେଉ, ଇଟା ହିଁ ମୁଇଁ ମାଁ ସମଲେଇଙ୍କର ପାହାତଲେ ଗୁହାରି କରୁଛେଁ ।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR-15001/13/0977/2526

# ବିଭିନ୍ନ ସ୍ଥାନରେ ଅଗ୍ରପୂଜ୍ୟ ଗଣପତିଙ୍କୁ ଆରାଧନା

ମାର୍ଶାଘାଇ,୨୭।୮ (ସମିସ):

ମାର୍ଶାଘାଇ ବ୍ଲକ୍ ସର୍ବତ୍ର ଅଗ୍ରପୂଜ୍ୟ ଗଜାନାନଙ୍କ ପୂଜା ଆରାଧନା



କରାଯାଇଛି। ସମସ୍ତ ଶିକ୍ଷାନୁଷ୍ଠାନ ବ୍ୟବସାୟିକ ପ୍ରତିଷ୍ଠାନ, ଯୁବକ ସଂଘ, ସାଂସ୍କୃତିକ ଅନୁଷ୍ଠାନରେ ଗଣପତିଙ୍କୁ ଆରାଧନା କରାଯାଇଛି। ମାର୍ଶାଘାଇ ମହାବିଦ୍ୟାଳୟ, ମାର୍ଶାଘାଇ ସରକାରୀ ନୋଡ଼ାଲ ଉଚ୍ଚ ବିଦ୍ୟାଳୟ, ମାର୍ଶାଘାଇ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ପେଣ୍ଠ ଜନଶକ୍ତି ସରକାରୀ ଉଚ୍ଚ ବିଦ୍ୟାଳୟ, ଜୟରାମ ଉଚ୍ଚ ବିଦ୍ୟାଳୟ, ମଧୁସାଗର ଉଚ୍ଚ ବିଦ୍ୟାଳୟ, ମଣିନାଗେଶ୍ୱର ଉଚ୍ଚ ବିଦ୍ୟାଳୟ ସମେତ ଅନ୍ୟାନ୍ୟ ଶିକ୍ଷାନୁଷ୍ଠାନରେ ଛାତ୍ରଛାତ୍ରୀ ନୂତନ ବସ୍ତ୍ର ପରିଧାନକରି ଗଣନାୟକଙ୍କୁ ପୂଜା ଆରାଧନା କରିଛନ୍ତି। ସେହିପରି ପେଣ୍ଠ ମା'ସାତଭଉଣୀ କମିଟ୍ ତରଫରୁ, ଜୁଣଛକ, କୁସୁନପୁର ମା' ଚାଟେଶ୍ୱରୀ ୟୁଥ କ୍ଲବରେ ଧୁମ୍‌ଧାମରେ ଗଣପତିଙ୍କ ପୂଜା ଅନୁଷ୍ଠିତ ହେଉଛି। ମାର୍ଶାଘାଇ ଜୁଣଛକ ଦି ରୟାଲଗାଇଡ ଶିକ୍ଷା ପ୍ରତିଷ୍ଠାନ, ଗରଜଙ୍ଗା ତାରିଣୀ ଆବାସିକ ଶିକ୍ଷା ପ୍ରତିଷ୍ଠାନ ଶିଳିପୁରସ୍ଥିତ ଡଲଫିନ ଶିକ୍ଷା ପ୍ରତିଷ୍ଠାନ, କୁଳସାହିଛକ,ବନ୍ଧକଟା, ଜମପଡ଼ା କରିଲୋପାଟଣା, ହଳଦିଆଗଡ଼, ଅଙ୍ଗୁଳାଇ ମଙ୍ଗରାଜପୁର ସମେତ ବିଭିନ୍ନ ସ୍ଥାନରେ ଗଜାନାନଙ୍କୁ ଭକ୍ତିପୁତ ଆରାଧନା କରାଯାଇଛି।









ରାଜନଗର: ବିଦ୍ୟା, ବୁଦ୍ଧି, ସିଦ୍ଧିର ପ୍ରତୀକ ଶ୍ରୀ ଗଣେଶ। ୪ ଯୁଗରେ ଶ୍ରୀ ଗଣେଶ ବିଭିନ୍ନ ନାମାନୁସାରେ ପୂଜା ପାଇ ଆସୁଥିବା ବେଳେ ଭାଦ୍ରବ ଶୁକ୍ଳପକ୍ଷ ଚତୁର୍ଥ ତିଥିରେ ଗାଁ ଠାରୁ ସହର, ପଲ୍ଲୀ ଠୁଁ ଦିଲ୍ଲୀ ସବୁ ସ୍ଥାନରେ ହିନ୍ଦୁ ଧର୍ମର ପ୍ରଧାନ ମୁଖ୍ୟ ଦେବତା ବିଘ୍ନରାଜ ଗଣେଶ। ଏହି ପରିପ୍ରେକ୍ଷୀରେ ରାଜନଗର ବ୍ଲକ୍ ଏହାର ଆଖପାଖ ଅଞ୍ଚଳରେ ଧୁମଧାମରେ ଶ୍ରୀ ଗଣେଶଙ୍କ ଭବ୍ୟ ଦିବ୍ୟ ମୃଣ୍ମୟ ମୂର୍ତ୍ତିକୁ ସୁସଜ୍ଜିତ ମଣ୍ଡପରେ ସ୍ଥାପନ କରାଯାଇ ବେଦମନ୍ତ୍ର ଧ୍ୱନୀରେ ପୂଜାପାଠ କରାଯାଇଛି। ରାଜନଗରସ୍ଥିତ ଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟ, ଶୈଳେନ୍ଦ୍ର ନାରାୟଣ ସଂସ୍କୃତ ମହାବିଦ୍ୟାଳୟ, ରାଜନଗର ହାଇସ୍କୁଲ, ମାଇନ ସ୍କୁଲ, ୟୁପି ସ୍କୁଲ, ଜାଭିୟର ସ୍କୁଲ, ଶିବାନନ୍ଦ ସ୍କୁଲ, ସରସ୍ୱତୀ ଶିଶୁ ମନ୍ଦିର, ସତ୍ୟମ କମ୍ପ୍ୟୁଟର, ଭାରତମାତା କୋଚିଂ ସେଣ୍ଟର, ବିଦ୍ୟାର୍ଥୀ ଟୁଇଟରଲା ସହିତ ବିଭିନ୍ନ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ, ଯୁବକ ସଂଘ ଓ ଗାଁ କମିଟିରେ ଦେବତାଙ୍କ ଅଗ୍ରଜ ଗଣେଷଙ୍କୁ ଆରାଧନା କରାଯାଉଛି।

## ଗଣେଶ ପୂଜା ଯୋଗୁଁ ପଟ୍ଟାମୁଣ୍ଡାଇ ଉତ୍ସବମୁଖର
## ବାଲିପଡ଼ାରେ ବମ୍ବେ ଲାଲବାଗ ଡିଜାଇନ ମୂର୍ତ୍ତି

ପଟ୍ଟାମୁଣ୍ଡାଇ,୨୭।୮ (ସମିସ): ବିଦ୍ୟାଦାତା ପ୍ରଭୁ ଗଣେଶଙ୍କ ପୂଜା ଯୋଗୁଁ ସମଗ୍ର ପଟ୍ଟାମୁଣ୍ଡାଇ ସହର ଉତ୍ସବ ମୁଖର ହୋଇପଡିଛି। ପଟ୍ଟାମୁଣ୍ଡାଇ କଲେଜ, ମହିଳା କଲେଜ, ଦାଣ୍ଡିସାହି ବ୍ରାହ୍ମଣୀ କଲେଜ, ମଦନପୁର ଯୁକେ ମହାବୀର କଲେଜ, ଅଣ୍ଡରା ଉଷାଦେବୀ ମହିଳା କଲେଜ, ଏମଏନ ହାଇସ୍କୁଲ, ସରକାରୀ ବାଳିକା ହାଇସ୍କୁଲ, ଦାଣ୍ଡିସାହି ହାଇସ୍କୁଲ କଷଣଅଣ୍ଟା ହାଇସ୍କୁଲ ନିମପୁର-ଶାସନ ହାଇସ୍କୁଲ, ଖଡ଼ିଅଣ୍ଟା ହାଇସ୍କୁଲ, ଗୋବିନ୍ଦପୁର ହାଇସ୍କୁଲ, ବାଲିପାଟଣା ହାଇସ୍କୁଲ, ଡାମରପୁର ହାଇସ୍କୁଲ, ଚନ୍ଦନନଗର ହାଇସ୍କୁଲ, ମଦନପୁର ହାଇସ୍କୁଲଆଦି ବିଭିନ୍ନ କଲେଜ ହାଇସ୍କୁଲ ଓ ପ୍ରାଥମିକ ସ୍କୁଲ, ସରସ୍ୱତୀ ଶିଶୁ ଶିକ୍ଷାମନ୍ଦିର, ଭେଙ୍କଟେଶ୍ୱର ଇଂଲିଶ ମିଡିୟମ ସ୍କୁଲ, ଗ୍ଲୋବାଲ



ବ୍ରିଲିଆଣ୍ଟ ସ୍କୁଲରେ ଗଣେଶ ପୂଜା ପାଳିତ ହୋଇଛି। ବାଲିପଡ଼ା ଗଣପତି କ୍ଲବରେ ବମ୍ବେ ଲାଲବାଗ ଡିଜାଇନ ନିଆରା ଗଣେଶ ମୂର୍ତ୍ତି ଅପୂର୍ବ ସାଜସଜ୍ଜା ସହ ପୂଜା ପାଉଛି। ପୋଖରୀଆପଡା ଫାଇଭଷ୍ଟାର ପୂଜା କମିଟି ସହ ବିଭିନ୍ନ କ୍ଲବ୍ ଗଣେଶ ପୂଜା କମିଟି, କଷଣଅଣ୍ଟା ନିଉ ଜେନେରେସନ ଓ ଗ୍ରୀନ ଗୋଲା ୟୁଥ କ୍ଲବ୍ ପକ୍ଷରୁ ବିଭିନ୍ନ ସାଜସଜ୍ଜା ସହ ଗଣେଶ ମୂର୍ତ୍ତି ପୂଜା ପାଉଛନ୍ତି। ଅଞ୍ଚଳର ବିଭିନ୍ନ ସରକାରୀ, ବେସରକାରୀ ଅନୁଷ୍ଠାନ, କ୍ଲବ ଓ ଯୁବକ ସଂଘ ପକ୍ଷରୁ ପୂଜା ପାଳିତ ହୋଇଛି। ପୋଖରୀଆପଡା ହରପାର୍ବତୀ ମନ୍ଦିରରେ ଥିବା ପ୍ରଭୁ ଗଣେଶଙ୍କ ନିକଟରେ ପୁଷ୍ପାଞ୍ଜଳୀ ଦେବା ପାଇଁ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଥିଲା। ମୁଖ୍ୟ ପୂଜକ କାଉନସିଲର ମୃତ୍ୟୁଞ୍ଜୟ ପାଢ଼ୀ ପୂଜା ଓ ପୁଷ୍ପାଞ୍ଜଳି ବ୍ୟବସ୍ଥା କରିବା ସହିତ ସମସ୍ତଙ୍କୁ ପ୍ରଭୁଙ୍କ ଭୋଗ ବର୍ଣ୍ଟନ କରିଥିଲେ। ବ୍ଲକ ଓ ମୁନିସିପାଲିଟିର ବିଭିନ୍ନ ଗାଁରେ ଗଣେଶ ପୂଜା ପାଳିତ ହୋଇଯାଇଛି।

**ଆଳି:** ବ୍ଲକ ଅଞ୍ଚଳର ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ତଥା ସମସ୍ତ କ୍ଲବ, ସ୍କୁଲ, କଲେଜ ଠାରୁ ଆରମ୍ଭ କରି ବ୍ୟବସାୟିକ ପ୍ରତିଷ୍ଠାନରେ ଶ୍ରୀ ଗଣେଶ ପୂଜା ପାଳିତ ହୋଇଛି। ସାନମଙ୍ଗ ପଞ୍ଚାୟତର ଠାକୁରସାହି ସ୍ଥିତ ଗଣେଶ ପୂଜା କମିଟି ଦୀର୍ଘ ୩୦ବର୍ଷ ହେବ ଲଗାତାର ନିଆରା ଢଙ୍ଗରେ ସୁନୀଲ ଓଝାଙ୍କ ନେତୃତ୍ୱରେ ଗଣେଶ ପୂଜା ପାଳନ କରିଆସୁ ଅଛି। ଅନୁଷ୍ଠାନରେ ତିନିଦିନ ଧରି ଶ୍ରୀ ଗଣେଶଙ୍କ ପୂଜା କରାଯାଏ। ପ୍ରତିବର୍ଷ କିଛି ଅଲଗା କୌଶଳ ବ୍ୟବହାର କରି ମୂର୍ତ୍ତି ତିଆରି କରାଯାଏ। ଯେମିତି ଚଳିତ ବର୍ଷ ହିମାଳୟରେ ବୃଷଭଙ୍କ ପିଠିରେ ଗଣପତି ବସିଥିବା ମୂର୍ତ୍ତିକୁ ଆଖପାଖ ଅଞ୍ଚଳର ଲୋକେ ଦେଖିବାକୁ ଆସିଥିଲେ। ସେହିପରି ପ୍ରଗତି ସ୍ପୋର୍ଟି କ୍ଲବ୍ ବେଓା, ନୂଆଗାଁ, ଦେମାଳ, ମୂଳସାହି, ବଳଭଦ୍ରପୁର, ମାଳପଟଣା, ଲୋକାପଡ଼ା, ଗୌଡ଼ପାଟଣା, କଳସପୁର, କୃଷ୍ଣପୁରପାଟଣା, ନିଆଳ ଆଦି ଅଞ୍ଚଳରେ ବହୁ ଧୂମଧାମରେ ଗଣେଶ ପୂଜା ପାଳିତ ହୋଇଯାଇଛି।





**ଡେରାବିଶ:** ଡେରାବିଶ ବ୍ଲକ୍ ଅଞ୍ଚଳରେ ଆଜି ଅଗ୍ରପୂଜ୍ୟ ପ୍ରଭୁ ଶ୍ରୀ ଗଜାନନଙ୍କ ପୂଜା ମହାଆଡମ୍ବରରେ ସମ୍ପନ୍ନ ହୋଇଛି। ପୂର୍ବାହ୍ନରୁ ବ୍ଲକ ଅଧୀନ ବିଭିନ୍ନ ବିଦ୍ୟାଳୟ, ମହାବିଦ୍ୟାଳୟ, ଯୁବକ ସଂଘ, ବ୍ୟବସାୟ ପ୍ରତିଷ୍ଠାନ ଓ ବିଭିନ୍ନ ବ୍ୟକ୍ତିଙ୍କ ଗୃହମାନଙ୍କରେ ପ୍ରଭୁ ଶ୍ରୀ ଗଣେଶଙ୍କ ପୂଜା କରାଯାଇଛି। ଗୁଆଳସିଂ ପଞ୍ଚାୟତ ଅଧୀନ କେନ୍ଦ୍ରାପଡ଼ା ପବ୍ଲିକ ସ୍କୁଲ ପରିସରରେ ଛାତ୍ରଛାତ୍ରୀ ଶ୍ରୀ ଗଣେଶଙ୍କର ଶୋଡ଼ଷ ଉପଚାରରେ ପୂଜାର୍ଚ୍ଚନା କରିବା ସହିତ ପୁଷ୍ପାଞ୍ଜଳି ପ୍ରଦାନ କରିଥିଲେ। ସେହିପରି କେନ୍ଦ୍ରାପଡ଼ା ସାନ୍ଧ୍ୟ ମହାବିଦ୍ୟାଳୟ, ଚାନ୍ଦୋଳ ମହାବିଦ୍ୟାଳୟ, ଡେରାବିଶ ମହାବିଦ୍ୟାଳୟ, ଡେରାବିଶ ମହିଳା ମହାବିଦ୍ୟାଳୟ, ଡେଲଟା ମହାବିଦ୍ୟାଳୟ, ବିବିମଡେଲ ହାଇସ୍କୁଲ, କଳିଙ୍ଗ ଆବାସିକ ବିଦ୍ୟାଳୟ, ବାଲୁଙ୍କେଶ୍ୱର ନୋଡାଲ ବିଦ୍ୟାଳୟ, ବାଗ୍‌ଦେବୀ ଉଚ୍ଚବିଦ୍ୟାଳୟ, ଡେରାବିଶ ହାଇସ୍କୁଲ, ବାଲୁଙ୍କେଶ୍ୱର ବିଦ୍ୟାପୀଠ, ଜେନାମଣି ପ୍ରାଥମିକ ବିଦ୍ୟାଳୟ ଇତ୍ୟାଦିରେ ବିଘ୍ନନାଶକ ମହାବିନାୟକଙ୍କ ପୂଜା ସମ୍ପନ୍ନ ହୋଇଛି।


## ବ୍ରାହ୍ମଣୀରେ ତୃତୀୟ ବନ୍ୟା; ବେହାଲ ଧୋୟାବାସୀ



ମାଳିପୁର,୨୭।୮ (ସମିସ): ସମ୍ପ୍ରତି ଲଗାତାର ଲଘୁଚାପ ଜନିତ ବର୍ଷା ଯୋଗୁଁ ରାଜ୍ୟରେ ପୁନଶ୍ଚ ବନ୍ୟା ପରିସ୍ଥିତି ଦେଖାଦେଇଛି। ଉତ୍ତିକଣ ଅଞ୍ଚଳର ତିନୋଟି ପଞ୍ଚାୟତ ଶ୍ରୀରାମପୁର, ଡାମରପୁର, ବଳଭଦ୍ରପୁର ଅଞ୍ଚଳରେ ହଜାର ହଜାର ଏକର ଚାଷ ଜମିରେ ବ୍ୟାପକ କ୍ଷୟକ୍ଷତି ହୋଇଛି। ଗତ ୨ଟି ବନ୍ୟାରେ ଚାଷୀଙ୍କର ଉଜୁଡି ଯାଇଥିବା ଧାନ ଫସଲକୁ ପୁନର୍ବାର ତଳି ରୋଇ ଅଣ୍ଟା ସଳଖିବାକୁ ଚାଷୀ ଚେଷ୍ଟା କରୁଥିବା ବେଳେ ପୁଣି ତୃତୀୟ ଥର ପାଇଁ ବନ୍ୟା ଆସି ଫସଲ ନଷ୍ଟ କରିଛି। ଋଣ ଆଣି ଚାଷ କରିଥିବା ଅନେକ ଚାଷୀ ଏବେ ମୁଣ୍ଡରେ ହାତଦେଇ ବସିଛନ୍ତି। ବର୍ଷକର ଭାତହାଣ୍ଡି ଉଜୁଡି ଯାଇଛି ବୋଲି ଅନେକ ଚାଷୀ ଚିନ୍ତାବ୍ୟକ୍ତ କରିଛନ୍ତି। ବନ୍ୟା ଜଳରେ ରାସ୍ତା ସବୁ ବୁଡି ଯାଇଥିବାରୁ ତିନୋଟି ଯାକ ପଞ୍ଚାୟତ ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇପଡିଥିବା ବେଳେ ୧୫ ହଜାରରୁ ଅଧିକ ଜନସାଧାରଣ ଜଳବନ୍ଦୀ ହୋଇରହିଛନ୍ତି। ଆଜି ସକାଳୁ ପ୍ରଶାସନ ତରଫରୁ ୩ଟି ପଞ୍ଚାୟତ ପାଇଁ ଦୁଇଟି ସ୍ପିଡ଼ ବୋଟ

### ଉଦୟପୁରକୁ ସରକାରୀ ଡଙ୍ଗା ସେବା ନାହିଁ

ଯୋଗାଇଦିଆଯାଇଛି। ବଳଭଦ୍ରପୁର ଏବଂ ଡାମରପୁର ପଞ୍ଚାୟତ ପାଇଁ ଗୋଟିଏ ସ୍ପିଡ ବୋଟ ବାଲି ପାଟଣା ଘାଟରେ ଦିଆଯାଇଥିବା ବେଳେ ଶ୍ରୀରାମପୁର ପଞ୍ଚାୟତ ପାଇଁ ଗୋଟିଏ ବୋଟ ପଞ୍ଚାୟତର ସବୁ ଗ୍ରାମକୁ ସ୍ପର୍ଶକରି ସେବା ଯୋଗାଉଥିବା ବେଳେ ଉଦୟପୁର ଗ୍ରାମବାସୀ ସରକାରୀ ଡଙ୍ଗା ସେବା ପାଇ ପାରୁ ନାହାନ୍ତି ବୋଲି ଅଭିଯୋଗ କରିଛନ୍ତି। ଆଜି ଅପରାହ୍ଣରୁ ସନ୍ଧ୍ୟା ମଧରେ ଉଦୟପୁର ବାସିନ୍ଦା ଗ୍ରାମକୁ ଫେରିବା ପାଇଁ ସରକାରୀ ଡଙ୍ଗାର ସେବା ପାଇଁ ନପାରି ବେସରକାରୀ ନିଜ ହାତରୁ ଟଙ୍କା ଖର୍ଚ୍ଚ କରି ଡଙ୍ଗା ରିଜର୍ଭ କରି ଗ୍ରାମକୁ ଫେରିଥିଲେ। ଗତ ଦୁଇଟି ବନ୍ୟାରେ ଭାସିଯାଇ ଦୁଇ ଜଣ ମୃତ୍ୟୁବରଣ କରିଥିବା ହେତୁ ଏବଂ କୁମ୍ଭୀର ଭୟ ଯୋଗୁଁ ଗ୍ରାମବାସୀ ଆତଙ୍କରେ ରହୁଛନ୍ତି। ଯଥାଶୀଘ୍ର ଉଦୟପୁର ଗ୍ରାମକୁ ସରକାରୀ ଡଙ୍ଗା ସେବା ଯୋଗାଇ ଦେବା ପାଇଁ ବିମଳ ବାରିକ, ପ୍ରକାଶ କୁଣ୍ଡ, ସୁନୀଲ ଦାସ, ଗଣେଶ୍ୱର କୁଣ୍ଡ, ଅମର କୁଣ୍ଡ ଓ ଅଞ୍ଜନ କୁଣ୍ଡ ପ୍ରମୁଖ ଗ୍ରାମବାସୀ ଦାବି କରିଛନ୍ତି।




## ବନ୍ୟା ପରିସ୍ଥିତି ଗମ୍ଭୀର
# ବାହ୍ୟଜଗତରୁ ସିଂହଗାଁ, ଶ୍ରୀରାମପୁର, ବାଛରା ଡାମରପୁର, ତନୁପୁର ବିଚ୍ଛିନ୍ନ

ପଟ୍ଟାମୁଣ୍ଡାଇ,୨୭।୮ (ସମିସ):




ବ୍ରାହ୍ମଣୀ, ବୈତରଣୀ ଓ କାଣୀନଦୀରେ ବନ୍ୟା ଆସିବା ଫଳରେ ପଟ୍ଟାମୁଣ୍ଡାଇ ବ୍ଲକର ୧୪ଟି ପଞ୍ଚାୟତ ଓ ପୌରାଞ୍ଚଳର ୧୧ଟି ୱାର୍ଡର ପ୍ରାୟ ୭୦ହଜାରରୁ ଅଧିକ ଲୋକ ଓ ୧୫ହଜାର ଗୃହପାଳିତ ପଶୁ ଜଳବନ୍ଦୀ ହୋଇପଡିଛନ୍ତି। ପଟ୍ଟାମୁଣ୍ଡାଇ ବ୍ଲକ ସିଂହଗାଁ ପଞ୍ଚାୟତର ସିଂହଗାଁ, କୃଷ୍ଣଦାସପୁର ରାଉଳିଆଡିଆ, ପାଣିସାଉଁଳିଆ ଆଦି ଜଳମଗ୍ନ ହୋଇ ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇପଡିଛି। ଅଳପୁଆ ପଞ୍ଚାୟତ ଗୋଜିଆକଣ, ବିଲମଳିକସାହି, ବେହେରାସାହି, ମିଶ୍ରବାଗ, ସେଠୀସାହି, ଜେନାସାହି, ପାହାନ୍ତସିଂହ ସାହି, ତରଡ଼ିପାଳ ପଞ୍ଚାୟତର ପୋଖରୀକୂଳ, ଗୋପାଳପୁର, ଜେନାସାହି, ବିଶ୍ୱାଳସାହି, ନାଥସାହି, ମଳିକସାହି, ଘାଗରାଡିଆ ପେଣ୍ଠପାଳ ପଞ୍ଚାୟତର କୂଳସାହି, କୋଳଥିଆ, ବାଲିକିରା, ଦାଣ୍ଡିସାହି ଦାଣ୍ଡିସାହି, ଅଣ୍ଡରା ପଞ୍ଚାୟତର ବ୍ରହ୍ମପୁର, ବିଷ୍ଣୁପୁର, ବ୍ରାହ୍ମଣସାହି, ଦାଣ୍ଡିଉପର, ଅମୃତମଣୋହି ପଞ୍ଚାୟତର ନୂଆଡିଆ, ଜଗନ୍ନାଥ ପୁର, ଶାନ୍ତିପଡା, ସିଦ୍ଧବାଲି, ବଲୁରିଆ ପଞ୍ଚାୟତର ଫୁଲପାଟଣା ଆଦି ବହୁ ଗ୍ରାମର ହଜାର ହଜାର ଏକର ଚାଷଜମି ଜଳମଗ୍ନ ହୋଇପଡ଼ିଛି। ଦାଣ୍ଡିସାହି ହାଇସ୍କୁଲ ଓ କଲେଜ ସମ୍ମୁଖ ରାସ୍ତାରେ ବନ୍ୟା ସୁଅ ଛୁଟିଛି। ନିକଟ ଅତୀତରେ ପଟ୍ଟାମୁଣ୍ଡାଇ ଧୋୟାଞ୍ଚଳରେ କୁମ୍ଭୀର ଆକ୍ରମଣ ଘଟଣାରେ ୨ ଜଣଙ୍କ ମୃତ୍ୟୁ ଘଟିଥିବା ଓ ବନ୍ୟା ବିପନ୍ନ ବିଭିନ୍ନ ଅଞ୍ଚଳରେ କୁମ୍ଭୀର ଦେଖାଯାଉଥିବା ଖବର ଜଣାପଡିବାରୁ ଆତଙ୍କ ସୃଷ୍ଟି ହୋଇଛି। ଅଳପୁଆ ପଞ୍ଚାୟତର ସୁବଳପୁର ସମେତ ବିଭିନ୍ନ ଅଞ୍ଚଳରେ ବନ୍ୟା ଜଳରେ କୁମ୍ଭୀର ଭାସୁଥିବା ଖବର ଆତଙ୍କ ସୃଷ୍ଟି କରିଛି। କୋଳଥିଆ ଓ ଶାସନ ସ୍କୁଲ ବନ୍ୟାଜଳରେ ବୁଡି ରହିଛି ଓ ସୁବଳପୁର-ଗୋଜିଆକଣ ରାସ୍ତାରେ ବନ୍ୟାଜଳ ସୁଅ ଛୁଟୁଛି। ସେହିପରି ପଟ୍ଟାମୁଣ୍ଡାଇ ବ୍ଲକର ଶ୍ରୀରାମପୁର, ଡାମରପୁର, ନୀଳକଣ୍ଠପୁର, ବାଲିପାଟଣା, ବାଛରା, ବଳଭଦ୍ରପୁର ଶାସନ ଆଦି ପଞ୍ଚାୟତର ବିଭିନ୍ନ ଅଞ୍ଚଳ ଓ ଚାଷଜମି ଜଳମଗ୍ନ ହୋଇପଡିଛି। ବନ୍ୟା ବିପନ୍ନ ବିଭିନ୍ନ ପଞ୍ଚାୟତର ରାସ୍ତାଗୁଡିକ ବୁଡି ଯାଇଥିବାରୁ ଯାତାୟାତରେ ଅସୁବିଧା ସୃଷ୍ଟି ହୋଇଛି। ବନ୍ୟା ବିପନ୍ନ ପଟ୍ଟାମୁଣ୍ଡାଇ ଧୋୟାଞ୍ଚଳର ହଜାର ହଜାର ଏକର ଚାଷ ଜମି ବନ୍ୟାଜଳରେ ବୁଡି ରହିଥିବାରୁ ପନିପରିବା ସମେତ ବିଭିନ୍ନ ଫସଲହାନୀ ଘଟିଛି। ବିପନ୍ନଲୋକ ଜଳବନ୍ଦୀ ହୋଇ ଅତ୍ୟାବଶ୍ୟକ ସାମଗ୍ରୀ ପାଇବାରୁ ବଞ୍ଚିତ ହୋଇଥିବା ବେଳେ ଗୃହପାଳିତ ପଶୁମାନେ ଗୋ-ଖାଦ୍ୟ ପାଇଁ ତହଳବିକଳ ହେଉଛନ୍ତି। ପଟ୍ଟାମୁଣ୍ଡାଇ ବ୍ଲକର ମାଳିପୁର ରାସ୍ତା ବୁଡି ଯାଇ ଥିବାରୁ ଶ୍ରୀରାମପୁର, ଡାମରପୁର ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇପଡିଛି। ପଟ୍ଟାମୁଣ୍ଡାଇ ବ୍ଲକ ପ୍ରଶାସନ ପକ୍ଷରୁ ବାହ୍ୟଜଗତରୁ ବିଚ୍ଛିନ୍ନ ସିଂହଗାଁ ଶ୍ରୀରାମପୁର ଓ ବଳଭଦ୍ରପୁର ପଞ୍ଚାୟତ ଜନସାଧାରଣଙ୍କ ଯାତାୟାତ ପାଇଁ ୩ଟି ଏସଆରସି ବୋଟ ଓ ପେଣ୍ଠପାଳ ଓ ବାଛରା ପଞ୍ଚାୟତକୁ ୨ଟି ଡ଼ଙ୍ଗା ଯୋଗାଇ ଦିଆଯାଇଛି। ସେହିପରି ପଟ୍ଟାମୁଣ୍ଡାଇ ପୌରାଞ୍ଚଳର ତନୁପୁର ରାସ୍ତା ବୁଡି ଯାଇଥିବାରୁ ବାଲିପାଟଣା, ଖଡ଼ିପାଳ ତନୁପୁର, ନନ୍ଦିନୀ ନଗର ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇପଡିଛି। ପଟ୍ଟାମୁଣ୍ଡାଇ ବ୍ଲକର ବାଛରା ପଞ୍ଚାୟତ ମଣ୍ଡପଡା ବାଛରା ରାସ୍ତା ବୁଡି ଯାଇଥିବାରୁ ବାଛରା ମଣ୍ଡପଡା ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇପଡିଛି। ପଟ୍ଟାମୁଣ୍ଡାଇ ପୌରାଞ୍ଚଳର ବାଲିପଡ଼ା, ତଳବାଲିପଡ଼ା, ବଳଦେବନଗର, ସିଦ୍ଧପାଟଣା, କଷଣଅଣ୍ଟା, ନୂଆଗାଁ, କାକୁଡିପଲ୍ଲୀ, ତନୁପୁର, ନନ୍ଦିନୀନଗର, ଷଣ୍ଢପଲ୍ଲୀ, ଅଳଭା ଆଦି ବିଭିନ୍ନ ଗ୍ରାମ ଓ ୧୧ଟି ୱାର୍ଡ ଜଳମଗ୍ନ ହୋଇପଡିବା ସହିତ ଶହ ଶହ ଏକର ଚାଷଜମି ମଧ ବୁଡି ରହିଛି। ବନ୍ୟା ସ୍ଥିତି ଗମ୍ଭୀର ହୋଇଥିବାରୁ ଦୁର୍ବଳ ନଦୀବନ୍ଧ କ୍ଷତିଗ୍ରସ୍ତ ହୋଇ ଘାଇ ସୃଷ୍ଟି ହେବା ଆଶଙ୍କା ଥିବାରୁ ଲୋକମାନେ ଦିବାରାତ୍ର ସଜାଗ ହୋଇ ରହିଛନ୍ତି। ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ବ୍ଲକ ଓ ପୌର ପ୍ରଶାସନ ବନ୍ୟା ମୁକାବିଲା ପାଇଁ ସଜାଗ ହୋଇପଡିଛି। ବନ୍ୟାବିପନ୍ନ ଲୋକଙ୍କ ସ୍ୱାସ୍ଥ୍ୟ ସମସ୍ୟା ଦୂର ପାଇଁ ନିୟମିତ ଡାକ୍ତରୀ ଟିମ ବନ୍ୟାଞ୍ଚଳ ପରିଦର୍ଶନ ସହ ପର୍ଯ୍ୟାପ୍ତ ଔଷଧ, ସାଲାଇନ, ସାପ କାମୁଡା ଇଞ୍ଜେକ୍ସନ ମହଜୁଦ ରଖିବାକୁ ସ୍ୱାସ୍ଥ୍ୟ ବିଭାଗକୁ ପ୍ରଶାସନ ପକ୍ଷରୁ ପରାମର୍ଶ ଦିଆଯାଇଛି। ପୌରାଞ୍ଚଳର ବନ୍ୟା ବିପନ୍ନ ବିଭିନ୍ନ ୱାର୍ଡର ଲୋକମାନଙ୍କ ଯାତାୟାତ ପାଇଁ ୯ଟି ଡଙ୍ଗା ଯୋଗାଇ ଦିଆଯାଇଛି। ପଟ୍ଟାମୁଣ୍ଡାଇ ବ୍ଲକର ୧୪ ପଞ୍ଚାୟତର ୫୦ ହଜାରରୁ ଅଧିକ ଲୋକ ଓ ପୌରାଞ୍ଚଳର ୧୧ଟି ୱାର୍ଡର ୧୧ହଜାର ଲୋକ ବନ୍ୟା ଜଳ ଘେରରେ ରହିଛନ୍ତି। ପ୍ରାୟ ୧୫ ହଜାରରୁ ଅଧିକ ଗୃହପାଳିତ ପଶୁ ଗୋଖାଦ୍ୟ ପାଇଁ ତହଳ ବିକଳ ହେଉଛନ୍ତି। ରାସ୍ତାଘାଟ ବୁଡି ଯାଇଥିବାରୁ ଅତ୍ୟାବଶ୍ୟକ ସାମଗ୍ରୀର ଅଭାବ ପରିଲକ୍ଷିତ ହେଉଛି। ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ଅଳଭା ଠାରେ ବନ୍ୟା ଜଳ ୧୭.୮ ଫୁଟ ରହିଛି। ସରକାରୀ ଭାବେ ବିପଦ ସଂକେତ ୧୬ ଫୁଟ ରହିଛି। ସରକାର ତଥା ଜିଲ୍ଲା ପ୍ରଶାସନ ପର୍ଯ୍ୟାପ୍ତ ଔଷଧ ସାଲାଇନ, ବ୍ଲିଚିଂ, ଗୋଖାଦ୍ୟ କିରୋସିନ ଓ ଅତ୍ୟାବଶ୍ୟକ ସାମଗ୍ରୀ ଯୋଗାଇ ଦେବାକୁ ସାଧାରଣରେ ଦାବି ହେଉଛି।


## ସଂଘବଦ୍ଧ ଆକ୍ରମଣରେ ଯୁବକ ଗୁରୁତର

ପଟ୍ଟାମୁଣ୍ଡାଇ,୨୭।୮ (ସମିସ): ଆଜି ସନ୍ଧ୍ୟାରେ ପଟ୍ଟାମୁଣ୍ଡାଇ ସବ୍-ଡିଭିଜନ ମେଡିକାଲ ସମ୍ମୁଖ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଗଳିରେ ବୁଲାଗାଈଙ୍କୁ ଖାଦ୍ୟ ଖୁଆଉଥିବା ସ୍ଥାନୀୟ ଅଞ୍ଚଳର ସଞ୍ଜୀବ ରାଉତ ଓରଫ ବବଲୁଙ୍କୁ ସ୍ଥାନୀୟ ବସ୍ତିର କେତେକ ଯୁବକ ସଂଘବଦ୍ଧ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ପୁଲିସ ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରି ପଟ୍ଟାମୁଣ୍ଡାଇ ସବଡିଭିଜନ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ପାଇଁ ଭର୍ତ୍ତି କରିଥିଲେ ହେଁ, ଡାକ୍ତର ତାଙ୍କୁ କେନ୍ଦ୍ରାପଡା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରିଥିବା ଜଣାପଡ଼ିଛି। ଗଣ୍ଡଗୋଳର ପ୍ରକୃତ ଘଟଣା ସ୍ପଷ୍ଟ ହୋଇନଥିବା ବେଳେ ତାଙ୍କୁ ୨୦/୩୦ ଜଣ ବ୍ୟକ୍ତି ମିଳିତ ଭାବେ ଆକ୍ରମଣ କରିଥିବା ସଞ୍ଜୀବ କହିଛନ୍ତି। ଆହତ ଯୁବକ ବଜରଙ୍ଗ ଦଳର ସଦସ୍ୟ କୁହାଯାଉଥିବା ବେଳେ ଆକ୍ରମଣକାରୀ ଅନ୍ୟ ସମ୍ପ୍ରଦାୟର ହୋଇଥିବାରୁ ଘଟଣା ଉପରେ ପୁଲିସ ତୀକ୍ଷ୍ଣ ନଜର ରଖିଛି। ସାମ୍ପ୍ରଦାୟିକ ସଦଭାବନା ରକ୍ଷା କରିବା ପାଇଁ ପୁଲିସ ପକ୍ଷରୁ ଉଭୟ ଗୋଷ୍ଠୀକୁ କୁହାଯାଇଥିବା ବେଳେ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନାର ଆଇଆଇସି ବନ୍ଦନା ପାତ୍ରଙ୍କ ନିର୍ଦ୍ଦେଶରେ ସହରରେ ପୁଲିସ ପାଟ୍ରୋଲିଂ କଡ଼ାକଡ଼ି କରାଯାଇଛି।

ADITYA BIRLA
HINDALCO

Aditya Aluminium
(A Unit of Hindalco Industries Ltd.)

*The Flagship Unit of Hindalco Industries Ltd., having its Smelter and Captive Power Plants in Odisha, the Land of the Sun Temple.*



*Aditya means Sun, the Primal source of Light and Energy*

**Registered Office**
One International Center, Tower 4,21st Floor,
Senapati Bapat Marg, Prabhadevi,
Mumbai- 400013,
India.Tel: (91-22) 69477000/69477150
Fax:912269477001/69477090
Corporate ID No. L27020MH1958PLC011238

**Aditya Aluminium**
At/ Po.- Lapanga
Dist- Sambalpur
Odisha -768212
Tel.: 0663-2536247, Fax : 0663-2536499

# ବିଭିନ୍ନ ସ୍ଥାନରେ ଗଜାନନଙ୍କ ପୂଜା

## ତାଳଚେରରେ ପ୍ରସିଦ୍ଧ ଗଣେଶ ପୂଜା ଆରମ୍ଭ



ତାଳଚେର,୨୭।୮(ସମିସ): ଭାଦ୍ରବ ଶୁକ୍ଳପକ୍ଷ ଚତୁର୍ଥୀ ତିଥିରେ ବୁଧବାର ଅଗ୍ରପୂଜ୍ୟ ଗଜାନନଙ୍କ ପୂଜା ଆରମ୍ଭ ହୋଇଛି। ଗଣେଶ ପୂଜା ପାଇଁ ତାଳଚେର ରାଜ୍ୟରେ ପ୍ରସିଦ୍ଧ ହୋଇଥିବା ବେଳେ ଏଠାରେ ବିଭିନ୍ନ ପୂଜା ମଣ୍ଡପରେ ପୂଜା ଅନୁଷ୍ଠିତ ହେଉଛି। ନିକଟସ୍ଥ ବ୍ରାହ୍ମଣୀ ନଦୀ କୂଳରେ ସକାଳେ ବ୍ରାହ୍ମଣଙ୍କ ଦ୍ୱାରା ପୂଜାପାଠ କରାଯାଇ ପୂଜାମଣ୍ଡପର କାର୍ଯ୍ୟକର୍ତ୍ତାମାନେ କଳସରେ ଜଳ ସଂଗ୍ରହ କରି ଝାଞ୍ଜ, ଘଣ୍ଟ ଓ ମୃଦଙ୍ଗ ବଜାଇ ନିଜ ନିଜ ମଣ୍ଡପକୁ ଆସିଥିଲେ। ସେଠାରେ କଳସ ସ୍ଥାପନ ପରେ ରୀତିନୀତି ଅନୁସାରେ ଗଜାନନଙ୍କ ପୂଜାପାଠ କରାଯାଇ ମୃଣ୍ମୟ ମୂର୍ତ୍ତିରେ ବ୍ରାହ୍ମଣମାନେ ଜୀବଦାନ କରିଥିଲେ। ବିଭିନ୍ନ ପୂଜାମଣ୍ଡପ ପକ୍ଷରୁ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିଲା।

ତାଳଚେରରେ ଏହି ଗଣପର୍ବରେ ସହରଠାରୁ ଆରମ୍ଭ କରି ଗ୍ରାମାଞ୍ଚଳ ପର୍ଯ୍ୟନ୍ତ ଉତ୍ସବମୁଖର ହୋଇଉଠିଛି। ସ୍କୁଲ, କଲେଜ, ଶିକ୍ଷାନୁଷ୍ଠାନ, ପ୍ରତିଷ୍ଠାନ, ସରକାରୀ, ବେସରକାରୀ କାର୍ଯ୍ୟାଳୟ, ପୌରପରିଷଦର ୨୧ଟି ୱାର୍ଡରେ ସାହି ଗଳିକନ୍ଦିରେ ଗଜାନନଙ୍କ ପୂଜା ଅନୁଷ୍ଠିତ ହେଉଛି। ୧୧ଦିନ ପର୍ଯ୍ୟନ୍ତ ଏହି ପୂଜା ଅନୁଷ୍ଠିତ ହେବ। ଶ୍ରଦ୍ଧାଳୁଙ୍କୁ ଆକର୍ଷିତ କରିବା ପାଇଁ ମଣ୍ଡପଗୁଡ଼ିକୁ ଆଲୋକମାଳାରେ ସୁସଜ୍ଜିତ କରାଯାଇଛି। ସେପ୍ଟେମ୍ବର ୭ରେ ଭସାଣି ଉତ୍ସବ ଅନୁଷ୍ଠିତ ହେବ। ପ୍ରଶାସନ ପକ୍ଷରୁ କିଛି ସ୍ଥାନରେ ଅସ୍ଥାୟୀ ଟେଣ୍ଟ କରାଯାଇ ପୁଲିସ ମୁତୟନ କରାଯାଇଛି। ପୂଜା ମାହୋଲରେ ପ୍ରବଳ ଜନସମାଗମ ହେବ ବୋଲି ଆଶା କରାଯାଉଛି। ଭିଡ଼କୁ ଦୃଷ୍ଟିରେ ରଖି ଟ୍ରାଫିକ ନିୟନ୍ତ୍ରଣ, ରୋମିଓଙ୍କ ଗାଡ଼ିଚାଳନା, ମଦ୍ୟପ, ଚୋରି, ଡକାୟତି ଆଦି ଉପରେ ପୁଲିସ ତୀକ୍ଷ୍ଣ ନଜର ରଖିଛି। ଅନ୍ୟପଟେ ପ୍ରତ୍ୟେକ ବର୍ଷ ହାଟତୋଟା ପ୍ରଜାମଣ୍ଡଳ ଭବନରେ ରାମ ଦୋଳି ଓ ଅନେକ କିସମର ଦୋଳିମାନ ଦର୍ଶକଙ୍କ ପାଇଁ ପଡ଼ିଥାଏ। କିନ୍ତୁ ପ୍ରଜାମଣ୍ଡଳର ଉନ୍ନତୀକରଣ କାର୍ଯ୍ୟ ଚାଲୁଥିବାରୁ ଚଳିତବର୍ଷ ତାଳଚେର ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ଦୋଳି ପକାଯାଇଛି। ଦର୍ଶକମାନେ କିପରି ଅସୁବିଧାର ସମ୍ମୁଖୀନ ନ ହୋଇ ପୂଜାକୁ ଉପଭୋଗ କରିବେ ସେ ଦିଗରେ ପ୍ରଶାସନ ଦୃଷ୍ଟି ରଖିଛି।

### ନାଲକୋ ନଗର



ନାଲକୋ ନଗର: ନାଲକୋ ନଗରର ବିଭିନ୍ନ ଶିକ୍ଷାନୁଷ୍ଠାନଠାରୁ ଆରମ୍ଭ କରି କ୍ଲବ୍‌ରେ ପ୍ରାୟ ୨୫ଟି ପ୍ରମୁଖ ସ୍ଥାନରେ ବୁଧବାର ଗଣେଶ ପୂଜା ଆରମ୍ଭ ହୋଇଛି। ନାଲକୋ ନଗର ସରସ୍ୱତୀ ବିଦ୍ୟାମନ୍ଦିରରେ ପୂଜା ଅନୁଷ୍ଠିତ ହୋଇଛି। ସେହିପରି ନାଲକୋ ଟାଉନଶିପ ଅଞ୍ଚଳ ତାରିଣୀ ମନ୍ଦିର ଛକ ନିକଟ ଧୁମ କ୍ଲବ୍ (ଡିବିଜେଡ୍)ରେ ଚଳିତବର୍ଷ ନାରୀ ସୁରକ୍ଷା, ଗଣବଳାତ୍କାର, କନ୍ୟା ଭ୍ରୂଣହତ୍ୟା ନିରୋଧ ସଚେତନତା ଉପରେ ଆଧାରିତ ୫୦ ଫୁଟର ତୋରଣ ଭିତରେ ଗଣେଶ ପୂଜା ପାଳନ କରାଯାଉଛି। ଅଖାରେ ନିର୍ମିତ ସ୍ୱତନ୍ତ୍ର ମାଟି ମୂର୍ତ୍ତି ଓ କ୍ଲବ୍ ସଦସ୍ୟଙ୍କ ୟୁନିଫର୍ମ ସଭିଙ୍କୁ ଆକୃଷ୍ଟ କରିଛି। ଚଳିତ ବର୍ଷ ୧୧ତମ ବର୍ଷରେ ପୂଜା ପଦାର୍ପଣ କରିଥିବା କମିଟି ସଭାପତି ଅଜିତ ସାହୁ, ସମ୍ପାଦକ ନୀତୀଶ ଚନ୍ଦ୍ର ଜେନା, ଯୁଗ୍ମ ସମ୍ପାଦକ ସନ୍ତୋଷ କୁମାର ସେଠୀ, କୋଷାଧ୍ୟକ୍ଷ ଭବାନୀ ଶଙ୍କର ଦାସ ପ୍ରମୁଖ ଜଣାଇଛନ୍ତି। ଏଥିରେ ସମିତି ସଦସ୍ୟ ସୁମିତ ଧୀର, ନିରଜ ରାଉଳ, ଶିବାନନ୍ଦ ପ୍ରଧାନ, ମାନସ ରଞ୍ଜନ ସାହୁ, ରାଜେଶ କୁମାର ସାହୁ, ପ୍ରକାଶ ପାଣ୍ଡା, ବିନୋଦ ପାଣି, ରଜକେତନ ସାହୁ, ଶିବ ସେଠ, ସିଦ୍ଧାର୍ଥ ବେହେରା ପ୍ରମୁଖ ସହଯୋଗ କରୁଛନ୍ତି। କଲୋନୀ ପରିସର ଆଇକନିକ୍ସ ଡେଭିଲ୍ସ ବଏଜ କ୍ଲବ ପକ୍ଷରୁ ପୂଜା ଆୟୋଜନ କରାଯାଇଛି। କମିଟି ସଭ୍ୟ ଶୁଭମ ସାହୁ, ଗୋଲ୍ଡି ସାହୁ, ସୌମ୍ୟରଞ୍ଜନ ସାହୁ, ବିଶ୍ୱଜିତ୍ ପୁଷ୍ଟି, ବିଶ୍ୱରୂପ ପଣ୍ଡା, ପୂର୍ଣ୍ଣିତ ପରମଜ୍ୟୋତି ନାୟକ, ଦୀନେଶ ପଣ୍ଡା, ବିଭୂତି ଭୂଷଣ ଧର, ଆଦିତ୍ୟ ସିଂ, ସଚିନ ସେଠୀ ପ୍ରମୁଖ ସହଯୋଗ କରୁଛନ୍ତି। ସେହିପରି ଜନତା ୟୁଥ୍ କ୍ଲବ୍, ଟିଏଲବି କ୍ଲବ୍, ଟିଆରଆର ଗଣେଶ ପୂଜା କମିଟି, ସର୍କାର କ୍ଲବ୍, ଆରପିଜେଡ୍ କ୍ଲବ୍, ବ୍ରାଣ୍ଡ ୯୯, ଧୁମ୍, ଗଣପତି କ୍ଲବ୍, ଲିଟିଲ ଚାମ୍ପ ସ୍କୁଲ, ଏସ୍‌ଆର ପ୍ଲାଜା ମାର୍କେଟ କମ୍ପ୍ଲେକ୍ସ, କାଣ୍ଡସର ଶିବଶକ୍ତି ମାର୍କେଟ କମ୍ପ୍ଲେକ୍ସ, ଫ୍ରେଣ୍ଡସ କ୍ଲବରେ ମଧ୍ୟ ଗଣେଶ ପୂଜା ଅନୁଷ୍ଠିତ ହୋଇଥିଲା।

## ସାତକୋଶିଆ ଗଣ୍ଡ ଉପରେ ପୁଣି ଉଡ଼ିଲା ହେଲିକପ୍ଟର



ଅନୁଗୋଳ,୨୭।୮(ସମିସ): ମହାନଦୀର ଅନୁଗୋଳ ଜିଲ୍ଲା ସାତକୋଶିଆ ଗଣ୍ଡ ଉପରେ ବୁଧବାର ପୁଣି ଏକ ହେଲିକପ୍ଟର ଉଡୁଥିବା ଦେଖାଯାଇଥିଲା। ଅପରାହ୍ଣରେ ଏହି ହେଲିକପ୍ଟର ଉଡାଣ କରିଥିବା ବେଳେ ହେଲିକପ୍ଟରଟି କାହାର ଏଯାବତ ସ୍ପଷ୍ଟ ହୋଇନାହିଁ। ସାତକୋଶିଆ ଗଣ୍ଡ ଉପରେ କମ ଉଚ୍ଚତାରେ କୌଣସି ଉଡ଼ାଣ ନିଷିଦ୍ଧ କରାଯାଇଥିବା ବେଳେ ବାରମ୍ବାର ଗଣ୍ଡ ଉପର ଦେଇ କିଏ ଏହି ହେଲିକପ୍ଟର ଉଡ଼ାଉଛି ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ପୂର୍ବରୁ ମଧ୍ୟ ଏପରି ପ୍ରାୟ ୪ଥର ଲଗାତାର ଗଣ୍ଡ ଉପରେ ହେଲିକପ୍ଟର ଉଡ଼ିବା ଘଟଣାରେ ବନବିଭାଗ ଏୟାର ଟ୍ରାଫିକ କଣ୍ଟ୍ରୋଲକୁ ଚିଠି ଲେଖିଥିଲା। ଏଥି ସହ ଭୁବନେଶ୍ୱର ଓ ଝାରସୁଗୁଡ଼ା ବିମାନ ବନ୍ଦର କର୍ତ୍ତୃପକ୍ଷଙ୍କୁ ମଧ୍ୟ ଉକ୍ତ ଉଡ଼ାଣ ସମ୍ପର୍କରେ ତଥ୍ୟ ଦେବାକୁ ଚିଠି ଲେଖିଥିଲା। ତେବେ ଦୁଇ ବିମାନ ବନ୍ଦରରୁ ଏପରି କୌଣସି ଉଡ଼ାଣ ହୋଇ ନ ଥିବା ସେ ସମୟରେ ଉତ୍ତର ଆସିଥିବା ବେଳେ ଉକ୍ତ ଘଟଣା ଚାପିହୋଇ ରହିଗଲା। ବର୍ତ୍ତମାନ ପୁଣି ଥରେ ବୁଧବାର ଅପରାହ୍ଣରେ ଗଣ୍ଡର ଉପରମୁଣ୍ଡରୁ ତଳମୁଣ୍ଡ ବାଲିପୁଟ ଆଡ଼କୁ ହେଲିକପ୍ଟର ଉଡ଼ି ଯାଉଥିବା ଆମ ସାତକୋଶିଆ ପ୍ରତିନିଧି ଦେଖି ନିଜ ମୋବାଇଲରେ ଏହାର ଭିଡିଓ ଉତ୍ତୋଳନ କରିଥିଲେ। ତେବେ ଏନେଇ ସାତକୋଶିଆ ବନ୍ୟପ୍ରାଣୀ ବନଖଣ୍ଡ କି କାର୍ଯ୍ୟାନୁଷ୍ଠାନ ନେଉଛି ତାହା ଦେଖିବାକୁ ବାକୁ ରହିଲା।

### ଢେଙ୍କାନାଳ ସହର

ଢେଙ୍କାନାଳ,୨୭।୮(ସମିସ): ଢେଙ୍କାନାଳ ସହରର ବୁଧବାରଠାରୁ ଆରମ୍ଭ ହୋଇଛି ଅଗ୍ରପୂଜ୍ୟ ଗଜାନନଙ୍କ ପୂଜନୋତ୍ସବ। ଆଠଦିନ ଧରି ଏହି ପୂଜା ଅନୁଷ୍ଠିତ ହେବାକୁ ଥିବା ବେଳେ ଆକର୍ଷଣୀୟ ଲାଇଟ ଏବଂ ତୋରଣରେ ମଣ୍ଡପଗୁଡ଼ିକ ସଜ୍ଜିତ ହୋଇଛି। ଢେଙ୍କାନାଳ ସହରଠାରୁ ଆରମ୍ଭକରି ଗ୍ରାମ ପର୍ଯ୍ୟନ୍ତ ଗଣେଶ ପୂଜା ଆରମ୍ଭ ହୋଇଛି। ସହରର ବିଭିନ୍ନ ପୂଜା ମଣ୍ଡପଗୁଡ଼ିକ ପକ୍ଷରୁ ବାଜାବାଣ ସହ ଧୁମଧାମରେ ପୂଜା ଆରମ୍ଭ ହୋଇଛି। ଗଣପତି ବାବା ମୋରୀୟା ଧ୍ୱନି ସହର ପରିବେଶକୁ ଭକ୍ତିମୟ କରିଛି। ମଣ୍ଡପଗୁଡ଼ିକରେ ଆଖପାଖ ଅଞ୍ଚଳର ହଜାର ହଜାର ଶ୍ରଦ୍ଧାଳୁଙ୍କ ଭିଡ଼ ଦେଖିବାକୁ ମିଳିଛି। ସହରର ବିଭିନ୍ନ ବ୍ଲକ ଏବଂ ଅନୁଷ୍ଠାନ ତରଫରୁ ପୂଜା କରାଯାଉଛି। ୩୬ଟି ମଣ୍ଡପରେ ଚଳିତ ବର୍ଷ ପୂଜା ହେଉଛି। ଲକ୍ଷ୍ମୀପୂଜା ଭଳି ୨୦୧୮ ମସିହାରୁ ଗଣେଶ ପୂଜା ଜାକଜମକରେ ଅନୁଷ୍ଠିତ ହେଉଛି। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ପୁଲିସ ମୁତୟନ କରାଯାଇଛି।

### ସୁଲକ୍ଷଣା ଦେବୀ ଉଚ୍ଚ ବିଦ୍ୟାଳୟ

ଯୋରନ୍ଦା: ଢେଙ୍କାନାଳ ସହରସ୍ଥିତ ସୁଲକ୍ଷଣା ଦେବୀ ସରକାରୀ ଉଚ୍ଚ ବିଦ୍ୟାଳୟରେ ଗଣେଶ ପାଳନ କରାଯାଇଛି। ପୁରୋହିତଙ୍କ ଦ୍ୱାରା ମଣ୍ଡଳ ପୂଜା, କଳସ ପୂଜା, ଷୋଡ଼ଶ ଉପଚାର ପୂଜା ଓ ଚକ୍ଷୁଦାନ ସହ ହୋମଯଜ୍ଞ ଏବଂ ବିଭିନ୍ନ ଭୋଗଲାଗି କରାଯାଇଥିଲା। ଛାତ୍ରଛାତ୍ରୀମାନେ ପୁଷ୍ପାଞ୍ଜଳି ପ୍ରଦାନ କରିଥିଲେ। ପ୍ରଧାନଶିକ୍ଷୟିତ୍ରୀ ତଥା ଭୁବନ ମଣ୍ଡଳ ଶିକ୍ଷା ଅଧିକାରିଣୀ ମିନତୀ ଦେହୁରୀଙ୍କ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟ ସମ୍ପାଦିତ ହୋଇଥିଲା। ପରିଚାଳନା କମିଟି ଅଧ୍ୟକ୍ଷ ପ୍ରଦୀପ୍ତ କୁମାର ମହାପାତ୍ରଙ୍କ ସମେତ ଓ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ।

### ରାଧାକୃଷ୍ଣ ବଜାର

ଢେଙ୍କାନାଳ: ଢେଙ୍କାନାଳ ସହର ରାଧାକୃଷ୍ଣ ବଜାରରେ ୧୫ତମ ଗଣେଶ ପୂଜା ପାଳିତ ହୋଇଛି। ସାତ ଦିନ ଧରି ଏହି ପୂଜା ଚାଲିବ ବୋଲି କମିଟି ପକ୍ଷରୁ ସୂଚନା ଦିଆଯାଇଛି। ପୂଜକ ଘନଶ୍ୟାମ ଶର୍ମା ଓ କର୍ତ୍ତା ଗୋବିନ୍ଦ ଷଣ୍ଢ ପୂଜାକାର୍ଯ୍ୟ ସମ୍ପାଦନ କରିଥିଲେ। ସଭାପତି ସଂଗ୍ରାମ ବେହେରା, ସମ୍ପାଦକ ମାନସ ବାରିକ, ଉପଦେଷ୍ଟା ବିଶ୍ୱରଞ୍ଜନ ଓଝା, ସମୀର ବେହେରା ଓ କମିଟିର ସମସ୍ତ ସଦସ୍ୟ ପରିଚାଳନା କରିଥିଲେ।

### ପଦ୍ମଶ୍ରୀ କ୍ଲବ

ଢେଙ୍କାନାଳ: ଢେଙ୍କାନାଳ ସହର ପଦ୍ମବଜାରସ୍ଥିତ ପଦ୍ମଶ୍ରୀ କ୍ଲବ୍ ପକ୍ଷରୁ ଗଣେଶ ପୂଜା ୨୫ବର୍ଷ ପୂର୍ତ୍ତି ଉପଲକ୍ଷେ ରୌପ୍ୟ ଜୟନ୍ତୀ ପାଳନ କରୁଛି। ଏହି ଅବସରରେ ଶ୍ରୀଗଣେଶଙ୍କୁ ପ୍ରାୟ ଦେଢ଼ଲକ୍ଷ ଟଙ୍କାର ରୁପା ମୁକୁଟ ପରିଧାନ କରାଯାଇଛି। ସାତଦିନ ଧରି ପୂଜା ଚାଲିବ ବୋଲି କମିଟି ପକ୍ଷରୁ ସୂଚନା ଦିଆଯାଇଛି। ପୂଜକ ସିଦ୍ଧେଶ୍ୱର ମିଶ୍ର ପୂଜାକାର୍ଯ୍ୟ ସମ୍ପାଦନ କରିଥିବାବେଳେ କର୍ତ୍ତା ଭାବେ ବିଚିତ୍ର ସାହୁ ଦାୟିତ୍ୱ ତୁଲାଇଥିଲେ। ସଭାପତି ଚିନ୍ମୟ ପୁଷ୍ଟି, ସମ୍ପାଦକ ସୌମ୍ୟରଞ୍ଜନ ମହାପାତ୍ର, କୋଷାଧ୍ୟକ୍ଷ ଅମରଦୀପ ସାହୁ, ସହ-ସମ୍ପାଦକ ସୁମନ୍ତ କୁମାର ସାହୁ, ଉପସଭାପତି ଅଭୟ କୁମାର ସାହୁ, ଉପଦେଷ୍ଟା ସତ୍ୟବ୍ରତ ସାହୁ, ମନୋଜ କୁମାର ସାହୁ, ରିଙ୍କୁ ସାହୁ ଓ କମିଟିର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

### ଗଜପତି କ୍ଲବ

ଢେଙ୍କାନାଳ: ଢେଙ୍କାନାଳ ସଦର ବ୍ଲକ କାଙ୍କଡ଼ପାଳ ପୁରୁଣା ସାହିରେ ଗଜପତି କ୍ଲବ୍ ତରଫରୁ ୨୦ତମ ଗଣେଶ ପୂଜା ପାଳିତ ହୋଇଛି। ଆସନ୍ତା ମାସ ୧୮ ତାରିଖ ଭସାଣି ଶୋଭାଯାତ୍ରା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ପୂଜକ ପ୍ରମୋଦ କୁମାର ପଣ୍ଡା, କର୍ତ୍ତା ଅର୍ଜୁନ ଦାସ, ସଭାପତି ପ୍ରିୟବ୍ରତ ପଣ୍ଡା, ସମ୍ପାଦକ ସୂର୍ଯ୍ୟନାରାୟଣ ସାହୁଙ୍କ ତତ୍ତ୍ୱାବଧାନରେ ପୂଜା କାର୍ଯ୍ୟ ଅନୁଷ୍ଠିତ ହେଉଛି।

### ମହାବୀର ୟୁଥ କ୍ଲବ

ଢେଙ୍କାନାଳ: ଢେଙ୍କାନାଳ ଜଗନ୍ନାଥ ରୋଡ୍‌ସ୍ଥିତ ମହାବୀର ୟୁଥ୍ କ୍ଲବ୍ ପକ୍ଷରୁ ୫୩ତମ ଗଣେଶ ପୂଜା ପାଳିତ ହୋଇଛି। ଶ୍ରୀଗଣେଶଙ୍କ ପାଖରେ ଚାନ୍ଦି ଅଳଙ୍କାର ଲାଗି ହୋଇଛି। ସାତ ଦିନ ଧରି ପୂଜା ଚାଲିବ। ପୂଜକ ରୁଦ୍ରନାରାୟଣ କବି ଶତପଥୀ, କର୍ତ୍ତା ବୀରବର ସାହୁ, ସଭାପତି ଜି. ପରମେଶ୍ୱର ରାଓ, ସମ୍ପାଦକ ବୀରବର ସାହୁ, ପ୍ରଭାତ ଦଳେଇ, ସଦସ୍ୟ ଦିଲୀପ ଖଟୁଆ, ଚିନ୍ତାମଣି ସାହୁ, ସୋମନାଥ ଦୋରା, ରଞ୍ଜନ ଖଟୁଆ, ଶକ୍ତିପ୍ରସାଦ ସାହୁ, ଶ୍ରୀରାମ ଦୋରା, ନାରାୟଣ ଦୋରା ଏବଂ ସମସ୍ତ କର୍ମକର୍ତ୍ତାଙ୍କ ଉପସ୍ଥିତିରେ ପୂଜା ହୋଇଥିଲା।

### ଜଗନ୍ନାଥ କ୍ଲବ

ଢେଙ୍କାନାଳ: ଢେଙ୍କାନାଳ ସହର ଚନ୍ଦନ ବଜାରଠାରେ ଜୟ ଜଗନ୍ନାଥ କ୍ଲବ୍ ତରଫରୁ ୩୭ତମ ଗଣେଶ ପୂଜା ଅନୁଷ୍ଠିତ ହେଉଛି। ଏଥିରେ ମୁଖ୍ୟ ଆକର୍ଷଣ ହେଉଛି ୪୨ ହଜାର ଟଙ୍କାର କଏନ୍ ଲାଗି ୮ ଫୁଟ ଉଚ୍ଚ ମୂର୍ତ୍ତି ତିଆରି ହୋଇଛି। ଚାନ୍ଦି ମୁକୁଟରେ ଆଭୂଷିତ ହୋଇଛନ୍ତି ଗଜାନନ। ସଭାପତି ଅମରେନ୍ଦ୍ର ସାହୁ, ଉପସଭାପତି ସଂଗ୍ରାମ ଦଳେଇ, ସମ୍ପାଦକ ଲକ୍ଷ୍ମୀକାନ୍ତ ମେହେର, ସହ-ସମ୍ପାଦକ ମୁନାଜିତ୍ ଖାନ୍, କୋଷାଧ୍ୟକ୍ଷ ପ୍ରକାଶ ବେହେରା, ପ୍ରିୟାଂଶୁ ବେହେରା, ଚାନ୍ଦୁ ସାହୁ ଓ କମିଟିର ସମସ୍ତ ସଦସ୍ୟ ଉପସ୍ଥିତ ରହି ପୂଜା ପରିଚାଳନା କରିଥିଲେ।

### ବିବି ହାଇସ୍କୁଲ



ଢେଙ୍କାନାଳ: ସ୍ଥାନୀୟ ପିଏମ୍‌ଶ୍ରୀ ବ୍ରଜନାଥ ବଡ଼ଜେନା ସରକାରୀ ଉଚ୍ଚ ବିଦ୍ୟାଳୟରେ ଗଜାନନଙ୍କ ପୂଜା ଅନୁଷ୍ଠିତ ହୋଇଛି। ପ୍ରଧାନଶିକ୍ଷକ ମନୋଜ ରଞ୍ଜନ ଦଳେଇ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସାରଙ୍ଗଧର ସାହୁ, ଉପସଭାପତି ସୁପ୍ରଭା ସ୍ୱାଇଁ, ସଦସ୍ୟା ଝରଣା ପାତ୍ର, ମୀନା ନାଏକ, ସୀମାରାଣୀ ସାହୁ, ପ୍ରଭାସିନୀ ସାହୁ, ବିଜୟଲକ୍ଷ୍ମୀ ଜେନା, ଲକ୍ଷ୍ମୀକାନ୍ତ ଜେନା, ଦିଲାବର ହୁସେନ, ବିରଞ୍ଚି ନାଏକଙ୍କ ସମେତ ଛାତ୍ରଛାତ୍ରୀ ଅଭିଭାବକ ଏଥିରେ ଯୋଗଦେଇଥିଲେ। ଅତିଥି ଶିକ୍ଷକ ସୁରେଶ କୁମାର ପଣ୍ଡା, ପ୍ରାକ୍ତନ ଶିକ୍ଷକ ଡ. ଦେବୀପ୍ରସାଦ ମିଶ୍ର, ଧ୍ୟାନଚାନ୍ଦ ମିଶ୍ର, ପ୍ରାକ୍ତନ କ୍ରୀଡ଼ା ଶିକ୍ଷକ ଅକ୍ଷୟ କୁମାର ପଣ୍ଡା, ବରିଷ୍ଠ ଶିକ୍ଷୟିତ୍ରୀ ସୁନିତାବାଳା ଷଡ଼ଙ୍ଗୀ, ସ୍ୱାଗତିକା ରଥ, ସୁଜାତା ପଣ୍ଡା, ସୁଚିତ୍ରା ସାହୁ, କିରଣମୟୀ ମହାଳିକ, କଲ୍ୟାଣୀ ବଡ଼ଜେନା, ଜ୍ୟୋତିରଞ୍ଜନ ନାୟକ, ନଳିନୀ ବେହେରା, ଅନୁପମା ପଣ୍ଡା, କ୍ଷୀରାବ୍ଧିତନୟା ମହାପାତ୍ର, ସ୍ମିତିସୁଧା ଜେନା, ଅନିତା ସାହୁ, ସ୍ମିତା ପଟ୍ଟନାୟକ, କାର୍ଯ୍ୟାଳୟ ସହକାରୀ ସୁଦର୍ଶନ ସାହୁ, ଅଜିତ୍ କୁମାର ବାରିକ, ଶୁଭଶ୍ରୀ ଦେବସ୍ମିତା ରାଉତ, ସୁଜିତ କୁମାର ବାରା, ବାସୁଦେବ ରଣା, ମମତା ବେହେରା, ରୁଦ୍ରାକ୍ଷ ଗଡ଼ନାୟକ, ସନ୍ତୋଷ ଜେନା, ନରହରି ଗୋଛାୟତ ପ୍ରମୁଖ ଉପସ୍ଥିତ ଥିଲେ।







# ସମ୍ପାଦକୀୟ



ମୁଁ ଏପରି ଏକ ଦୁନିଆରେ ରହିବାକୁ ଚାହେଁ, ଯେଉଁଠାରେ ହସ ଓ କାନ୍ଦର ସମାହାର ଥିବ।
-ଖଲିଲ୍ ଗିର୍ବାନ୍

ସକାଳ
THE SAKALA

## ଆସ୍ଥା ଓ ବିଶ୍ୱାସ ସଙ୍କଟ

ବ୍ୟବସ୍ଥା ଉପରୁ ଆସ୍ଥା ଓ ବିଶ୍ୱାସ ତୁଟିଯିବା ଭଳି ପରିସ୍ଥିତି ଉପୁଜିବାକୁ ନ ଦେବା ହିଁ କ୍ଷମତାକେନ୍ଦ୍ରର ଦାୟିତ୍ୱ। ଗଣତାନ୍ତ୍ରିକ ରାଷ୍ଟ୍ରରେ ଜନସମୁଦାୟର ଭରସା ଉପରେ ନିର୍ଭର କରେ କ୍ଷମତା ହାସଲ କରିବା। ଏଥିସକାଶେ ଆବଶ୍ୟକ ନାଗରିକଙ୍କ ମତାଧିକାର ଅକ୍ଷୁଣ୍ଣ ରଖିବା ଏବଂ ଅବାଧ ଓ ନିରପେକ୍ଷ ନିର୍ବାଚନ ପରିଚାଳନା। ଯେତେବେଳେ କ୍ଷମତା ହାସଲ ବା ଦଖଲ ଅନିବାର୍ଯ୍ୟ ହୋଇପଡ଼େ ସେତେବେଳେ ତଥାକଥିତ ଅଧିକାର ଓ ନିରପେକ୍ଷତା ହନନ ହେବା ଥୟ। ଇଏ ହେଉଛି ସମୟ ସମୟର କଥା। ନିରଙ୍କୁଶ କ୍ଷମତା ପାଇଁ ପରିବେଶ ଓ ପରିସ୍ଥିତିକୁ ଅନୁକୂଳ କରିପାରିଲେ ଜନମତର ଗତି ଯୁଆଡ଼େ ଯାଉଛି ଯାଉ, ଶାସନର ଲଗାମ ହାତକୁ ଆସିବ ହିଁ ଆସିବ। ଏଭଳି ଏକ ମାନସିକତା ନେଇ କ୍ଷମତାକେନ୍ଦ୍ର ଯେତେବେଳେ ବ୍ୟବସ୍ଥାରେ ପରିବର୍ତ୍ତନ ଆଣେ ସେତେବେଳେ ବିଦ୍ରୋହ ଓ ବିଦ୍ୱେଷ ଉପୁଜିବା ସ୍ୱାଭାବିକ। କିନ୍ତୁ ଏହା ଶେଷ କଥା ନୁହେଁ। ଶାସନ ବ୍ୟବସ୍ଥାର ସବୁ ତନ୍ତ୍ର ବିରୋଧରେ ମିଳିତ ଭାବେ ଲଢ଼େଇ କରିବା ଏତେ ସହଜ ନୁହେଁ। ବ୍ୟବସ୍ଥା ବଦଳାଇବା ଜରୁରୀ। ବ୍ୟବସ୍ଥା ବଦଳିଲେ ମତଦାତା ନିଜ ହିସାବରେ ନେତା ଓ କ୍ଷମତା ନିର୍ଦ୍ଧାରଣ କରିବେ। ନିରଙ୍କୁଶ କ୍ଷମତା ବିରୋଧରେ ନିରବଚ୍ଛିନ୍ନ ସଂଗ୍ରାମ ପାଇଁ ସର୍ବୋଚ୍ଚ ତ୍ୟାଗ ଓ ବଳିଦାନ ପ୍ରତି ଅଙ୍ଗୀକାର ଥିବା ନେତୃତ୍ୱର ଆବଶ୍ୟକତା ଏବେ ମଧ୍ୟ ରହିଛି। ସମୟ କହିବ ଏହି ଆବଶ୍ୟକତା ପୂରଣ କରିବାକୁ ଏବେର ନେତୃତ୍ୱ କେତେଦୂର ସମର୍ଥ।

ଦେଶର ଅନ୍ୟତମ ଅନଗ୍ରସର ରାଜ୍ୟ ରୂପେ ବିହାର ପରିଚିତ। କେବଳ ଦାରିଦ୍ର୍ୟ ନୁହେଁ ଶିକ୍ଷାକ୍ଷେତ୍ରରେ ମଧ୍ୟ ପଛୁଆ। ଭୟଙ୍କର ଆର୍ଥିକ ଦୁର୍ଗତି ମଧ୍ୟରେ ରାଜ୍ୟ ବାହାରେ ଜୀବନ ଓ ଜୀବିକା ନିର୍ବାହ ବିହାର ଅଧିବାସୀଙ୍କ ସମସ୍ୟା ଦେଶରେ ସର୍ବାଧିକ। ବେକାରୀ ଓ କର୍ମନିଯୁକ୍ତି ଅଭାବ ରହିଛି ଏହାର ପୃଷ୍ଠଭାଗରେ। ଅଥଚ ରାଜନୈତିକ ଦୃଷ୍ଟିରୁ ରାଜ୍ୟବାସୀ ସବୁଠାରୁ ଅଧିକ ସଚେତନ। ତେଣିକି ସେ ସ୍ୱାଧୀନତା ସଂଗ୍ରାମ ହେଉ କିମ୍ବା ପରବର୍ତ୍ତୀ ପରିସ୍ଥିତିରେ କୁଶାସନ ଓ ବ୍ୟବସ୍ଥାଗତ ଅସନ୍ତୁଳନ ବିରୋଧରେ ଦେଶକୁ ସଂଗ୍ରାମର ଆଲୋକବର୍ତ୍ତିକା ଦେଖାଇଛନ୍ତି ବିହାରବାସୀ। ସାମାଜିକ ଓ ରାଜନୈତିକ ବ୍ୟବସ୍ଥାରେ ମୌଳିକ ପରିବର୍ତ୍ତନ ଆଣିବା ସେତେବେଳେ ଜରୁରୀ ହୋଇପଡ଼ିଥିଲା। ଦୁର୍ନୀତି ଓ ପ୍ରଶାସନିକ ବିଶୃଙ୍ଖଳା ବିରୋଧରେ ଜୟପ୍ରକାଶ ନାରାୟଣ ୧୯୭୪ରେ ଯେଉଁ ଛାତ୍ର ଓ ଯୁବ ସଂଗଠନକୁ ନେଇ ସଂଗ୍ରାମ ଆରମ୍ଭ କରିଥିଲେ ତାହା ପରବର୍ତ୍ତୀ ପର୍ଯ୍ୟାୟରେ 'ସମ୍ପୂର୍ଣ୍ଣ କ୍ରାନ୍ତି'ର ରୂପ ନେଇଥିଲା। ସଂଯୋଗବଶତଃ ଠିକ୍ ସେହି ସମୟରେ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ଆହ୍ଲାବାଦ ହାଇକୋର୍ଟରେ ନିର୍ବାଚନ ମାମଲା ହାରିଯାଇଥା'ନ୍ତି। ପରିସ୍ଥିତି ଅଣାୟତ୍ତ ହେବା ପୂର୍ବରୁ ସେ ଦେଶରେ ୧୯୭୫ ଜୁନ୍ ୨୫ରେ ଜରୁରୀକାଳୀନ ପରିସ୍ଥିତି ଘୋଷଣା କଲେ। 'ସମ୍ପୂର୍ଣ୍ଣ କ୍ରାନ୍ତି'ରେ ଯୋଡ଼ି ହୋଇଥିବା ବିରୋଧୀ ଦଳ ନେତା ଓ ଯୁବ ନେତୃତ୍ୱକୁ ଜେଲ୍ ପଠାଇବା ଘଟଣା ଦେଶର ରାଜନୈତିକ ସ୍ତରରେ ଏକ ନାଟକୀୟ ପରିବର୍ତ୍ତନ ପାଇଁ ପଥ ପରିଷ୍କାର କଲା। ଦେଶରେ ଅଣକଂଗ୍ରେସ ମିଳିତ ସରକାରର ଭିତ୍ତିଭୂମି ପଡ଼ିଥିଲା ସେହି ସମୟରେ। ଇନ୍ଦିରାଙ୍କ ନିର୍ବାଚନ ପରାଜୟ ପରେ କ୍ଷମତାସୀନ ଜନତା ପାର୍ଟି ସରକାର ମାତ୍ର ୩ ବର୍ଷ ପାଇଁ ତିଷ୍ଠି ଥିଲା। ଏସବୁ ସତ୍ତ୍ୱେ ଯିଏ ଯେତେ କ୍ଷମତାଶାଳୀ ହେଉନା କାହିଁକି ବ୍ୟବସ୍ଥା ପରିବର୍ତ୍ତନ ପାଇଁ ଯେତେବେଳେ ଐକ୍ୟବଦ୍ଧ ଭାବେ ଲଢ଼ିବେ ସେ କ୍ଷମତାଚ୍ୟୁତ ହେବା ଏକପ୍ରକାର ନିଶ୍ଚିତ। ତାହା ଥିଲା ଏକ ପ୍ରୟୋଗ ଓ ପରୀକ୍ଷା। ସମୟକ୍ରମେ ତାହା ସଫଳତା ଲାଭ କରିଥିବାର ଦୃଷ୍ଟାନ୍ତ ରହିଛି।

ବିହାର ବିଧାନସଭାର ଦୁଇମାସ ପୂର୍ବରୁ ନିର୍ବାଚନ ଆୟୋଗ ରାଜ୍ୟରେ ଭୋଟର ତାଲିକାର ସ୍ୱତନ୍ତ୍ର ବ୍ୟାପକ ଯାଞ୍ଚ(ଏସ୍ଆଇଆର) ଘୋଷଣା କରି ଯେଉଁ ପଦକ୍ଷେପ ନେଲେ ତାହା ତାଙ୍କର ନିଷ୍ଠା ଓ ଆନ୍ତରିକତା ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଗତ ଲୋକସଭା ନିର୍ବାଚନ ପୂର୍ବରୁ ଯାଞ୍ଚ ହୋଇଥିବା ଭୋଟର ତାଲିକାର ଏତେ ତରବରିଆ ଭାବେ ପୁଣି ବ୍ୟାପକ ଯାଞ୍ଚର ଆବଶ୍ୟକତା କ'ଣ ଥିଲା? ଯେଉଁ ଉଦ୍ଦେଶ୍ୟ ଆନୁଷ୍ଠାନିକ ଭାବେ ଦର୍ଶାଯାଇଥିଲା ତାହା ମଧ୍ୟ ସଠିକ ପରିଲକ୍ଷିତ ହୋଇନାହିଁ। ପ୍ରଚଳିତ ତାଲିକାରୁ ୬.୫ ନିୟୁତ ଭୋଟରଙ୍କୁ ବାଦ୍ ଦିଆଯାଇଛି। ସେମାନଙ୍କ ମଧ୍ୟରୁ ୨୨ ଲକ୍ଷଙ୍କୁ ମୃତ ଦର୍ଶାଯିବା ଘଟଣା ନେଇ ଯେତେ ସ୍ପଷ୍ଟୀକରଣ ଦିଆଯାଉନା କାହିଁକି ତାହା କାହାର ହୃଦ୍‌ବୋଧ ହୋଇନାହିଁ। ଏହି ପ୍ରେକ୍ଷାପଟରେ କର୍ଣ୍ଣାଟକର ମହାଦେବପୁରା ବିଧାନସଭା ଆସନରେ ପ୍ରସ୍ତୁତ ଭୋଟର ତାଲିକାରେ ଜାଲିଆତି ସମ୍ପର୍କରେ ତଥ୍ୟ ଉଦ୍‌ଘାଟନ କରି ବିରୋଧୀ ଦଳ ନେତା ନିର୍ବାଚନ ଆୟୋଗଙ୍କ ନିରପେକ୍ଷତା ନେଇ ପ୍ରଶ୍ନ ଉଠାଇଛନ୍ତି। ବିହାର ଏସ୍ଆଇଆର ପ୍ରସଙ୍ଗ ସୁପ୍ରିମକୋର୍ଟରେ ବିଚାରାଧୀନ ଥିବା ବେଳେ ବିରୋଧୀ ଦଳ ନେତା ରାହୁଲ୍ ଗାନ୍ଧୀଙ୍କ ନେତୃତ୍ୱରେ ଆରମ୍ଭ ହୋଇଥିବା 'ଭୋଟ ଅଧିକାର ଯାତ୍ରା' ସମଗ୍ର ବିହାରରେ ରାଜନୈତିକ ଉଦ୍‌ବେଳନ ସୃଷ୍ଟି କରିଛି। ସମଗ୍ର ଦେଶରେ ବିରୋଧୀ ରାଜନେତା ଗୋଟିଏ ମଞ୍ଚରେ ଏକତ୍ର ହୋଇ ଯେଉଁ ଆହ୍ୱାନ ଦେଇଛନ୍ତି ତାହାର ଭବିଷ୍ୟତ କ'ଣ ହେବ ସେ ନେଇ କିଛି ଟିପ୍ପଣୀ ଦେବାର ଆବଶ୍ୟକତା ନାହିଁ। ଜୟପ୍ରକାଶଙ୍କ 'ସମ୍ପୂର୍ଣ୍ଣ କ୍ରାନ୍ତି' ଓ ରାହୁଲ୍‌ଙ୍କ 'ଭୋଟ ଅଧିକାର ଯାତ୍ରା' ସଂଯୋଗବଶତଃ ସେହି ବିହାରରୁ ଆରମ୍ଭ ହୋଇଛି। ତାହା ଥିଲା ଇନ୍ଦିରା ଗାନ୍ଧୀଙ୍କ ଶାସନ ବିରୋଧରେ। ଏବେ କିନ୍ତୁ ପରିବର୍ତ୍ତିତ ବ୍ୟବସ୍ଥାରେ ଇନ୍ଦିରାଙ୍କ ନାତି ରାହୁଲ୍ ପ୍ରଚଳିତ ଶାସନରେ ପରିବର୍ତ୍ତନ ଆଣିବା ସକାଶେ ଜନସମୁଦାୟକୁ ଐକ୍ୟବଦ୍ଧ ଭାବେ ସଂଗ୍ରାମର ନେତୃତ୍ୱ ଦେଉଛନ୍ତି। ୫୧ ବର୍ଷ ବ୍ୟବଧାନରେ କ୍ରମେ ପରିପକ୍ୱ ହେଉଥିବା ଭାରତୀୟ ଗଣତନ୍ତ୍ରରେ ପରିଲକ୍ଷିତ ବିଲକ୍ଷଣ ପୁଣି ଥରେ ସଂଗ୍ରାମ ସକାଶେ ବାଧ୍ୟବାଧକତା ସୃଷ୍ଟି କରିଛି।

ଏହାକୁ ଯଦି ଆମେ କ୍ଷମତାକୈନ୍ଦ୍ରିକ ଲଢ଼େଇ କହୁ ତେବେ ନିର୍ବାଚନ ଆୟୋଗଙ୍କ ଭୂମିକା ସ୍ୱଚ୍ଛ ହେବା ଉଚିତ। ଘଟଣାକ୍ରମ ଜନମତକୁ ଅଧିକରୁ ଅଧିକ ପ୍ରଭାବିତ କରୁଥିବାରୁ ମୁଖ୍ୟ ନିର୍ବାଚନ ଆୟୁକ୍ତ ଜ୍ଞାନେଶ କୁମାର ନିରବତା ରକ୍ଷା କରିବାକୁ ବାଧ୍ୟ ହୋଇଛନ୍ତି। କିନ୍ତୁ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ତାଙ୍କର ଯୁକ୍ତି ଓ ଆକ୍ଷେପ ନିରପେକ୍ଷତାର ବହୁଦୂରରେ ଥିଲା। ସତେଯେପରି ସେ ସିଇସି ନଥିଲେ ଜଣେ ଚାବିଦିଆ ପ୍ରଶାସକର ଭୂମିକା ତୁଲାଉଥିଲେ। ଏକତରଫା ସତ୍ୟପାଠ ଓ କ୍ଷମାପ୍ରାର୍ଥନା ଦାବି କରି ସେ ଅଭିଯୋଗ ଓ ଆରୋପର ଯାଞ୍ଚକୁ ପ୍ରତ୍ୟାଖ୍ୟାନ କରିଛନ୍ତି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହେଲା ମେସିନ୍‌ରେ ପଠନଯୋଗ୍ୟ ଭୋଟର ଡାଟା ପ୍ରକାଶକୁ ରୋକ୍‌ଠୋକ୍ ମନା କରିବା, ପିଡିଏଫ୍ ଫର୍ମାଟରେ ଯାଞ୍ଚର ସୁଯୋଗ ନଥିବା ବେଳେ ସେ ଡାଞ୍ଚାକୁ ଓହ୍ଲାଇ ଆସିବାକୁ ପ୍ରସ୍ତୁତ ନ ହେବା ପଛରେ ସ୍ୱଚ୍ଛ ଓ ନିରପେକ୍ଷ ପ୍ରସଙ୍ଗ ଅସ୍ୱୀକାର କରିବା। ଏଠାରେ ମନେ ରଖିବାକୁ ହେବ ଯେ ନିର୍ବାଚନ ଆୟୋଗ ଭଳି ଗଣତାନ୍ତ୍ରିକ ଅନୁଷ୍ଠାନ ଆସ୍ଥା ଓ ବିଶ୍ୱାସ ଉପରେ ତିଷ୍ଠି ରହିବ। ବିଶ୍ୱର ବୃହତ୍ତମ ଗଣତନ୍ତ୍ର ଭାରତର ଆଦର୍ଶ ନିର୍ବାଚନ ପରିଚାଳନା ଅନ୍ୟମାନଙ୍କ ପାଇଁ ଅନୁକରଣୀୟ ଥିଲା। ଏବର ଘଟଣାବଳୀ ଉପରେ ସମସ୍ତ ବିଶ୍ୱବାସୀଙ୍କ ନଜର ରହିଛି। ଜ୍ଞାନେଶ କୁମାର ଅନ୍ତତଃ ତାହାର ଅମର୍ଯ୍ୟାଦା ନ କରନ୍ତୁ।

## ବରିଷ୍ଠଜନଙ୍କ ନିର୍ଜନତା: ଆଧୁନିକ ମହାମାରୀ

ଡାକ୍ତର ନିତ୍ୟାନନ୍ଦ ସ୍ୱାଇଁ

ସାରା ପୃଥିବୀରେ ବୟସ୍କ ବ୍ୟକ୍ତିମାନଙ୍କର ସଂଖ୍ୟା ବଢୁଛି। ଭାରତରେ ପ୍ରତି ଦଶଜଣରେ ଜଣେ ପ୍ରବୀଣ ବା ବୃଦ୍ଧ। ୨୦୫୦ ମସିହା ବେଳକୁ ତାହା ହେବ ପ୍ରତି ପାଞ୍ଚଜଣରେ ଜଣେ। କାରଣ ହାରାହାରି ଆୟୁ ବଢୁଛି ଏବଂ ଜନ୍ମହାର କମୁଛି। ଆମ ଦେଶରେ ଷାଠିଏ ବର୍ଷ ବୟସ ପରଠାରୁ ବ୍ୟକ୍ତିକୁ ବରିଷ୍ଠ ବା ପ୍ରବୀଣ ବୋଲି କୁହାଯାଏ। ଜରାଚିକିତ୍ସକମାନଙ୍କ ମତରେ ଆମ ଦେଶରେ ବୟସ୍କ ବ୍ୟକ୍ତିମାନେ ଅନେକାଂଶରେ ଅବହେଳିତ। ବିଭିନ୍ନ ସମୀକ୍ଷା, ସମ୍ବାଦପତ୍ରରୁ ମଧ୍ୟ ଏହି ତଥ୍ୟ ମିଳୁଛି। ସାମାଜିକ, ଆର୍ଥିକ, ମାନସିକ ଓ ଶାରୀରିକ ଦିଗରୁ ସେମାନେ କ୍ରମାଗତ ଶିକାର ହୋଇଚାଲିଛନ୍ତି ନିର୍ଯାତନାର। ବଡ଼ ଅନୁଶୋଚନାର ବିଷୟ ଯେ ନିଜ ହାତଗଢ଼ା ପରିବାରରେ ହିଁ ବରିଷ୍ଠ ବ୍ୟକ୍ତିମାନେ ଧୀରେ ଧୀରେ ଅଲୋଡ଼ା ହୋଇପଡୁଛନ୍ତି।

ପରିବାରରେ ସନ୍ତାନମାନଙ୍କ ଦ୍ୱାରା କିମ୍ବା ଚାକରବାକରମାନଙ୍କ ଦ୍ୱାରା ବରିଷ୍ଠ ନାଗରିକମାନେ ଶାରୀରିକ ନିର୍ଯାତନା ଭୋଗୁଥିବାର ଘଟଣା ଆଜିକାଲି ଆଉ ବିରଳ ନୁହେଁ। ଏପରିକି ଘରେ ବରିଷ୍ଠ ନାଗରିକମାନଙ୍କ ସେବା ଯତ୍ନ କରିବା ପାଇଁ ନିଯୁକ୍ତମାନଙ୍କ ଆଡୁ ବି ମିଳୁଛି ନିର୍ଯାତନା। ନିଜ ସନ୍ତାନମାନଙ୍କ ତାଡ଼ନାର ଶିକାର ହୋଇ ଚାଲୁଥିବା ସତ୍ତ୍ୱେ ଅନେକେ, ବିଶେଷତଃ ମାଆମାନେ, ସନ୍ତାନ ବିରୋଧରେ ପାଟି ଖୋଲିବା ପାଇଁ ଚାହିଁ ନ ଥା'ନ୍ତି।

ବୟସ ବଢ଼ିଲେ ସ୍ୱାଭାବିକ ଭବେ ପ୍ରକାଶ ପାଏ କିଛି ଶାରୀରିକ ସମସ୍ୟା। କାନକୁ ଭଲ ଶୁଣାଯାଏନି। ଆଖିକୁ ଭଲ ଦେଖାଯାଏନି। ଭଲ ଭାବରେ ଚାଲି ହୁଏନି। 'ତୁମକୁ ତ କିଛି ଶୁଣାଯିବନି, ଓଲଟପାଲଟ କରି ଏଣ୍ଡୁତେଣ୍ଡୁ କହିପକେଇବ'- ଏହି ପ୍ରକାରର କଥା କହି ସେମାନଙ୍କୁ ମନା କରାଯାଏ ସାଙ୍ଗରେ ଯିବା ପାଇଁ। ଫଳରେ ସେହି ମଣିଷଟି କ୍ରମଶଃ ନିଜକୁ ସବୁଥିରୁ ଦୂରେଇ ରଖିବା ନିମନ୍ତେ ବାଧ୍ୟ ହୁଏ। ବୟସ୍କମାନଙ୍କୁ ଅନ୍ୟମାନଙ୍କ ସହିତ ମିଳାମିଶା କରିବାକୁ ବାରଣ କଲେ ସେମାନେ କ୍ରମେ ହୋଇଉଠନ୍ତି ଅବସାଦଗ୍ରସ୍ତ। ଚିକିତ୍ସକଙ୍କ ପାଖକୁ ନେବା ନିମନ୍ତେ କେହି ଧ୍ୟାନ ନ ଦେବା ଯୋଗୁଁ ସେମାନଙ୍କ ଶାରୀରିକ ସମସ୍ୟା ଆହୁରି ବଢ଼ିଯାଏ।

ଅବସର ପରେ ସମସ୍ତଙ୍କ କ୍ଷେତ୍ରରେ ଆର୍ଥିକ ସ୍ୱଚ୍ଛଳତା ନ ଥାଏ। ହୁଏତ ବ୍ୟକ୍ତିଟିର କିଛି ବ୍ୟକ୍ତିଗତ ସଉକ ଥାଏ। କିଛି କିଣି ଖାଇବା ପାଇଁ ତା'ର ଇଚ୍ଛା ହେଉଛି, କିମ୍ବା ଇଚ୍ଛା ହେଉଛି କାହାକୁ କିଛି ଦେବା ପାଇଁ। ହେଲେ ପରିବାର ତରଫରୁ ତା'କୁ ଏଥିପାଇଁ ମନା କରାଯାଉଛି। ବ୍ୟକ୍ତିଟିର କ୍ରୟ କ୍ଷମତା ନାହିଁ ବୋଲି ତା'ର ଇଚ୍ଛା ଅନିଚ୍ଛାକୁ ପରିବାରରେ ଗୁରୁତ୍ୱ ଦିଆଯାଉନି। କିନ୍ତୁ ଗୋଟିଏ ପିଲା କ୍ଷେତ୍ରରେ ପରିବାର ତରଫରୁ ଏପରି ମନୋଭାବ ପୋଷଣ କରାଯାଇ ନ ଥାଏ। ବରିଷ୍ଠମାନଙ୍କ ପ୍ରତି ଏପରି ପାତରଅନ୍ତର ଆଦୌ ବାଞ୍ଛନୀୟ ନୁହେଁ। କେଇଜଣ ଅବା ଜାଣନ୍ତି ମନର କଥା? ଶାରୀରିକ, ସାମାଜିକ ଏବଂ ଆର୍ଥିକ ହୀନସ୍ତା ଧୀରେ ଧୀରେ ଡାକି ଆଣେ ମାନସିକ ସମସ୍ୟାକୁ।

ବୟସ ବଢ଼ିବା ସହିତ ମାନସିକ ଅବସାଦର ସମ୍ପର୍କ ରହିଛି। ଅବଶ୍ୟ ପ୍ରତ୍ୟେକ ବୟସ୍କ ବ୍ୟକ୍ତିର ମାନସିକ ଅବସାଦ ହେବ, ଏପରି ନୁହେଁ। ସ୍ୱାମୀ କିମ୍ବା ସ୍ତ୍ରୀଙ୍କ ମଧ୍ୟରୁ କେହି ଜଣେ ଚାଲିଗଲେଣି, ସନ୍ତାନ ଦୂରରେ ରହେ ବା ନିକଟରେ ଥିଲେ ମଧ୍ୟ ସମୟ ଦେଇ ପାରେନା...। ଏପ୍ରକାରର ନାନା ପରିସ୍ଥିତି ଆଦୌ ବିରଳ ନୁହେଁ। ଏକାକୀତ୍ୱର ସହିତ ଅବସାଦର ଏକ ଗଭୀର ସଂଯୋଗ ରହିଛି। ନିଃସଙ୍ଗତା ବା ଏକାକୀତ୍ୱକୁ କୁହାଯାଉଛି 'ମଡର୍ନ ଏପିଡେମିକ' ବା 'ଆଧୁନିକ ମହାମାରୀ'। ବୟସ୍କ ବ୍ୟକ୍ତିମାନଙ୍କ ଉପରେ ଏକାକୀତ୍ୱର ପ୍ରଭାବ ଆହୁରି ଅଧିକ। କାରଣ ଶରୀର ଦୁର୍ବଳ ହୋଇପଡ଼ିଲେ ଅନ୍ୟ ଉପରେ ନିର୍ଭରଶୀଳତା ବଢ଼ିଯାଏ। ଯାହା ଉପରେ ନିର୍ଭର କରିଥା'ନ୍ତି, ତା'ଠାରୁ ଅବହେଳା ପାଇଲେ ତାହା ମାନସିକ ସ୍ୱାସ୍ଥ୍ୟ ଉପରେ ପ୍ରତିକୂଳ ପ୍ରଭାବ ପକାଇଥାଏ। ତେଣୁ ମାନସିକ ଅବସାଦ, ଉତ୍କଣ୍ଠାଜନିତ ଅସୁସ୍ଥତା, ସ୍ମୃତି ହାନି ବା ଡିମେନ୍ସିଆ ଏବଂ ଆଲଜିମର୍ସ ଭଳି ସମସ୍ୟା ନିଃସଙ୍ଗ ବରିଷ୍ଠବ୍ୟକ୍ତିଙ୍କ କ୍ଷେତ୍ରରେ ଅଧିକ।

ମାନସିକ ଅବସାଦ ଆମନ୍ତ୍ରଣ କରି ଆଣେ ଡିମେନ୍ସିଆ ବା ସ୍ମୃତିର ସମସ୍ୟା। ଠିକ ଭାବରେ କଥାବାର୍ତ୍ତା ବା ଭାବ ଆଦାନ ପ୍ରଦାନ କରି ନ ପାରିବା ଏବଂ ଏକାଧିକ କାର୍ଯ୍ୟକୁ ସୁଶୃଙ୍ଖଳ ଭାବରେ ସଂପାଦନ କରି ନ ପାରିବା ମଧ୍ୟ ଏହି ରୋଗର କାରଣ ହୋଇପାରେ। ଯେଉଁ ବ୍ୟକ୍ତିଟି ନିତିଦିନିଆ ଛୋଟଛୋଟ ବିଷୟକୁ ଭୁଲିଯାଏ, ତା'କୁ ଆମେ ନିଜ ଅଜାଣତରେ ବି ଅବହେଳା କରିଥାଉ। କହିଥାଉ ତୁମକୁ କହି କି ଲାଭ, ତୁମେ ତ କିଛି ବି ମନେ ରଖି ପାରୁନ। କିନ୍ତୁ କାନରେ ଭଲ ଶୁଣି ନ ପାରିଲେ ଏବଂ ତାହା ବଢ଼ିଚାଲିଲେ ଜାତ କରିପାରେ ମାନସିକ ଅବସାଦ। କିନ୍ତୁ ତାହା ସ୍ମୃତିହାନି ବୋଲି ଧରିନେବାରେ ବିପଦ ଅଛି।

ଜନୈକ ମହିଳାଙ୍କ ବୟସ ସତୁରି ବର୍ଷରୁ ଊର୍ଦ୍ଧ୍ୱ। ପ୍ରାକ୍ତନ ଶିକ୍ଷିକା। ଶିକ୍ଷିତ ମଧ୍ୟବିତ୍ତ ପରିବାର। ତାଙ୍କରି ଥିଲା କିଛି ମାନସିକ ସମସ୍ୟା। ପୁଅ ଓ ବୋହୂ ନାତିନାତୁଣୀଙ୍କୁ ସତର୍କ କରି କହିଛନ୍ତି - 'ଜେଜେମାଙ୍କ ପାଖକୁ ଯିବନି। ତାଙ୍କର ମୁଣ୍ଡ ଠିକ୍ ନାଇଁ। ତାଙ୍କ ପାଖକୁ ଗଲେ ତୁମର ପଢ଼ାଶୁଣାରେ କ୍ଷତି ହେବ।' ଏହିପରି ଭାବରେ ଅଲଗା କରି ରଖିବା ଏବଂ ପାରିବାରିକ ତଥା ସାମାଜିକ ସମାବେଶରେ ସାମିଲ ନ କରେଇବା ମଧ୍ୟ ମାନସିକ ହତାଦର। ସବୁ ସମୟରେ ଯେ ଇଚ୍ଛାକୃତ ଭାବରେ ଅବହେଳା ବା ହତାଦର କାଯାଇଥାଏ, ତାହା ନୁହେଁ। ଅଜ୍ଞତା ଯୋଗୁଁ ମଧ୍ୟ ଏପରି ହୋଇଯାଇପାରେ। ତେଣୁ ଏସବୁକୁ ନେଇ ମନୋବିଜ୍ଞାନୀ ଓ ମାନସିକ ରୋଗ ବିଶେଷଜ୍ଞଙ୍କ ପରାମର୍ଶ ନେବା ନିରାପଦ।

ବୟସ ବଢ଼ିଲେ ଶାରୀରିକ ଓ ଆର୍ଥିକ ନିର୍ଭରଶୀଳତା ଅପେକ୍ଷା ବେଶୀ ବଢ଼ିଥାଏ ମାନସିକ ନିର୍ଭରଶୀଳତା। ସମର୍ଥ ବରିଷ୍ଠ ବ୍ୟକ୍ତିମାନେ ଚାହିଁଥା'ନ୍ତି ଦିନମାନ ଭିତରେ କୌଣସି ନା କୌଣସି ସମୟରେ ସେମାନଙ୍କ ପୁଅଝିଅ ଓ ନାତିନାତୁଣୀଙ୍କ ସହିତ ସମୟ କଟେଇବା ପାଇଁ। ବୁଢ଼ାବୁଢ଼ୀଙ୍କ ଦେଖାଶୁଣା କରିବା ପାଇଁ ପରିବାରର ଲୋକ ଅନ୍ୟମାନଙ୍କୁ ଦରମାଦେଇ ନିଯୁକ୍ତି କରିଥା'ନ୍ତି କେତେକ ପରିବାରରେ। ଜନ୍ମଦିନରେ ଉପହାର ଆଣି ଦିଅନ୍ତି। ହେଲେ ଏସବୁ ସେମାନଙ୍କୁ ଯଥାର୍ଥ ତୃପ୍ତି ଦେଇ ନ ଥାଏ। ଦରମା ନେଇ ନିଯୁକ୍ତ ହୋଇଥିବା ସେବାକାରୀଙ୍କଠାରୁ ବି ନିର୍ଯାତନା ପାଇବାର ଉଦାହରଣ ଭୂରି ଭୂରି।

ତେଣୁ ପରିବାରର ବାପାମାଆ ଓ ଅଜାଆଈଙ୍କ ସହ ବିତେଇବା ପାଇଁ କିଛି ସମୟ ନିର୍ଦ୍ଦିଷ୍ଟ କରିଦେବାର ପ୍ରୟୋଜନୀୟତା ରହିଛି। ସେମାନଙ୍କ ପାଖରେ ବସି ସେମାନଙ୍କ ସହିତ ଗପସପ କରନ୍ତୁ। ଭଲମନ୍ଦ ପଚାରି ବୁଝନ୍ତୁ। ସେମାନଙ୍କ କଥା ମନ ଦେଇ ଶୁଣନ୍ତୁ। ଅବଶ୍ୟ ପ୍ରତ୍ୟେକ ପରିବାରର ସମସ୍ୟାରେ ପାର୍ଥକ୍ୟ ରହିଛି। ମାତ୍ର ନିଜର ସମସ୍ୟାକୁ ଚାହିଁ ବରିଷ୍ଠ ବ୍ୟକ୍ତିମାନଙ୍କ ନିମିତ୍ତ ସମୟ ସ୍ଥିର କରିବା ଉଚିତ। ସେମାନଙ୍କ ଗହଣରେ ସମୟ ବିତେଇବାର ଅନୁକୂଳ ପ୍ରଭାବ ସୁଦୂରପ୍ରସାରୀ। ତା'ଛଡ଼ା ପରିବାରରେ ଥା'ନ୍ତି ବିଭିନ୍ନ ପ୍ରଜନ୍ମର ସଦସ୍ୟ। ପ୍ରତ୍ୟେକଙ୍କ ମଧ୍ୟରେ ସୁସ୍ଥ ସ୍ୱାଭାବିକ ସଂପର୍କ ରକ୍ଷା କରିବା ଖୁବ୍ ଜରୁରୀ। ପରିବାରର ଛୋଟ ସଦସ୍ୟମାନଙ୍କ ସହିତ ବରିଷ୍ଠ ସଦସ୍ୟମାନଙ୍କର ସୁସମ୍ପର୍କ ତଥା ସୁସଂଯୋଗ ଥିଲେ ବରିଷ୍ଠମାନଙ୍କ ପ୍ରତି ହତାଦର ତଥା ଅବହେଳା ଅନେକାଂଶରେ ଏଡ଼ାଇଦେଇ ହୁଏ। ବୟସ୍କମାନଙ୍କ ପ୍ରତି ଅବହେଳା ପ୍ରଦର୍ଶନ ବନ୍ଦ କରିବାର ଅନ୍ୟତମ ଉପାୟ ସଚେତନତା ବୃଦ୍ଧି। ଏହା ସଙ୍ଗେ ସଙ୍ଗେ ବରିଷ୍ଠମାନଙ୍କ ମନକୁ ଭଲ ରଖିବାର ଦାୟିତ୍ୱ ମଧ୍ୟ ନେବାକୁ ପଡ଼ିବ। ବରିଷ୍ଠ ନାଗରିକମାନେ ପ୍ରତି ସପ୍ତାହରେ ଅନ୍ତତଃ ଥରେ ଏକାଠି ହୋଇ ପରସ୍ପର ମଧ୍ୟରେ ଗପସପ କରିବା, ସାଂସ୍କୃତିକ କାର୍ଯ୍ୟକ୍ରମ କରିବା, ଅସୁସ୍ଥ ସହଯୋଗୀଙ୍କ ଚିକିତ୍ସାରେ ସାହାଯ୍ୟ କରିବା, ଆଇନ ଅଦାଲତର ବ୍ୟବସ୍ଥାରେ ସହଯୋଗ କରିବାର ଆବଶ୍ୟକତା ରହିଛି। ଯେଉଁ ପରିବାରରେ କୌଣସି ବରିଷ୍ଠ ବ୍ୟକ୍ତି ଅବହେଳିତ ହେଉଥିବାର ଜାଣିଲେ ସେହି ପରିବାରର ସଦସ୍ୟମାନଙ୍କୁ ଭେଟି ଗଠନମୂଳକ ପରାମର୍ଶ ଦେଇ ପ୍ରତିକାର ବ୍ୟବସ୍ଥା କରାଯାଇପାରେ।

ତେବେ ବୟସ୍କମାନେ ନିଜର ପ୍ରକୃତ ବୟସକୁ ଭୁଲି ୬୦ ବର୍ଷ ବୟସ ପରେ ୬୧, ୬୨, ୬୩ ବର୍ଷ ଇତ୍ୟାଦିକୁ ଯଥାକ୍ରମେ ୧ ବର୍ଷ, ୨ ବର୍ଷ, ୩ବର୍ଷ... ବୋଲି କହିବାଟା ଆନନ୍ଦଦାୟକ, ହାସ୍ୟୋଦ୍ଦୀପକ ଏବଂ ଇତିବାଚକ ମାନସିକତା। ସୁସ୍ଥ ଭାବରେ ରହିବା ପାଇଁ ସକାରାତ୍ମକ ମନୋଭାବ ପୋଷଣର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଏକଦା ଯେଉଁ ଅଜାଆଈ କି ବାପାମାଆ ଥିଲେ ପରିବାରର କର୍ତ୍ତା ଓ କର୍ତ୍ତ୍ରୀ, ସେମାନେ ଯେପରି ନିଜନିଜର ଅବଶିଷ୍ଟ ଜୀବନକାଳ ସମ୍ମାନର ସହ ବଞ୍ଚିରହିବେ - ଏହା ଦେଖିବା ପରିବାରର ଅନ୍ୟମାନଙ୍କର ନୈତିକ କର୍ତ୍ତବ୍ୟ। ଜାଣି ରଖନ୍ତୁ ଯେ ବୟସଟା ଏକ ସଂଖ୍ୟା ମାତ୍ର। ତା'କୁ ପ୍ରାଧାନ୍ୟ ନ ଦେଇ କିଭଳି ଆହୁରି ଭଲ ଭାବରେ ଜୀବନଟା କଟେଇ ହେବ, ଏହା ଦେଖିବାର ଦାୟିତ୍ୱ ସମସ୍ତଙ୍କର।

କଟକ, ମୋ: ୯୪୩୭୭୬୬୧୧୭

## ସଂସ୍କୃତି-ସଂପ୍ରୀତିର ମହୋତ୍ସବ ନୂଆଖାଇ

ନିହାର ରଞ୍ଜନ ସାବତ

ପବିତ୍ର ଭାରତ ଭୂମିରେ ଯେଉଁ ଅସଂଖ୍ୟ ସାଂସ୍କୃତିକ ପରମ୍ପରାଗୁଡ଼ିକ ଯୁଗ ଯୁଗ ଧରି ଚାଲି ଆସିଛି, ସେମାନଙ୍କ ମଧ୍ୟରେ ବୈଜ୍ଞାନିକ ଆଧାରବିଶିଷ୍ଟ ଉତ୍ସବ ରୂପେ ପ୍ରତିଷ୍ଠିତ ଓଡ଼ିଶାର ପଶ୍ଚିମାଞ୍ଚଳର ଗଣପର୍ବ 'ନୂଆଖାଇ' ଅନ୍ୟତମ। 'ନୂଆ' ଅର୍ଥାତ୍ 'ନବ' ଏବଂ 'ଖାଇ' ଅର୍ଥାତ୍ 'ଭୋଜନ' ପରି ଦୁଇଟି ସରଳ ଶବ୍ଦର ମିଶ୍ରଣରେ ସୃଷ୍ଟି ହୋଇଥିବା 'ନୂଆଖାଇ' ଶବ୍ଦଟି କେବଳ ଭାଷାଗତ ସଂଯୋଜନା ନୁହେଁ, ବରଂ ଏହା ହେଉଛି ମାନବ ସଭ୍ୟତାର ମୌଳିକ ଆଦର୍ଶ, ପ୍ରକୃତି ସହିତ ସାମଞ୍ଜସ୍ୟ, ଆଧ୍ୟାତ୍ମିକ ଉନ୍ନତି ଓ ସାମାଜିକ ଐକ୍ୟର ଏକ ଅତୁଳନୀୟ ସମ୍ମିଶ୍ରଣ। ଏହି ଉତ୍ସବ କେବଳ ଏକ କୃଷିଭିତ୍ତିକ ପର୍ବ ନୁହେଁ, ବରଂ ଏହା ପ୍ରକୃତିମାତାଙ୍କର ଅପାର କରୁଣା, କୃଷକମାନଙ୍କର ନିରନ୍ତର ସଂଘର୍ଷ, ପରିବାର ଓ ସମାଜର ଦୃଢ଼ ସଂହତି ଏବଂ ଈଶ୍ୱରଙ୍କ ପ୍ରତି ଅସୀମ ଭକ୍ତି ଓ କୃତଜ୍ଞତାର ସୁନ୍ଦର ମିଶ୍ରଣ କରାଉଥିବା ଏକ ବ୍ୟାପକ ଜୀବନଦର୍ଶନର ପରିପ୍ରକାଶ। ବୈଦିକ ଯୁଗର ଗଭୀରତମ ତତ୍ତ୍ୱରୁ ଆରମ୍ଭ ହୋଇ ଆଜିର ଆଧୁନିକ ଯୁଗର ଆହ୍ୱାନ ମଧ୍ୟରେ ନିଜର ପ୍ରାସଙ୍ଗିକତା ବଜାୟ ରଖିଥିବା ଏହି ଅନୁପମ ପରମ୍ପରା ଯୁଗ ଯୁଗ ଧରି ଅଗଣିତ ଲୋକଙ୍କ ହୃଦୟରେ ଆଶା, ଉତ୍ସାହ ଓ ଆଧ୍ୟାତ୍ମିକ ଆନନ୍ଦର ସଞ୍ଚାର କରିଆସୁଛି।

ମୁଖ୍ୟତଃ ମହାନଦୀ, ବ୍ରାହ୍ମଣୀ, ଇନ୍ଦ୍ରାବତୀ ଓ ତେଲ ଇତ୍ୟାଦି ନଦୀର ପବିତ୍ରଜଳ ଦ୍ୱାରା ସେଚିତ ସମ୍ବଲପୁର, କଳାହାଣ୍ଡି, ବଲାଙ୍ଗୀର, ବରଗଡ଼, ସୁନ୍ଦରଗଡ଼, ଝାରସୁଗୁଡ଼ା, ସୁବର୍ଣ୍ଣପୁର, ବୌଦ୍ଧ ଓ ନୂଆପଡ଼ା ଜିଲ୍ଲାର ଏକ ବିସ୍ତୀର୍ଣ୍ଣ କୃଷିଭିତ୍ତିକ ଅଞ୍ଚଳରେ ବିପୁଳ ପାରମ୍ପରିକ ଉତ୍ସାହ, ଉଦ୍ଦୀପନା, ଶ୍ରଦ୍ଧା ଓ ଭକ୍ତିର ସହିତ ନୂଆଖାଇ ଉତ୍ସବ ପାଳିତ ହୋଇଥାଏ। କୃଷକମାନେ ଖିର ଧରିଆସୁଥିବା ଧାନକେଣ୍ଡାର ଗର୍ଭଣା ଅଂଶ ପ୍ରଥମ ଅର୍ଘ୍ୟ ସ୍ୱରୂପ ମା'ଙ୍କୁ ଅର୍ପଣ କରନ୍ତି। ଏଥିସହିତ ଛୋଟଛୋଟ ପଢ଼ାଗାଁଠାରୁ ଆରମ୍ଭ କରି ବଡ଼ବଡ଼ ସହର ପର୍ଯ୍ୟନ୍ତ, ସବୁ ପରିବାର, ସବୁ ବର୍ଗରେ ଏହା ଏକ ଅତ୍ୟନ୍ତ ପବିତ୍ର, ଭକ୍ତିମୟ ଆଧ୍ୟାତ୍ମିକ ଉତ୍ସବ ରୂପେ ପାଳନ କରାଯାଏ। ଏହାର ସାଂସ୍କୃତିକ ପ୍ରଭାବ କେବଳ ଓଡ଼ିଶାର ସୀମାରେ ସୀମିତ ନହୋଇ ପଡ଼ୋଶୀ ଛତିଶଗଡ଼ ରାଜ୍ୟର ରାୟଗଡ଼, ବସ୍ତର, ରାୟପୁର, ବିଳାସପୁର ଓ ଦୁର୍ଗ, ଝାଡ଼ଖଣ୍ଡ ରାଜ୍ୟର ପଶ୍ଚିମ ସିଂହଭୂମ, ଷଡ଼େଇକଳା, ଖରସୁଆଁ, ରାଞ୍ଚୀ ଓ ହଜାରୀବାଗ ଭଳି ଅଞ୍ଚଳ ପର୍ଯ୍ୟନ୍ତ ବିସ୍ତୃତ। ଏଠାରେ ସମ୍ବଲପୁରୀ-କୋଶଳୀ ଓ ଅନ୍ୟାନ୍ୟ ସ୍ଥାନୀୟ ଭାଷାଭାଷୀ ଲୋକମାନେ ନିଜ ନିଜ ଭାଷାଗତ ବିଶେଷତ୍ୱ ସହିତ ଏହି ପର୍ବକୁ ପାଳନ କରି ସାଂସ୍କୃତିକ ବୈଚିତ୍ର୍ୟ ମଧ୍ୟରେ ଏକ ଅପୂର୍ବ ସୁସଙ୍ଗତି ସୃଷ୍ଟି କରନ୍ତି।

ନୂଆଖାଇ ପର୍ବର ପୌରାଣିକ ତଥା ଐତିହାସିକ ପୃଷ୍ଠଭୂମି ଅତ୍ୟନ୍ତ ପ୍ରାଚୀନ, ଗୌରବମୟ ଓ ବିବିଧ ସାଂସ୍କୃତିକ ପରମ୍ପରାର ସମନ୍ୱୟରେ ସମୃଦ୍ଧ। ଦେବଯଜ୍ଞ (ଦେବତାଙ୍କ ଆରାଧନା), ପିତୃଯଜ୍ଞ (ପିତୃପୁରୁଷଙ୍କ ସ୍ମରଣ), ବ୍ରହ୍ମଯଜ୍ଞ (ବିଦ୍ୟାଚର୍ଚ୍ଚା), ମନୁଷ୍ୟଯଜ୍ଞ (ଅତିଥି ସେବା) ଓ ଭୂତଯଜ୍ଞ (ଜୀବଜନ୍ତୁଙ୍କ କଲ୍ୟାଣ) ଭଳି ପାଞ୍ଚଟି ମୌଳିକ କାର୍ଯ୍ୟକଳାପକୁ ନେଇ ଗଠିତ ବୈଦିକ ଯୁଗର 'ପଞ୍ଚଯଜ୍ଞ' ସଂକଳ୍ପ ସହିତ ଏହାର ଗଭୀର ସମ୍ପର୍କ ରହିଛି। ଏହି 'ପଞ୍ଚଯଜ୍ଞ' କେବଳ ବ୍ୟକ୍ତିଗତ ଆଧ୍ୟାତ୍ମିକ ସାଧନା ନୁହେଁ, ବରଂ ସମଗ୍ର ସମାଜର କଲ୍ୟାଣ, ପ୍ରକୃତି ସହିତ ସାମଞ୍ଜସ୍ୟ ଓ ବ୍ରହ୍ମାଣ୍ଡର ଶାଶ୍ୱତ ନିୟମ ସହିତ ମାନବଜୀବନର ସମନ୍ୱୟ ରକ୍ଷା କରିବାର ଏକ ସୁନ୍ଦର ପଦ୍ଧତି। ଏହି ସମସ୍ତ ଉପାଦାନ ନୂଆଖାଇ ପର୍ବରେ ବିଦ୍ୟମାନ ଥିବାରୁ ଏହା କେବଳ ଏକ ଉତ୍ସବ ନୁହେଁ, ବରଂ ଏକ ସମ୍ପୂର୍ଣ୍ଣ ଜୀବନଦର୍ଶନ।

ଐତିହାସିକ ତଥ୍ୟ ଅନୁସାରେ, ପାଟଣାଗଡ଼ର ପ୍ରଥମ ଚୌହାନ ରାଜା ରମାଇ ଦେବ 'ନୂଆଖାଇ'କୁ ରାଜକୀୟ ସ୍ୱୀକୃତି ପ୍ରଦାନ କରି ଏହାକୁ ଏକ ଗଣପର୍ବର ମର୍ଯ୍ୟାଦା ଦେଇଥିଲେ। ଧାର୍ମିକ ସମନ୍ୱୟ ସହିତ ସାମାଜିକ ଐକ୍ୟ, ସାଂସ୍କୃତିକ ଏକତା ଓ ରାଜନୈତିକ ସ୍ଥିରତା ଆଣିବା ନିମନ୍ତେ ଏହା ଥିଲା ଏକ ମହତ ପ୍ରୟାସ। ବିଭିନ୍ନ ରାଜବଂଶର ପ୍ରତ୍ୟକ୍ଷ ପୃଷ୍ଠପୋଷକତା, କବି ଓ ପଣ୍ଡିତମାନଙ୍କର ବୌଦ୍ଧିକ ସମର୍ଥନ ଏବଂ ଜନସାଧାରଣଙ୍କର ଆନ୍ତରିକ ଶ୍ରଦ୍ଧା, ଭକ୍ତି ଓ ଉତ୍ସାହର ସମନ୍ୱୟରେ ଏହା ଏକ ଗଣପର୍ବର ରୂପ ନେଇଥିଲା। 'ନୂଆଖାଇ ଭେଟଘାଟ' ଏହି ମହାନ୍ ପର୍ବର ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ, ହୃଦୟସ୍ପର୍ଶୀ ଓ ସାମାଜିକ ଦୃଷ୍ଟିକୋଣରୁ ଅତ୍ୟନ୍ତ ଗଠନମୂଳକ ଦିଗ। ସମସ୍ତ ଭେଦଭାବ ଭୁଲି ଏହି ଅନୁପମ ସମାବେଶରେ ଲୋକମାନେ ପରସ୍ପରକୁ ହାର୍ଦ୍ଦିକ ଶୁଭେଚ୍ଛା ଜଣାଇବା, ବୟୋଜ୍ୟେଷ୍ଠମାନଙ୍କଠାରୁ ଆଶୀର୍ବାଦ ଗ୍ରହଣ, କନିଷ୍ଠମାନଙ୍କୁ ସ୍ନେହ ଓ ଆଦର ପ୍ରଦାନ, ପାରମ୍ପରିକ ଖାଦ୍ୟ ଓ ମିଷ୍ଟାନ୍ନ ବଣ୍ଟନ, ସାଂସ୍କୃତିକ କାର୍ଯ୍ୟକ୍ରମରେ ସକ୍ରିୟ ଅଂଶଗ୍ରହଣ, ଲୋକସଙ୍ଗୀତ ଓ ନୃତ୍ୟ ମାଧ୍ୟମରେ ଚିତ୍ତ ବିନୋଦନ ତଥା ସାମୂହିକ କଲ୍ୟାଣକାରୀ ଯୋଜନା ବିଷୟରେ ଆଲୋଚନା ମାଧ୍ୟମରେ ସାମାଜିକ ବନ୍ଧନକୁ ଅଧିକରୁ ଅଧିକ ଦୃଢ଼, ଗଭୀର ଓ ସ୍ଥାୟୀ କରି ଗଢ଼ିତୋଳନ୍ତି।

ନୂଆଖାଇ ପର୍ବର ସାମାଜିକ ଓ ଅର୍ଥନୈତିକ ପ୍ରଭାବ ପଶ୍ଚିମ ଓଡ଼ିଶାର ଗ୍ରାମୀଣ ଅର୍ଥବ୍ୟବସ୍ଥା, ସ୍ଥାନୀୟ ବାଣିଜ୍ୟ, ହସ୍ତତନ୍ତ ଶିଳ୍ପ, କୃଷିଜାତ ଦ୍ରବ୍ୟର ବିତରଣ ଓ ଗ୍ରାମାଞ୍ଚଳର ସାମଗ୍ରିକ ବିକାଶରେ ଏକ ମହତ୍ତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ପରିବେଶ ପ୍ରଦୂଷଣ, ଜଳବାୟୁ ପରିବର୍ତ୍ତନ, ପ୍ରାକୃତିକ ସମ୍ପଦର ଅନିୟନ୍ତ୍ରିତ ବ୍ୟବହାର ଓ ଜୈବ ବିବିଧତା ହ୍ରାସ ଭଳି ବଡ଼ ସମସ୍ୟାମାନଙ୍କର ସମାଧାନ କ୍ଷେତ୍ରରେ ପ୍ରକୃତି ସହିତ ସାମଞ୍ଜସ୍ୟ, କୃଷି ଓ ପରିବେଶ ପ୍ରତି ସମ୍ମାନ, ସ୍ଥାନୀୟ ଉତ୍ପାଦିତ ଦ୍ରବ୍ୟ ଓ ପାରମ୍ପରିକ କୌଶଳ ପ୍ରତି ନିର୍ଭରଶୀଳତା ଭଳି 'ନୂଆଖାଇ' ପର୍ବର ମୌଳିକ ଦର୍ଶନଗୁଡ଼ିକ ଦିଗଦର୍ଶନ ପ୍ରଦାନ କରିଥା'ନ୍ତି। ଏହା ଆମର ଅତୀତର ଗୌରବମୟ ଐତିହ୍ୟ, ବର୍ତ୍ତମାନର ଜୀବନ୍ତ ବାସ୍ତବତା ଓ ଭବିଷ୍ୟତର ଉଜ୍ଜ୍ୱଳ ସମ୍ଭାବନାର ଏକ ଅପୂର୍ବ, ସମ୍ପୂର୍ଣ୍ଣ ଓ ସୁସଙ୍ଗତ ସମନ୍ୱୟ।

ଆଜିର ଯୁଗରେ ଯେତେବେଳେ ଅତ୍ୟାଧୁନିକ ଯନ୍ତ୍ରଯୁଗ, ଅନିୟନ୍ତ୍ରିତ ବସ୍ତୁବାଦ, ଅସୀମ ଭୋଗବିଳାସ ଓ ଆତ୍ମକୈନ୍ଦ୍ରିକ ଜୀବନଦର୍ଶନ ମାନବୀୟ ମୂଲ୍ୟବୋଧ, ପାରସ୍ପରିକ ସମ୍ପର୍କ, ପ୍ରାକୃତିକ ସନ୍ତୁଳନ ଓ ଆଧ୍ୟାତ୍ମିକ ଚେତନାକୁ ଗଭୀର ସଙ୍କଟରେ ପକାଇ ଦେଇଛି, 'ନୂଆଖାଇ' ଭଳି ପାରମ୍ପରିକ ଉତ୍ସବର ଚିରନ୍ତନ ବାର୍ତ୍ତା, ପ୍ରାଚୀନ ଜ୍ଞାନ ଓ ସାମଗ୍ରିକ ଜୀବନଦର୍ଶନ ଆମକୁ ପ୍ରକୃତ ସୁଖ, ଶାନ୍ତି, ସଂପ୍ରୀତି ଓ ସମୃଦ୍ଧିର ପଥ ଦେଖାଇବାରେ ଅତୁଳନୀୟ ଭୂମିକା ଗ୍ରହଣ କରିଥାଏ।

ଭୁବନେଶ୍ୱର, ମୋ: ୯୭୭୭୦୧୧୯୬୮

## ସାହିତ୍ୟ-ସୈନିକ ଦତ୍ତାତ୍ମା ଦୟାନିଧି ମିଶ୍ର

ସାହିତ୍ୟ ସରିତ୍

ପ୍ରଫେସର ମଣୀନ୍ଦ୍ର କୁମାର ମେହେର

ପରାଧୀନ ଭାରତବର୍ଷରେ 'ଉତ୍କଳ ସାହିତ୍ୟ' ପତ୍ରିକାରେ ପ୍ରକାଶିତ ହେଲା ପୁଣି ମହାନ ସ୍ୱାଧୀନତା ସଂଗ୍ରାମୀ ବୀର ସୁରେନ୍ଦ୍ର ସାଏଙ୍କ ପ୍ରତିକୃତି? ଏପରି ଦୁଃସାହସିକ କାର୍ଯ୍ୟ କାହା ଦ୍ୱାରା ସମ୍ଭବ? ଏ ପ୍ରଶ୍ନ ସୃଷ୍ଟି କରିଥିଲା ସମସ୍ତଙ୍କ ମନରେ ତୁମୁଳ ଆଲୋଡ଼ନ। ଏକଥା ଆଉ ଜାଣିବାକୁ ବାକି ରହିଲା ନାହିଁ ଯେ ଏହି ଅପୂର୍ବ ଶକ୍ତି ପ୍ରଦର୍ଶନ କରିଛନ୍ତି ସଂଗ୍ରାମୀ ସାହିତ୍ୟ ସାଧକ ଦୟାନିଧି ମିଶ୍ର। ସେତେବେଳେ ସେ କଟକ ରେଭେନ୍ସା କଲେଜ ଛାତ୍ର। ପରିପୂର୍ଣ୍ଣ ଯୌବନ-ନଦୀରେ ଉଛୁଳି ଉଠୁଥିଲା ଯେଉଁ ଆବେଗମୟ ଭାବସ୍ରୋତ, ତାହା ଭାରତ ଜନନୀଙ୍କ ପ୍ରତି ଆନ୍ତରିକ ଭକ୍ତି ନୈବେଦ୍ୟ।

ସ୍ୱଭାବକବି ଗଙ୍ଗାଧର ମେହେରଙ୍କ ଜନ୍ମସ୍ଥାନ ବରପାଲି ନିକଟସ୍ଥ ତୁଲଣ୍ଡି ଗ୍ରାମରେ ଭୂମିଷ୍ଠ ହୋଇଥିଲେ ସେ। ସାହିତ୍ୟର ଦେବୀସତ୍ତା ସରସ୍ୱତୀ, ଉତ୍କଳ ଭାରତୀ ଆଉ ଭାରତ ଜନନୀଙ୍କ ପ୍ରତ୍ୟକ୍ଷ ପ୍ରେରଣାରେ ପରିଚାଳିତ ହେଉଥିଲା ତାଙ୍କ ଜୀବନଧାରା। ସାହିତ୍ୟ ସାଧନା ସେହି ଦିବ୍ୟ ମାତୃଚେତନାର ଆରାଧନା ବ୍ୟତୀତ ଆଉ କିଛି ନଥିଲା। ଗଳ୍ପ, କବିତା, ଉପନ୍ୟାସ ରଚନାରେ ନିଜକୁ ନିୟୋଜିତ କରି ରଖିଛନ୍ତି ସେ ମନ୍ଦିରର ନିଷ୍ଠାପର ପୂଜକଠାରୁ କାହିଁ କେତେ ଗୁଣରେ ଅଧିକ ସମର୍ପିତ ହୋଇ। 'ବିରହ ବଂଶୀ', 'କବିତାକୁଞ୍ଜ' ତାଙ୍କ ହୃଦୟର ଆବେଗସ୍ନାତ କବିତାବଳୀ। ଜନମାନସ ଉଦ୍ଦେଶ୍ୟରେ ଉଦବୋଧନ ଦେଇ ସେ ଲେଖିଥିଲେ 'ଗାନ୍ଧୀଙ୍କର ମନ୍ତ୍ରେ ଗୋପବନ୍ଧୁ ଆଜି / ଅହିଂସା ଧର୍ମର ବ୍ରତୀ / ଆଳସ୍ୟ ତେଜିଣ ଜାଗ ଉତ୍କଳୀୟ / ଦେଶ ପ୍ରେମେ ଯାଅ ମାତି।'

'ସୁଭଦ୍ରା', 'ସଂଯୁକ୍ତା' ଓ 'ରାଣାପ୍ରତାପ ସିଂହ' ଉପନ୍ୟାସ ତାଙ୍କର ଏପରି ତିନୋଟି କୃତି, ଯାହା ମହିମାଦୀପ୍ତ ଚରିତ୍ରଙ୍କ ଅନ୍ତର୍ଗତ ଭାବସତ୍ୟ ଉନ୍ମୋଚନ କରିବା ସହିତ ଭବିଷ୍ୟତ ପିଢ଼ି ନିମିତ୍ତ ସଂରକ୍ଷିତ ରଖିଦେଇଛି ଦେଶପ୍ରେମର ମହିମ୍ନ ସ୍ଫୁରଣ। ଲେଖକଙ୍କ ଦୃଷ୍ଟିରେ 'ସଂଯୁକ୍ତା' ଉପାଖ୍ୟାନ ପୁରାତନ ହୋଇ ବି ନିତ୍ୟନୂତନ। 'ମାନଭଞ୍ଜନ', 'ନୟନତାରା' ତାଙ୍କ ସାମାଜିକ ଉପନ୍ୟାସ। ଜ୍ଞାନପୀଠ ପୁରସ୍କାର ପ୍ରାପ୍ତ କଥାଶିଳ୍ପୀ ଗୋପୀନାଥ ମହାନ୍ତି ଆଧୁନିକ ଶୈଳୀ-ସମୃଦ୍ଧ ଉପନ୍ୟାସ 'ନୟନତାରା'କୁ ଯେଉଁ ଉଚ୍ଚତର ମର୍ଯ୍ୟାଦା ପ୍ରଦାନ କରିଛନ୍ତି, ସେଥିରୁ ପ୍ରତିପାଦିତ ହୋଇଯାଏ ଓଡ଼ିଆ ଉପନ୍ୟାସର ଆଦିକାଳରେ ଦୟାନିଧିଙ୍କ ଅବଦାନ କେତେ ମହତ୍ତ୍ୱପୂର୍ଣ୍ଣ।

'କଥା କଦମ୍ବ' ତାଙ୍କର ଏକ ଗଳ୍ପ ସଂକଳନ। ବିଷୟବସ୍ତୁର ବିବିଧତା ଏଥିରେ ଯେକେହି ଲକ୍ଷ୍ୟ କରିବା ସ୍ୱାଭାବିକ। ସାମାଜିକ ହେଉ ବା ଐତିହାସିକ, ସର୍ବତ୍ର ଓଡ଼ିଆ ଭାଷା ପ୍ରତି ମମତା, ସମ୍ବଲପୁର ମାଟିର ସ୍ୱାଭିମାନ ଓ ସ୍ୱଦେଶ ପ୍ରତି ସୁଗଭୀର ଅନୁରକ୍ତି ସ୍ଫୁରିତ ହୋଇଛି ମର୍ମଭେଦୀ ରୂପରେ। 'ଶାନ୍ତି' ଶୀର୍ଷକ ଗଳ୍ପରେ ସେ ଲେଖୁଛନ୍ତି - 'ମରହଟ୍ଟାମାନେ ଯୁଦ୍ଧରେ ପରାଜିତ ହେଲେ। ମା' ସମଲେଶ୍ୱରୀଙ୍କ ବିଜୟ-ପତାକା ବାରପାହାଡ଼ର ଶିଖର ଦେଶରେ ସଂସ୍ଥାପିତ ହେଲା।' ପୌରାଣିକ ଚେତନା ଆଧାରରେ ସେ ଲେଖିଛନ୍ତି 'ସୁଭଦ୍ରା', 'ରୋହିଣୀ', 'ଧ୍ରୁବ' ପୁସ୍ତକ। ଐତିହାସିକ, ପୌରାଣିକ ଅଥବା ସାମାଜିକ ଯେକୌଣସି କଥାବସ୍ତୁ ଅବଲମ୍ବନରେ ସେ ଯାହା ଲେଖନ୍ତୁ ନା କାହିଁକି ସର୍ବତ୍ର ଭାରତୀୟ ଜାତୀୟତାର ଭାବ ଲେଖକଙ୍କୁ ରଖିଛି ଭାବମଗ୍ନ। ସେ ପୁଣି ସାହିତ୍ୟ ପତ୍ରିକା 'ମୁକୁର'ର ଥିଲେ ସହସମ୍ପାଦକ। ଗଙ୍ଗାଧରଙ୍କ ଶେଷ କାବ୍ୟ 'ପଦ୍ମିନୀ'ର କେତୋଟି ସର୍ଗ ପ୍ରକାଶ କରି ସେ ହୋଇଛନ୍ତି ଗୌରବାନ୍ୱିତ। ଗଙ୍ଗାଧର ଯେଉଁ ରାଜସ୍ଥାନ ଇତିହାସ ପାଠକରି 'ପଦ୍ମିନୀ' ରଚନା କରିଥିଲେ ଦୟାନିଧି ତାହା ହିଁ ଅଧ୍ୟୟନ କରି ଲେଖିଲେ ରାଣାପ୍ରତାପ ସିଂହ। 'ମୁକୁର' ପତ୍ରିକା ମାଧ୍ୟମରେ ଓଡ଼ିଆ ଅସ୍ମିତାର ଜାଗରଣ ସକାଶେ ସେ ଯୁବପିଢ଼ି ଭିତରେ ସୃଷ୍ଟି କରିଛନ୍ତି ନବ ଉନ୍ମାଦନା, ନବୀନ ଉଦ୍ଦୀପନା, ତେଜୋଦୀପ୍ତ ପ୍ରାଣାବେଗ।

ଦିବ୍ୟଜନନୀ ନିର୍ବାଚନ କରନ୍ତି ସେଇ ଆଧାରକୁ, ଯିଏ ବ୍ୟକ୍ତିଗତ ସଫଳତା ବିଫଳତାରୁ ନିଜକୁ କରିଦେଇ ପାରିଛି ଉତ୍ତୀର୍ଣ୍ଣ। ଦୟାନିଧି ମିଶ୍ର ସମସ୍ତ ପ୍ରତିକୂଳ ପରିସ୍ଥିତିକୁ ଅତିକ୍ରମ କରି ଯେଉଁ ପାବଚ୍ଛ ଉପରେ ଆରୋହଣ କରିପାରିଥିଲେ, ସେଠାକୁ ଯାତ୍ରା କରିପାରନ୍ତି ସେହିମାନେ, ଯେଉଁମାନେ ନିଜ ପାଇଁ ନୁହେଁ, ବିବେକାନନ୍ଦଙ୍କ ଭାଷାରେ କହିଲେ: 'ମା'ଙ୍କ ପାଇଁ ବଳୀ ପ୍ରଦତ୍ତ। ସମ୍ପୂର୍ଣ୍ଣ ସମର୍ପିତ।' ଦୟାନିଧି ଥିଲେ ସେହି ପର୍ଯ୍ୟାୟର ସାହିତ୍ୟ-ସୈନିକ। ଯେଉଁ କବି ଲେଖକଙ୍କୁ ଏ ଜାତି କ୍ରମଶଃ ବିସ୍ମରି ଯାଉଛି ସେମାନଙ୍କୁ ପୁନଃପଠନ ଦ୍ୱାରା ପୁନଃ ପୁନଃ ଆବିଷ୍କାର କରିବା ହିଁ ହେଉଛି ଆଜିର ଆହ୍ୱାନ।

ଭୁବନେଶ୍ୱର, ମୋ: ୭୦୭୭୫୫୩୭୦୭

ସକାଳ
THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ଗଣେଶ ପୂଜାରେ ଅଘଟଣ

# ନାଚୁନାଚୁ ଟଳିପଡ଼ିଲେ ଛାତ୍ର

ନୀଳଗିରି, ୨୭।୮ (ସମିସ): ଗଣେଶ ପୂଜା ପାଇଁ ଉତ୍ସବମୁଖର ଥିଲା ସ୍କୁଲ ପରିସର। ସାଙ୍ଗସାଥୀ ମେଳରେ ଗୀତର ତାଳେତାଳେ ନାଚୁଥିବାବେଳେ ଜଣେ ନବମ ଶ୍ରେଣୀ ଛାତ୍ରଙ୍କ ମୃତ୍ୟୁ ଘଟିଛି। ଏପରି ଏକ ଦୁଃଖଦ ଘଟଣା ଦେଖିବାକୁ ମିଳିଛି ନୀଳଗିରି ବ୍ଲକ୍ ସିଆଡିମାଳ ପଞ୍ଚାୟତ ସିଆଡିମାଳ ଗ୍ରାମସ୍ଥିତ ଜଡ଼ିଦା ରାଧାମାଧବ ଜୀଉ ହାଇସ୍କୁଲରେ। ମୃତ ଛାତ୍ରଜଣକ ହେଲେ ଗ୍ରାମର ଲକ୍ଷ୍ମୀନାରାୟଣ ଦାସବାବୁଙ୍କ ୧୪ବର୍ଷୀୟ ପୁଅ ପ୍ରିୟାଂଶୁ ପ୍ରୀତମ। ଆଜି ଗଣେଶ ଚତୁର୍ଥୀ ଅବସରରେ ଘରୁ ଗାଧୋଇପାଧୋଇ ପ୍ରିୟାଂଶୁ ସ୍କୁଲରେ ଗଜାନନଙ୍କ ପୂଜାରେ ସାମିଲ ହୋଇଥିଲେ। ପୂଜାସାରି ସାଙ୍ଗସାଥିଙ୍କ ସହିତ ଖେଳୁଥିବାବେଳେ ହଠାତ୍ ଗଣେଶଙ୍କ ବିଗ୍ରହ ସମ୍ମୁଖରେ ପଡିଯାଇଥିଲେ। ଘଟଣାସ୍ଥଳରେ ତାଙ୍କର ପ୍ରାଣବାୟୁ ଉଡ଼ିଯାଇଥିବା ବେଳେ ସାଙ୍ଗସାଥୀ, ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ଏବଂ ପରିବାର ଲୋକେ ଦୁଃଖରେ ମ୍ରିୟମାଣ ହୋଇପଡିଛନ୍ତି। ବାପା ଲକ୍ଷ୍ମୀନାରାୟଣ ଏବଂ ମାଆ ମାଳତୀ ଦାସବାବୁଙ୍କ ଦୁଇ ପୁଅ ମଧ୍ୟରୁ ପ୍ରିୟାଂଶୁ ବଡ଼ପୁଅ ଥିଲେ। ଏଭଳି ଦୁଃଖଦ ଘଟଣା ପ୍ରଚାରିତ ହେବାପରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

# ପୁଷ୍ପାଞ୍ଜଳି ବେଳେ ଟଳିପଡ଼ିଲେ ଶିକ୍ଷକ

ତେଲକୋଇ, ୨୭।୮ (ସମିସ): ବିଘ୍ନ ବିନାଶକ ପ୍ରଭୁ ଶ୍ରୀଗଣେଶଙ୍କୁ ପୁଷ୍ପାଞ୍ଜଳି ଦେଉଥିଲା ବେଳେ ଟଳି ପଡିଲେ ଜଣେ ଶିକ୍ଷକ। ଶିକ୍ଷକ ଜଣକ ହେଉଛନ୍ତି କେନ୍ଦୁଝର ଜିଲ୍ଲା ତେଲକୋଇ ବ୍ଲକ ସଲେଇକେନା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ହେଲେ ଚନ୍ଦନ କୁମାର ଜେନା (୩୫)। ତେଲକୋଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି। ତେଲକୋଇ ଥାନା ପୁଲିସ ମୃତଦେହକୁ ଜବତ କରିବା ସହିତ ପ୍ରାଥମିକ ତଦନ୍ତ ଆରମ୍ଭ କରିଛି।

# ଫୁଲ ତୋଳିବାବେଳେ ପୋଖରୀରେ ବୁଡ଼ି ଯୁବକ ମୃତ

ସୋର,୨୭।୮ (ସମିସ): ସୋର ପୌରପାଳିକା ଅନ୍ତର୍ଗତ ଖିରକୋଣୀ ଗ୍ରାମର ଜଣେ ବ୍ୟକ୍ତି ଆଜି ଗଣେଶ ପୂଜା ପାଇଁ ପୋଖରୀ ହୁଡ଼ାରେ ଥିବା ଫୁଲ ଗଛରୁ ଫୁଲ ତୋଳୁଥିବାବେଳେ ଗୋଡ ଖସିଯିବାରୁ ପୋଖରୀରେ ବୁଡି ମୃତ୍ୟୁ ହୋଇଥିବା ଜଣାପଡିଛି। ସୋର ପୌରାଞ୍ଚଳ ୧୯ ନମ୍ବର ୱାର୍ଡ ଖୀରକୋଣି ଗ୍ରାମର ସୁରେନ୍ଦ୍ର ମହାଳିକ (୫୦) ଆଜି ସକାଳେ ଗଣେଶ ପୂଜା ପାଇଁ ଘର ନିକଟସ୍ଥ ଏକ ପୋଖରୀ ଆଡିରେ ଥିବା ଫୁଲ ଗଛରୁ ଫୁଲ ତୋଳୁଥିଲେ। ଏହି ସମୟରେ ତାଙ୍କ ଗୋଡ ଖସିଯିବାରୁ ସେ ପୋଖରୀରେ ବୁଡି ଯାଇଥିଲେ। ଦୀର୍ଘ ସମୟ ପର୍ଯ୍ୟନ୍ତ ସେ ଘରକୁ ନ ଫେରିବାରୁ ପରିବାର ଲୋକେ ତାଙ୍କୁ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରି ପୋଖରୀ ନିକଟରେ ତାଙ୍କ ଗାମୁଛା ପଡିଥିବାର ଦେଖି ପୋଖରୀରେ ଖୋଜିଥିଲେ। ପରେ ପୋଖରୀରୁ ତାଙ୍କୁ ଉଦ୍ଧାର କରି ସୋର ଡାକ୍ତରଖାନାକୁ ଆଣିଥିବା ବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ସୋର ପୁଲିସ ଡାକ୍ତରଖାନାରେ ପହଞ୍ଚି ଏକ ମାମଲା ରୁଜୁ କରି ଶବ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରି ଘଟଣାର ତଦନ୍ତ ଚଳାଇଛି।

# ହୀରାକୁଦ ଜଳସ୍ତର ୬୨୨.୧୦ ଫୁଟ୍, ୨ ଗେଟ୍ ଖୋଲା

ସମ୍ବଲପୁର, ୨୭।୮ (ସମିସ) : ଉପରମୁଣ୍ଡରେ ବର୍ଷା କମିଯାଇଥିବାବେଳେ ହୀରାକୁଦ ନଦୀବନ୍ଧକୁ ପ୍ରବେଶ ଜଳ ପରିମାଣ ହ୍ରାସ ପାଇଛି। ଆଜି ବୁଧବାର ସନ୍ଧ୍ୟା ୬ଟା ସମୟରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୨୨.୧୦ ଫୁଟ୍ ରହିଛି। ନଦୀବନ୍ଧର ମୋଟ ୨ଟି ସ୍ଲୁଇସ୍ ଗେଟ୍ ଦେଇ ବନ୍ୟାଜଳ ନିଷ୍କାସନ ହେଉଛି। ଜଳଭଣ୍ଡାରକୁ ସେକେଣ୍ଡ ପ୍ରତି ୧,୦୯,୧୮୦ ଘନଫୁଟ ଜଳ ପ୍ରବେଶ କରୁଥିବାବେଳେ ପାୱାର ଚେନାଲ, ଶିଳ୍ପାନୁଷ୍ଠାନ, କେନାଲ ଆଦି ଦେଇ ୯୮,୧୩୩ ଘନଫୁଟ ଜଳ ନିଷ୍କାସିତ ହେଉଛି। ସ୍ପିଲୱେ ଦେଇ ୬୩,୩୦୮ ଘନଫୁଟ, ପାୱାର ଚେନାଲ ଦେଇ ୩୧,୫୭୨ ଘନଫୁଟ, ଶିଳ୍ପାନୁଷ୍ଠାନ ସକାଶେ ୨୧୪ ଘନଫୁଟ, କେନାଲ ପାଇଁ ୩,୦୩୯ ଘନଫୁଟ ଜଳ ନିଷ୍କାସିତ ହେଉଛି। ଅନ୍ୟପକ୍ଷରେ ତଳମୁଣ୍ଡରେ ବେଲଗାଁଠାରେ ୧୭,୦୦୦ ଘନଫୁଟ୍ ଜଳ ପ୍ରବାହିତ ହେଉଥିବାବେଳେ ପଥର୍ଲାଠାରେ ୩୬,୩୨୭ ଘନଫୁଟ୍, ଖଇରମାଲଠାରେ ୧,୬୨,୦୦୦ ଘନଫୁଟ୍, ବାରମୁଲଠାରେ ୨,୨୭,୫୦୦ ଘନଫୁଟ୍ ଏବଂ ମୁଣ୍ଡଲୀଠାରେ ୩,୩୧,୯୬୩ ଘନଫୁଟ୍ ଜଳ ପ୍ରବାହିତ ହେଉଥିବା ହୀରାକୁଦ ମୁଖ୍ୟ ନଦୀବନ୍ଧ ସୂତ୍ରରୁ ପ୍ରକାଶ। ହୀରାକୁଦ ନଦୀବନ୍ଧର ଉପରମୁଣ୍ଡରେ ଗତ ୨୪ ଘଣ୍ଟାରେ ୬.୩୦ ମିମି ବର୍ଷା ହୋଇଥିବାବେଳେ ତଳମୁଣ୍ଡରେ ୦.୮୨ ମିମି ବର୍ଷା ହୋଇଥିବା ସୂଚନା ମିଳିଛି। ଗତବର୍ଷ ଆଜିର ଦିନରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୨୧.୧୯ ଫୁଟ୍ ରହିଥିଲା।

# ବାଇକ୍ ଦୁର୍ଘଟଣା; ଜଣେ ମୃତ, ୨ ଗୁରୁତର

ତେଲକୋଇ, ୨୭।୮ (ସମିସ): ତେଲକୋଇ ଥାନା ସନ୍ତେଇ ଭଞ୍ଜ ଗ୍ରାମରେ ଦୁଇ ବାଇକ୍ ମୁହାମୁହିଁ ଧକ୍କା ହେବାରୁ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଦୁଇ ଜଣ ଗୁରୁତର ହୋଇଛନ୍ତି। ମୃତକ ହେଲେ ରଗଡା ଗ୍ରାମର ଗଣେଶ୍ୱର ସାହୁଙ୍କ ପୁଅ ପପୁ ସାହୁ(୧୮)। ଗୁରୁତରମାନେ ହେଲେ ରଗଡା ଗ୍ରାମର ଦିପୁ ସାହୁ(୨୦) ଏବଂ ପାଳଲହଡ଼ା ସରୁଆଳି ଗ୍ରାମର ରତିକାନ୍ତ ନାୟକ(୪୫)। ଗୁରୁତର ଦିପୁ କଟକ ସ୍ଥାନାନ୍ତର ହୋଇଥିବା ବେଳେ ରତିକାନ୍ତ କେନ୍ଦୁଝର ସ୍ଥାନାନ୍ତର ହୋଇଥିବା ଜଣାପଡ଼ିଛି। ତେଲକୋଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଜଣଙ୍କର ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ତେଲକୋଇ ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିବା ସହିତ ଦୁର୍ଘଟଣା ଗ୍ରସ୍ତ ଗାଡ଼ିଦ୍ୱୟକୁ ଜବତ କରିଛି।

# ଜେଲ୍ ଗଲେ ଓଏଫ୍ଏସ୍ ଅଧିକାରିଣୀ

ଭୁବନେଶ୍ୱର, ୨୭।୮ (ସମିସ): ଲାଞ୍ଚ ନେବାବେଳେ ଧରାପଡ଼ି ଭିଜିଲାନ୍ସ ସ୍କାନରକୁ ଆସିଥିବା ଆସିଷ୍ଟାଣ୍ଟ ଟାକ୍ସ କମିସନର ତଥା ଓଏଫ୍ଏସ୍ ସରିତା ବାରିକଙ୍କୁ ଗିରଫ କରିଛି ଭିଜିଲାନ୍ସ। ଜାମିନ ନାମଞ୍ଜୁର ହେବାରୁ କୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଭୁବନେଶ୍ୱର ସର୍କଲ ୪ର ଆସିଷ୍ଟାଣ୍ଟ କମିସନର ସରିତା ବାରିକ ଜଣେ ବେକେରି ଦୋକାନ ମାଲିକଙ୍କୁ ୨ ଲକ୍ଷ ୨୭ ହଜାର ଟଙ୍କା ଜରିମାନା ଓ ଟିକସ ପ୍ରଦାନ ପାଇଁ କାରଣ ଦର୍ଶାଅ ନୋଟିସ ଜାରି କରିଥିଲେ। ଦୋକାନୀ ଜଣକ ସମାଧାନ ଅନୁରୋଧ କରିବା ପରେ ସରିତା ୨୫ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ଦୋକାନୀ ଜଣକ ଏନେଇ ଭିଜିଲାନ୍ସର ଦ୍ୱାରସ୍ଥ ହେବାପରେ ମାମଲା ରୁଜୁ କରିଥିଲା। ଗତକାଲି ମଧୁସୂଦନ ନଗର ଅଞ୍ଚଳରେ ସରିତା ନିଜ କାର ଭିତରେ ବସି ଦୋକାନୀଙ୍କ ଠାରୁ ଲାଞ୍ଚ ନେଉଥିଲେ। ପୂର୍ବ ଯୋଜନା ମୁତାବକ ଛକି ରହିଥିବା ଭିଜିଲାନ୍ସ ଟିମ୍ ସରିତାଙ୍କୁ ମାଡ଼ି ବସିଥିଲା।

# ଓସ୍କାର ଦୌଡ଼ରେ ଓଡ଼ିଆ ସିନେ ନିର୍ମାତା ଅକ୍ଷୟ ପରିଜା

ଭୁବନେଶ୍ୱର,୨୭।୮ (ସମିସ): ଅନ୍ତରାଷ୍ଟ୍ରୀୟ ଚଳଚ୍ଚିତ୍ର 'ପାପା, ବୁକା' ୨୦୨୬ ଓସ୍କାର ଏକାଡେମୀର ୯୮ତମ ପୁରସ୍କାର ପାଇଁ ଚୟନ ହୋଇଛି। ଏହି ଚଳଚ୍ଚିତ୍ରରେ ସହ ପ୍ରଯୋଜନା କରି ରାଜ୍ୟ ପାଇଁ ଗୌରବ ଆଣିଛନ୍ତି ୨ଥର ଜାତୀୟ ପୁରସ୍କାରପ୍ରାପ୍ତ ବିଶିଷ୍ଟ ଓଡ଼ିଆ ସିନେ ପ୍ରଯୋଜକ ଅକ୍ଷୟ ପରିଜା। ଓଡ଼ିଶା ଓ ଭାରତୀୟ ସିନେମା ପାଇଁ ଏହା ଏକ ଐତିହାସିକ ମୁହୂର୍ତ୍ତ। ପାପୁଆ ନ୍ୟୁ ଗିନି ସହ ଭାରତର ଏହି ପ୍ରଥମ ପ୍ରଡକ୍ସନ ଫିଚର ଫିଲ୍ମ ୨୦୨୬ ଓସ୍କାର ଏକାଡେମୀ ପୁରସ୍କାରର ବେଷ୍ଟ ଇଣ୍ଟରନ୍ୟାସନାଲ ଫିଚର ଫିଲ୍ମ ବର୍ଗରେ ଅଫିସିଆଲ ଏଣ୍ଟ୍ରିରେ ଅନୁମୋଦିତ ହୋଇଛି।

ସୂଚନା ଅନୁସାରେ, ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ପପୁଆ ନ୍ୟୁଗିନିର ମୁକ୍ତି ସଂଗ୍ରାମରେ ଭାରତୀୟ ସେନାଙ୍କ ଅବଦାନ ଉପରେ ଏହି ଚଳଚ୍ଚିତ୍ର ଆଧାରିତ। ଏଥିରେ ବହୁ ଭାରତୀୟ ସେନାଙ୍କ ବଳିଦାନ ଲୁକ୍କାୟିତ ହୋଇ ରହିଯାଇଥିଲା। ସେମାନଙ୍କ ବଳିଦାନକୁ ବିଶ୍ୱ ଦରବାରରେ ପରିଚିତ କରିବା ପାଇଁ ଏହି ଚଳଚ୍ଚିତ୍ର ନିର୍ମାଣ କରାଯାଇଥିଲା। ପପୁଆ ନ୍ୟୁ ଗିନି ସରକାର ଓ ଅକ୍ଷୟ ପରିଜାଙ୍କ ମିଳିତ ପ୍ରଯୋଜନାରେ ଏହି ଚଳଚ୍ଚିତ୍ରକୁ ନିର୍ମାଣ କରିବାକୁ ୨୦୧୬ ମସିହାରେ ପୂର୍ବତନ ରାଷ୍ଟ୍ରପତି ସ୍ୱର୍ଗତଃ ପ୍ରଣବ ମୁଖାର୍ଜୀ ପ୍ରେରଣା ଦେଇଥିଲେ। ଏହାସହ ୨୦୨୩ ମସିହାରେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପପୁଆ ଗିନି ଗସ୍ତ ବେଳେ ସେହି ଦେଶ ସହ ଭାରତର ସଂସ୍କୃତି ଓ ପାରମ୍ପରିକ ସମ୍ପର୍କ କିଭଳି ସୁଦୃଢ଼ ଥିଲା ସେନେଇ ମଧ୍ୟ ଉତ୍ସାହିତ ହୋଇଥିଲେ। ଦେଶର ପ୍ରଥମ ସ୍ୱାଧୀନତା ସଂଗ୍ରାମ କୁହାଯାଉଥିବା ୧୮୧୭ର




■ ଅନ୍ତରାଷ୍ଟ୍ରୀ ସିନେମାର ସହପ୍ରଯୋଜନା କରି ରାଜ୍ୟ ପାଇଁ ଆଣିଲେ ଗୌରବ
■ 'ପାପା, ବୁକା' ୨୦୨୬ ଓସ୍କାର ଏକାଡେମୀର ୯୮ତମ ପୁରସ୍କାର ପାଇଁ ଚୟନ

ପାଇକବିଦ୍ରୋହ ଭଳି ପାପା ବୁକା ଚଳଚ୍ଚିତ୍ରରେ ସ୍ଥାନ ପାଇଛି। ଏହାସହ ଭାରତୀୟ ସେନାଙ୍କ ବୀରତ୍ୱର କାହାଣୀ ମଧ୍ୟ ରହିଛି। ଚଳଚ୍ଚିତ୍ରଟିର ନିର୍ଦ୍ଦେଶନା ଦେଇଛନ୍ତି ୩ଥର ଜାତୀୟ ପୁରସ୍କାରପ୍ରାପ୍ତ ଡ. ବିଜୁ କୁମାର ଦାମୋଦରନ୍। ଏହି ଚଳଚ୍ଚିତ୍ରଟି ପପୁଆ ନ୍ୟୁ ଗିନିର ୫୦ତମ ସ୍ୱାଧୀନତା ବାର୍ଷିକୀ ପାଳନ ଅବସରରେ ମଧ୍ୟ ପ୍ରଦର୍ଶିତ ହୋଇଛି। ଏହି ଫିଲ୍ମରେ ଭାରତୀୟ ଅଭିନେତା ରୀତାଭରି ଚକ୍ରବର୍ତ୍ତୀ ଓ ପ୍ରକାଶ ବାରେ ନିଖୁଣ ଅଭିନୟ କରିଛନ୍ତି। ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି ଗ୍ରାମି ବିଜେତା ପଦ୍ମଶ୍ରୀ ରିକି କେଜ୍।

ଚଳଚ୍ଚିତ୍ର ଟି ନିର୍ମାଣରେ ସମସ୍ତଙ୍କ ବୈଷୟିକ ଟିମ୍ ମଧ୍ୟ ଭାରତୀୟ।

ବିଶିଷ୍ଟ ସିନେ ପ୍ରଯୋଜକ ଅକ୍ଷୟ ପରିଜା ଓଡ଼ିଆ ସିନେମାର ୯୦ ବର୍ଷର ଇତିହାସରେ ପ୍ରଥମ ପ୍ରଯୋଜକ ଯିଏକି ଏଭଳି ଅନ୍ତରାଷ୍ଟ୍ରୀୟ ଚଳଚ୍ଚିତ୍ରରେ ସହ ପ୍ରଯୋଜନା କରି ରାଜ୍ୟ ପାଇଁ ଗୌରବ ଆଣିପାରିଛନ୍ତି। ଅକ୍ଷୟ ପରିଜା ଓଡ଼ିଆ, ହିନ୍ଦୀ, ବଙ୍ଗଳା ଓ ମାଲାୟଲମ୍ ସିନେମା ନିର୍ମାଣ କରିଛନ୍ତି। ୧୮୧୭ ମସିହା ପାଇକ ବିଦ୍ରୋହ କିପରି ଭାରତର ପ୍ରଥମ ସ୍ୱାଧୀନତା ସଂଗ୍ରାମ ତାହାକୁ ମଧ୍ୟ କାହାଣୀର ରୂପ ଦେଇ ନିର୍ମାଣ କରିଛନ୍ତି ଚଳଚ୍ଚିତ୍ର। ଯାହାବି ବିଶ୍ୱ ଦରବାରରେ ଓଡ଼ିଶାର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବାରେ ସହାୟକ ହୋଇଛି। ସେ ସର୍ବଦା ଓଡ଼ିଶାର ସଂସ୍କୃତି, ପରମ୍ପରା, ଐତିହ୍ୟକୁ ଚଳଚ୍ଚିତ୍ର ମାଧ୍ୟମରେ ବିଶ୍ୱ ଦରବାରରେ ପହଞ୍ଚାଇବାକୁ ଚେଷ୍ଟା କରି ଆସିଛନ୍ତି। ଏଥିପାଇଁ ତାଙ୍କୁ ବିଭିନ୍ନ ମହଲରୁ ପ୍ରଶଂସାର ସୁଅ ଛୁଟିଛି।

## ଅବଶିଷ୍ଟାଂଶ...

### ଦେଶର ୧୦ ଲକ୍ଷରୁ...

ଟ୍ରେଡ୍ ଆଣ୍ଡ ଇଣ୍ଡଷ୍ଟ୍ରି (ସିଟିଆଇ)ର ଅଧ୍ୟକ୍ଷ ବ୍ରିଜେଶ ଗୋୟଲ କହିଛନ୍ତି ଯେ ଏହି ଶୁଳ୍କ ଭାରତର ବୟନଶିଳ୍ପ, ଚମଡା, ରତ୍ନ ଏବଂ ଅଳଙ୍କାର, ଅଟୋ ପାର୍ଟସ୍, ରାସାୟନିକ ପଦାର୍ଥ, ଔଷଧ, ସାମୁଦ୍ରିକ ଖାଦ୍ୟ ଏବଂ ଇଲେକ୍ଟ୍ରୋନିକ୍ସ କ୍ଷେତ୍ର ପାଇଁ ଏକ ବଡ଼ ଆଘାତ। ଏହି କ୍ଷେତ୍ରଗୁଡ଼ିକରେ କାମ କରୁଥିବା ପ୍ରାୟ ୧୦ ଲକ୍ଷ ଲୋକଙ୍କ ଚାକିରି ଏବେ ବିପଦରେ। ବର୍ଦ୍ଧିତ ଶୁଳ୍କ ଯୋଗୁଁ ଆମେରିକୀୟ ବଜାରରେ ଭାରତୀୟ ସାମଗ୍ରୀ ପ୍ରାୟ ୩୫% ମହଙ୍ଗା ହୋଇଯିବ। ଏପରି ପରିସ୍ଥିତିରେ, ଆମେରିକୀୟ କ୍ରେତା ଭାରତ ପରିବର୍ତ୍ତେ ଚୀନ୍, ଭିଏତନାମ ଓ ବାଂଲାଦେଶ ଭଳି ଦେଶରୁ ସାମଗ୍ରୀ କିଣିବାକୁ ପସନ୍ଦ କରିବେ।

### ଦକ୍ଷିଣରେ ବନ୍ୟା...

ଇନ୍ଦ୍ରାବତୀ ଅବବାହିକାରେ ବି ଭଲ ବର୍ଷା ହୋଇଛି। ପରିସ୍ଥିତିକୁ ଦୃଷ୍ଟିରେ ରଖି ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ ଉତ୍ତର ଓଡ଼ିଶାରେ ପ୍ରାୟ ସବୁ ନଦୀରେ ଜଳସ୍ତର ବିପଦ ସଙ୍କେତ ତଳେ ପ୍ରଭାବିତ ହୋଇଛି। ଆଗାମୀ ଦିନରେ ଆହୁରି ତଳକୁ ଆସିବ। ବର୍ତ୍ତମାନ ବୈତରଣୀରେ ପାଣି କମିଯାଇଛି। ତଳିଆ ଅଞ୍ଚଳରୁ ପାଣି କମିବାକୁ ସମୟ ଲାଗିବ। ପାଣି କମିବା ପରେ ସ୍ଥିତି ଦେଖି ପରବର୍ତ୍ତୀ ନିଷ୍ପତ୍ତି ନିଆଯିବ ବୋଲି ସେ କହିଛନ୍ତି। ଲଘୁଚାପ ଯୋଗୁଁ ବର୍ତ୍ତମାନ ଉତ୍ତର ଓଡ଼ିଶା ଉପକୂଳ ସମୁଦ୍ର ଅଶାନ୍ତ ରହିଛି। ସମୁଦ୍ର ମଧ୍ୟରେ ପବନର ବେଗ ୩୦-୪୦ ଓ ଝଟକା ପବନ ୫୦ କିମି ରହୁଥିବାରୁ ୨୮ ତାରିଖ ପର୍ଯ୍ୟନ୍ତ ମତ୍ସ୍ୟଜୀବୀଙ୍କୁ ସମୁଦ୍ର ଭିତରକୁ ଯିବାକୁ ମନା କରାଯାଇଛି।

### ୫୨ଲକ୍ଷ ଚାଷୀଙ୍କୁ...

ସୁଦୃଢ଼ କରିବା ଲକ୍ଷ୍ୟ ନେଇ ପ୍ରତ୍ୟେକ ଉପଖଣ୍ଡସ୍ତରରେ ଗୋଟିଏ ଲେଖାଏଁ ଶୀତଳ ଭଣ୍ଡାର ଘରୋଇ ସହଭାଗିତାରେ ପ୍ରତିଷ୍ଠା କରାଯିବ। ଏହା ମାଧ୍ୟମରେ ଫସଲ ଅମଳ ପରବର୍ତ୍ତୀ କ୍ଷତିକୁ ରୋକିବା ସହ କୃଷି ଉତ୍ପାଦର ଉପଯୁକ୍ତ ମୂଲ୍ୟ ଦ୍ୱାରା ବଜାର ସୁବିଧା ଯୋଗାଇ ଦେଇ ଚାଷୀମାନଙ୍କର ରୋଜଗାର ବୃଦ୍ଧି କରାଯାଇପାରିବ। ଯୁବ କୃଷି ଉଦ୍ୟୋଗୀମାନଙ୍କୁ ବ୍ୟବସାୟ ଭିତ୍ତିକ ଭିତ୍ତିଭୂମି ପ୍ରତିଷ୍ଠା ସହ ନିଜର ଆର୍ଥିକ ଉନ୍ନତି ଏବଂ ରାଜ୍ୟର ଗ୍ରାମୀଣ ଅର୍ଥନୀତିରେ ଉନ୍ନତି ଆଣିବା ପାଇଁ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାରେ ରିହାତି ଜରିଆରେ ଏକ କୋଟି ଟଙ୍କା ପର୍ଯ୍ୟନ୍ତ ସବସିଡି ପ୍ରଦାନ କରାଯାଉଛ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

ଏହି ଅବସରରେ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟରେ ପ୍ରାୟ ୫୯ କୋଟି ଟଙ୍କା ବ୍ୟୟରେ ଏକ 'କୃଷକ ଭବନ' ଏବଂ କୃଷି ଶିକ୍ଷା ସଦନର ଏକ 'ଅଭ୍ୟର୍ଥନା ଗୃହ' ଉଦଘାଟନ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂ ଦେଓ, ବିଧାୟକ ବାବୁ ସିଂ, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗର ପ୍ରମୁଖ ଶାସନ ସଚିବ ସୁରେଶ କୁମାର ବଶିଷ୍ଠ, ଓୟୁଏଟିର କୁଳପତି ଡ. ପ୍ରଭାତ କୁମାର ରାଉଳଙ୍କ ସମେତ ବହୁ ଅଧିକାରୀ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ରାଜ୍ୟର ପ୍ରାୟ ୬୦୦ରୁ ଊର୍ଦ୍ଧ୍ୱ କୃଷକ ଏବଂ ଓୟୁଏଟିର ୨୦୦ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ୩୦ଟି ଜିଲ୍ଲା ପାଇଁ ଲାଇଭଷ୍ଟ୍ରିମିଂ କରାଯାଇଥିଲା। କାର୍ଯ୍ୟକ୍ରମରେ କୃଷି ଓ କୃଷକ ସଶକ୍ତିକରଣ ବିଭାଗର ପ୍ରମୁଖ ଶାସନ ସଚିବ ଅରବିନ୍ଦ କୁମାର ପାଢ଼ୀ ସ୍ୱାଗତ ଭାଷଣ ଦେଇଥିବାବେଳେ କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶକ ଶୁଭମ ସକ୍ସେନା ଧନ୍ୟବାଦ ଦେଇଥିଲେ।

### ଅଟକୁନି ଭୂସ୍ଖଳନ...

ମିମି ବର୍ଷା ରେକର୍ଡ କରାଯାଇଛି। ଏହାପୂର୍ବରୁ ୫୨ ବର୍ଷ ତଳେ ୧୯୭୩ ଅଗଷ୍ଟ ୯ରେ ୨୭୨.୬ ମିମି ବର୍ଷା ହୋଇଥିଲା। ଜମ୍ମୁର କଟରାସ୍ଥିତ ବୈଷ୍ଣୋଦେବୀ ଧାମ ରାସ୍ତାର ଅର୍ଦ୍ଧକୁଆଁରୀରେ ମଙ୍ଗଳବାର ହୋଇଥିବା ଭୂସ୍ଖଳନଜନିତ ମୃତ୍ୟୁସଂଖ୍ୟା ୩୨କୁ ବୃଦ୍ଧି ପାଇଛି। ଏଥିସହିତ ବର୍ଷା ଜନିତ ଦୁର୍ଘଟଣାରେ ରାଜ୍ୟରେ ୩୬ ଜଣଙ୍କ ଜୀବନ ଗଲାଣି। ଏବେ ବି ଅନେକ ଲୋକ ନିଖୋଜ ଥିବାରୁ ମୃତ୍ୟୁସଂଖ୍ୟା ବୃଦ୍ଧି ପାଇବା ଆଶଙ୍କା କରାଯାଉଛି। ଏବେ ବି ଅଞ୍ଚଳରେ ପ୍ରବଳ ବର୍ଷା ରହିଛି। ଏହାକୁ ଦେଖି ବୈଷ୍ଣୋଦେବୀ ଯାତ୍ରାକୁ ବନ୍ଦ କରିଦିଆଯାଇଛି।

### କଟକ ରେଳଷ୍ଟେସନ...

ଭିଡିରେ ରେଳ ଟ୍ରାକ ଉପରୁ ପଡିଥିବା ଭଗ୍ନାଂଶକୁ କଢାଯାଇଥିଲା। ରାତି ୭ଟା୨୦ରେ ଟ୍ରାକରୁ ପ୍ଲାଟଫର୍ମ ସେଡ୍ ଭଗ୍ନାଂଶ ହଟାଯିବା ପରେ ରେଳ ଚଳାଚଳ ଉକ୍ତ ଟ୍ରାକରେ ସ୍ୱାଭାବିକ ହୋଇଥିଲା। ଏକ ଓ ଦୁଇ ନମ୍ବର ରେଳ ଟ୍ରାକରେ ଆସିବାକୁ ଥିବା ଟ୍ରେନ ଗୁଡିକର ଗତିପଥ ଅବଶିଷ୍ଟ ୬ଗୋଟି ଟ୍ରାକକୁ ପରିବର୍ତ୍ତନ କରାଯାଇଥିଲା। ପ୍ରଶ୍ନ ଉଠିଛି ଯେ ଏହି ଅଘଟଣର ୨୦ମିନିଟ ପୂର୍ବରୁ ଏକ ନମ୍ବର ରେଳ ଟ୍ରାକରେ ପୁରୀ-ହାୱଡା ବନ୍ଦେ ଭାରତ ଏକ୍ସପ୍ରେସ ଯାତ୍ରୀବାହୀ ଟ୍ରେନ ଯାଇଥିଲା। ଟ୍ରେନ ଯାତାୟତ ସମୟରେ ଯଦି ଏହି ଅଘଟଣ ଘଟିଥାନ୍ତା ତାହେଲେ ଧନଜୀବନ ହାନିର ଆଶଙ୍କା ରହିଥିଲା। ରେଳଷ୍ଟେସନ ନବିକରଣ କାର୍ଯ୍ୟ ଯେଉଁ ଠିକା ସଂସ୍ଥା କରୁଥିଲା ତାହା ନିରାପତ୍ତା ବ୍ୟବସ୍ଥା ପ୍ରତି ଧ୍ୟାନ ଦେଇନଥିବା ଅଭିଯୋଗ ଉଠିଛି।

ଏ ସମ୍ପର୍କରେ ରେଳବାଇ ଅତିରିକ୍ତ ଡିଆରଏମ ପ୍ରଦୀପ କୁମାର ବେହେରା କହିଛନ୍ତି ଯେ କାର୍ଯ୍ୟ ଚାଲୁଥିବା କାରଣରୁ ୨ନମ୍ବର ରେଳ ଧାରଣାରେ ରେଳ ଚଳାଚଳକୁ ବନ୍ଦ କରାଯାଇଥିଲା। ସେହିଭଳି ସମ୍ପୂର୍ଣ୍ଣ ଅଞ୍ଚଳ ଆଗୁଆ ବ୍ୟାରିକେଡିଂ ହୋଇଥିଲା। ଏଣୁ ଛାତ ଭଙ୍ଗାଯିବା ସମୟରେ ସେଠାରେ କେହି ନଥିଲେ ବୋଲି ରେଳବାଇ କର୍ତ୍ତୃପକ୍ଷ କହିଛନ୍ତି। ଏହି ଅଘଟଣ ପରେ ଚୌଦ୍ୱାର-କଟକ ବିଧାୟକ ସୌଭିକ ବିଶ୍ୱାଳ, କଟକ ମହାନଗର ନିଗମ ମେୟର ସୁବାସ ସିଂହ, ବାରବାଟୀ-କଟକ ବିଧାୟିକା ସୋଫିଆ ଫିରଦୋସ ପ୍ରମୁଖ ଘଟଣାସ୍ଥଳ ପରିଦର୍ଶନ କରିଥିଲେ। ରେଳଷ୍ଟେସନ ଉପରେ ଦୈନନ୍ଦିନ ହଜାର ହଜାର ଯାତ୍ରୀ ନିର୍ଭର କରୁଥିବା ବେଳେ ଖାମଖିଆଲ ଢଙ୍ଗରେ ନବିକରଣ କାର୍ଯ୍ୟ କରାଯାଉଥିବା ତଥା ଠିକା ସଂସ୍ଥା ଉପରେ ରେଳବାଇ କର୍ତ୍ତୃପକ୍ଷଙ୍କ ନିୟନ୍ତ୍ରଣ ରହୁନଥିବା ସେମାନେ ଅଭିଯୋଗ କରିବା ସହ ଏହାର ତଦନ୍ତ ଦାବି କରିଛନ୍ତି।

## ଧାନ କାର୍ଡ ପଞ୍ଜୀକରଣକୁ ନେଇ ପୁଅ-ବୋହୂ-ନାତିଙ୍କ ବର୍ବରକାଣ୍ଡ

# ବାପାକୁ ହତ୍ୟାକରି ପୋଡ଼ିଦେଲେ

■ ଭେଡେନ, ୨୭।୮ (ସମିସ): ଭେଡେନ ଥାନା ଅଧୀନ ବକଟି ପଞ୍ଚାୟତ ସ୍ଥିତ ଅପାମରା ଗାଁର ଝଙ୍କାର ବିଦେଶୀ ଧରୁଆ(୬୫)କୁ ତାଙ୍କ ବଡପୁଅ ବାବୁଲାଲ ଧରୁଆ(ଜୟଲାଲ) (୪୫), ପୁତ୍ରବଧୂ ଯୋଶବନ୍ତି ଧରୁଆ(୪୨) ଓ ନାତି ବଳରାମ ଧରୁଆ (୧୯) ମିଳିମିଶି ହତ୍ୟା କରିବା ସହିତ ଶବ ପୋଡି ଦେଇଥିବା ଅଭିଯୋଗ ହୋଇଛି। ପୁଲିସ ସୂଚନା ଅନୁସାରେ, ମୃତ ବିଦେଶୀଙ୍କ ଦୁଇପୁଅ ଓ ଗୋଟିଏ ଝିଅ ଅଛନ୍ତି। ତାଙ୍କ ଜମିର ଧାନ ବିକ୍ରି ପାଇଁ କାର୍ଡ ପଞ୍ଜୀକରଣର ଆବଶ୍ୟକତା ଥିବାରୁ ଭେଡେନ ସ୍ଥିତ ଧାନ କାର୍ଡ ତିଆରି କେନ୍ଦ୍ରକୁ ସାନପୁଅ ତେଜରାଜଙ୍କ ସହିତ ଗତ ୨୫ ତାରିଖରେ ଆସିଥିଲେ। ବଡପୁଅ ବାବୁଲାଲ ଓ ପୁଅ ବଳରାମ ସେଠାରେ ପହଞ୍ଚି ବଡ଼ପୁଅ ନାମରେ ସମସ୍ତ ଜମିର କାର୍ଡ ତିଆରି କରିବାକୁ କହି ଗଣ୍ଡଗୋଳ କରିଥିଲେ। ରାତିରେ ବିଦେଶୀ ଘରକୁ ଫେରିବା ବାଟରେ ବାବୁଲାଲ ଓ ନାତି ବଳରାମ ଦନ୍ତା ନଦୀ ବ୍ରିଜ ନିକଟରେ ତାଙ୍କୁ ପୁଣି ମାରପିଟ କରିଥିଲେ। ସେଠାରୁ ତାଙ୍କୁ ଅପାମରା ଗାଁ ଘରକୁ ନେଇ ପୁଅ, ବୋହୂ ଓ ନାତି ମିଶି ଏକ ଲୁହାରଡରେ ତିଆରି କଟରାରେ ପିଟିବାରୁ ଘଟଣାସ୍ଥଳରେ ବିଦେଶୀଙ୍କ ମୃତ୍ୟୁ ହୋଇଥିଲା। ବାପାଙ୍କ ଦେହ ଖରାପ ଅଛି କହି ଚିକିତ୍ସା ପାଇଁ ବୋଲେରୋରେ ବିଦେଶୀଙ୍କୁ ବରଗଡ଼ସ୍ଥିତ ଏକ ଘରୋଇ ହସ୍ପିଟାଲକୁ ନେଇଥିଲେ। ସେଠାରେ ଡାକ୍ତର ବିଦେଶୀଙ୍କ ମୃତ୍ୟୁ ହୋଇଥିବାରୁ ସରକାରୀ ଡାକ୍ତରଖାନାକୁ ନେବାକୁ କହିଥିଲେ। ହେଲେ ବାବୁଲାଲ, ବୋହୂ ଯୋଶବନ୍ତି ଓ ନାତି ବଳରାମ ଶ୍ମଶାନରେ ବିଦେଶୀଙ୍କ ଶବ ଦାହ କରିଦେଇଥିଲେ। ବାପାଙ୍କ ଦେହ ବିଷୟରେ ପଚାରିବାକୁ ସାନପୁଅ ତେଜରାଜ ବାରମ୍ବାର ଫୋନ କରିଥିଲେ ମଧ୍ୟ ବାବୁଲାଲ ଠିକ୍ ଉତ୍ତର ନ ଦେବାରୁ ସାନପୁଅ ସନ୍ଦେହ କରି ଭେଡେନ ଥାନାରେ ଅଭିଯୋଗ କରିଥିଲେ। ପୁଲିସ ମା'-ପୁଅଙ୍କୁ ଗିରଫ କରିଥିବା ବେଳେ ବାବୁଲାଲ ଫେରାର ଅଛି।


**ସମ୍ବଲପୁର ଜିଲ୍ଲା ସମବାୟ କେନ୍ଦ୍ର ବ୍ୟାଙ୍କ ଲିଃ, ବରଗଡ଼**

ପବିତ୍ର "ନୂଆଁଖାଇ" ଉପଲକ୍ଷେ ବ୍ୟାଙ୍କର ସେବାଞ୍ଚଳ ଚାରିଗୋଟି ଜିଲ୍ଲା ଯଥା ବରଗଡ଼, ସମ୍ବଲପୁର, ଝାରସୁଗୁଡା ଓ ଦେବଗଡ ଜିଲ୍ଲାର ସମସ୍ତ ଚାଷୀଭାଇ, ଜମାକାରୀ, ଗ୍ରାହକ, ଶୁଭେଚ୍ଛୁ, ପୃଷ୍ଠପୋଷକ ତଥା ଅଞ୍ଚଳବାସୀମାନଙ୍କୁ ବ୍ୟାଙ୍କ ତରଫରୁ ଅନେକ ଅନେକ ଶୁଭେଚ୍ଛା ସହିତ ମଙ୍ଗଳ କାମନା । ମାଁ ସମଲେଶ୍ୱରୀ ସମସ୍ତ ପରିବାରରେ ହସଖୁସି ବାଣ୍ଟିଦେବା ସହିତ ସଦା ସର୍ବଦା ଶୁଭ ଦୃଷ୍ଟି ରଖିଥାନ୍ତୁ, ତାଙ୍କରି ଚରଣ କମଳରେ ଏତିକି ପ୍ରାର୍ଥନା । ନିଜ ପରିବାରର ତଥା ଅଞ୍ଚଳର ଆର୍ଥିକ ଓ ସାମାଜିକ ଉନ୍ନତି ସାଧନ ନିମନ୍ତେ ଏହି ବ୍ୟାଙ୍କ ପ୍ରତି ଆପଣମାନଙ୍କର ଅକୁଣ୍ଠ ସହଯୋଗ ଆମ୍ଭର କାମ୍ୟ ।

ଶ୍ରୀଯୁକ୍ତ ଉତ୍କେଶ୍ୱର ମଳିକ, ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ
ଶ୍ରୀଯୁକ୍ତ ନରେନ୍ଦ୍ର ପଧାନ, ସଭାପତି

**ନୂଆଁଖାଇ ଜୁହାର-୨୦୨୫**

ସୁବର୍ଣ୍ଣପୁର ଚାଷୀ ଭାଇ, ମା, ବହେନ୍ ମାନଙ୍କୁ ଓ ପଶ୍ଚିମ ଓଡିଶାର ଭାଇ ବହେନ୍ ସବୁକୁ ପଶ୍ଚିମ ଓଡିଶାର ଗଣପର୍ବ "ନୂଆଁଖାଇର ଜୁହାର୍"। ମାଁ ସୁରେଶ୍ୱରୀ, ମାଁ ଅଷ୍ଟଚଣ୍ଡୀ, ପ୍ରଭୁ ସୁବର୍ଣ୍ଣମେରୁ ଓ ବାବା ଭାମେଶ୍ୱରଙ୍କ ଅପାର କରୁଣାରୁ ଇ ବଛର୍ ଜୋଲଖୋଲ୍ ହେଇକି ବରଷା ହେଉ ଆରୁ ଆମର୍ ଚାଷୀଭାଇ ମାନକର୍ ମା'ଲକ୍ଷ୍ମୀ ଙ୍କର କୃପାଥୁ ଭଣ୍ଡାର ଘର ଉଛୁଳି ପଡୁ ଆରୁ ୨୦୨୫ ବଛର ସବୁକର ମଙ୍ଗଳ ହେଉ ।

୧. କୃଷି ଓ ଆନୁସଙ୍ଗିକ କୃଷି ସମ୍ବନ୍ଧୀୟ ଯୋଜନାର ସୁବିଧା ସୁଯୋଗ ପାଇଁ କୃଷକ ଓଡିଶା ପୋର୍ଟାଲରେ ପଂଜିକରଣ ଓ ତଥ୍ୟ ସଂଶୋଧନ କରନ୍ତୁ ।
୨. ଚାଷୀ ଭାଇ ଓ ଭଉଣୀମାନଙ୍କୁ ଅନୁରୋଧ ଯେ ମୃତ୍ତିକା ପରୀକ୍ଷା କରି ସୁଷମ ସାର ପ୍ରୟୋଗ ସହିତ ଜୈବିକ ପଦ୍ଧତି ଅବଲମ୍ବନ କରନ୍ତୁ ।
୩. କୃଷି, ପଶୁପାଳନ, ମତ୍ସ୍ୟ ଓ ଉଦ୍ୟାନ କୃଷି ସମ୍ବନ୍ଧୀୟ ପ୍ରକଳ୍ପ ସ୍ଥାପନ ପାଇଁ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା ପୋର୍ଟାଲରେ ଆବେଦନ କରି ୪୦ ରୁ ୫୦ ପ୍ରତିଶତ ରିହାତି ପାଆନ୍ତୁ ଓ ସ୍ୱାବଲମ୍ବୀ ହୁଅନ୍ତୁ ।
୪. ଧାନ ଫସଲ ବଦଳରେ ଅଣଧାନ ଫସଲକୁ ଫସଲ ପର୍ଯ୍ୟାୟରେ ସାମିଲ କରନ୍ତୁ ଏବଂ ସମନ୍ୱିତ ଚାଷକୁ ଆପଣେଇ ଅଧିକ ଲାଭବାନ ହୁଅନ୍ତୁ ।
୫. ସି.ଏମ୍. କିସାନ ଯୋଜନାର ହିତାଧିକାରୀମାନେ ଆସନ୍ତା ୨ମାସ ମଧ୍ୟରେ ନିଜର ମୋବାଇଲ ନମ୍ବର ଏବଂ ବ୍ୟାଙ୍କଖାତାକୁ ନିଜର ଆଧାର ସହିତ ସଂଯୋଗ କରି ସରକାରଙ୍କ ଏହି ଯୋଜନାକୁ ସଫଳ କରନ୍ତୁ ଓ ପି.ଏମ୍. କିସାନ ଓ ସି.ଏମ୍. କିସାନ ଯୋଜନା ଅନ୍ତର୍ଗତ ଉପଲବ୍ଧ ସୁବିଧା ହାସଲ କରନ୍ତୁ ।
୬. କୃଷକ ରେଜିଷ୍ଟ୍ରି (Agristack) ରେ ନିଜ ଜମିପଟ୍ଟା ଦ୍ୱାରା ପଞ୍ଜିକୃତ ହୁଅନ୍ତୁ ଓ ଲାଭବାନ ହୁଅନ୍ତୁ । ଏଥିପାଇଁ ଚାଷୀ ଭାଇ ଓ ଭଉଣୀମାନଙ୍କୁ ଅନୁରୋଧ ଯେ ସେମାନେ ନିକଟସ୍ଥ ଜନସେବା କେନ୍ଦ୍ର, ପଂଚାୟତ ସ୍ତରୀୟ କୃଷି କର୍ମଚାରୀ ଏବଂ ନିଯୁକ୍ତ ସହାୟକଙ୍କ ଠାରେ ପଞ୍ଜିକରଣ କରାନ୍ତୁ ।
୭. ଚାଷ ସମ୍ବନ୍ଧୀୟ ବିଭିନ୍ନ ପରାମର୍ଶ ପାଇଁ ଆପଣଙ୍କ ଗ୍ରାମ୍ୟ କୃଷି କର୍ମଚାରୀ କିମ୍ବା ସହକାରୀ କୃଷି ଅଧିକାରୀଙ୍କ ସହିତ ଯୋଗାଯୋଗ କରନ୍ତୁ ।

ଶ୍ରୀଯୁକ୍ତ ରୁଦ୍ରଦେବ ରାଉତ, ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ତଥା ପ୍ରକଳ୍ପ ନିର୍ଦ୍ଦେଶକ, ଆତ୍ମା, ସୁବର୍ଣ୍ଣପୁର
ଶ୍ରୀଯୁକ୍ତ ଡ. ନୃପରାଜ ସାହୁ, ଜିଲ୍ଲାପାଳ ତଥା ଅଧ୍ୟକ୍ଷ, ଆତ୍ମା, ସୁବର୍ଣ୍ଣପୁର

**ନୂଆଖାଇ ଜୁହାର**

BALANGIR | ISO 9001 QCERT Certified quality system

ବଲାଙ୍ଗିର ସଦାଇପାଲି, ପଲ୍ଲିଶ୍ରୀ ବିହାର ଠାରେ ପ୍ରତିଷ୍ଠିତ ଇଣ୍ଡିଏନ ନର୍ସିଂ କାଉନସିଲ(ଆଇ.ଏନ୍.ସି)ମଞ୍ଜୁରୀ ପ୍ରାପ୍ତ ସୁଶ୍ରୀ ନର୍ସିଂ କଲେଜ(ସାଇଟ) ଏମ୍.ଏସ୍.ସି. ନର୍ସିଂ, ବି.ଏସ୍.ସି. ନର୍ସିଂ, ଜି.ଏନ୍.ଏମ୍. ନର୍ସିଂ, ଏ.ଏନ୍.ଏମ୍. ନର୍ସିଂ, ସାଇଟ ଇଞ୍ଜିନିୟରିଂ, ସୁଶ୍ରୀ ଆଇ.ଟି.ଆଇ, ସୁଶ୍ରୀ ଡି.ଏମ୍.ଏଲ୍.ଟି ଓ ଡି.ଏମ୍.ଆର୍.ଟି ପରିବାର ତରଫରୁ ସମସ୍ତଙ୍କୁ ନୂଆଖାଇ ଜୁହାର ।

ଡ. ନାରାୟଣ ପ୍ରସାଦ ମିଶ୍ର, ସଂପାଦକ



**AFFIDAVIT**



By virtue of an affidavit sworn before Executive Magistrate, Bhubaneswar, dated: 19.08.2025, I, MAMATA MANASINGH, residing at At-Barapada, PO: Kunjuri, P.S.- Khordha, Dist.- Khordha, Odisha, 752056, declare that I have changed my daughter's name from **Adyaarpita Mansingh** to **Ananya Ankita Mansingh**. Henceforth, she shall be known as **Ananya Ankita Mansingh** for all purposes.
Mamata Manasingh

**AFFIDAVIT**

I, Mrinal Kanta Samal, S/o- Natabar Samal, resident of Plot No. HIG-2/318, Satya Sai Enclave, Kolathia, Ps-Khandagiri, Dist-Khorda, PIN-751030, Odisha declared by this affidavit No- 15AA 353665, dtd- 23/07/2025 that now onwards I shall be known as **MRUNALA KANTA SAMAL** for all future purposes

**AFFIDAVIT**

I, Usharani Nayak D/o Banabihari Das, Resident of Village-Alana, PO-Alanahat, Naugaon, Dist-Jagatsinghapur, Pin-754107, Odisha declare by this affidavit No.9373 dtd 18.10.2021 that now onwards I shall be known as **USHARANI DAS** for all future purposes.

**AFFIDAVIT**

I, Amit Das S/o Asok Das, Resident of Plot No M-29/3, Panchasakha Nagar, PO-Dumuduma, PS-Khandagiri, Bhubaneswar Dist-Khordha Odisha, PIN-751019 declare by this affidavit No.683 dtd 26.08.2025 that now onwards I shall be known as **AMIT DASH** for all future purposes.

**AFFIDAVIT**

By virtue of an affidavit sworn before Executive Magistrate, Nayagarh, CF.NO-5/2, dated 30-05-2025 I, **MANORANJAN BEHERA, S/o Bijay Kumar Behera** permanent resident of Village At-Ghadual, PO/PS/Dist- Nayagarh, State-Odisha, PIN- 752069, declare that I have changed my daughter's name from **ADARSHA BEHERA** (Old name) to **ADYASHA BEHERA** (New name), Henceforth, She shall be known as **ADYASHA BEHERA** for all purposes.
Sd-( **MANORANJAN BEHERA** )

**AFFIDAVIT**

I, Pragnya Parimita Khuntia, D/o- Prafulla Kumar Parida, resident of At- Gadadhar Prasad, Via- Itamati, Dist-Nayagarh, PIN-752068, Odisha declared by this affidavit No-687, dtd-26/08/2025 that now onwards I shall be known as **PRAGNYA PARIMITA PARIDA** for all future purposes.

**AFFIDAVIT**

I, Pedena Siba Sankar Patra S/o P Baleswar Patra, Resident of At-Bhakta Madhu Nagar, Talabania, Khandagiri, Bhubaneswar, Dist-Khorda PIN-751030, Odisha declare by this affidavit No.26190 dtd 26.08.2025 that now onwards I shall be known as **P SIBA SANKAR PATRA** for all future purposes.

**AFFIDAVIT**

I, Kishore Chandra Jena, S/o- Kunja Jena, resident of At-Krushnaprasad, Po-Parikud, Dist- Puri, PIN-752011, Odisha declared by this affidavit No-686, dtd- 26/08/2025 that now onwards I shall be known as **KISHOR CHANDRA JENA** for all future purposes

**AFFIDAVIT**

By virtue of an affidavit vide no 1644 dated 26.08.2025 sworn before the Notary public, Phulbani, I, Tasneen Salimkhan Pathan W/o Zafer Ismail, Residing at Govt Residential Quarter, Block II, Qr No E-01, Amalapada, PO/PS-Phulbani, Dist-Kandhamal, Odisha, do hereby change my minor Daughter's name from Asfa Mohasin Momin to Asfa Tasneem. Henceforth, she will be known as **ASFA TASNEEM** for all future purposes.

**AFFIDAVIT**

I, Bipra Chanra Behera, S/o- Dandapani Behera, resident of At-Dhanija, Po-Dhanija, Dist-Ganjam, PIN-761116, Odisha declared by this affidavit No-685, dtd-26/08/2025 that now onwards I shall be known as **BIPRA CHARAN BEHERA** for all future purposes

**AFFIDAVIT**

I, Susama Kumari Dei, aged about 74 years, W/o-Late Rajendranath Swain, resident of L-218, Baramunda Housing Board Colony, PO- Baramunda, PS- Bharatpur, Bhubaneswar, Dist-Khordha, Odisha declared by this affidavit No. 22004, dtd- 21/08/2025 that now onwards I shall be known as **SUSAMA RANI SWAIN** for all future purposes.

**AFFIDAVIT**

I, Surjyakanta Pani, S/o-Jagannath Pani, resident of MIG-61, Ananta Vihar, Ph-2, Pokhariput, Aerodrome Area, Bhubaneswar, Dist-Khurda, PIN- 751020, Odisha declared by this affidavit No-688, dtd-26/08/2025 that now onwards I shall be known as **SURYAKANT PANI** for all future purposes.

**AFFIDAVIT**

By virtue of an affidavit (No. 1738, dtd-25.08.2025) before the Notary Public, Bhubaneswar. I, **Pranati Senapati**, aged about 52 years, W/o Hrusikesh Patro, resident of Plot No. 171/913/2828, Ekamra Vihar, Sundarpada, Bhubaneswar, PS-Airfield, Dist- Khurda, PIN-751002, Odisha, I have corrected / changed my father's name from **Markand Senapati** (old name) to **Markanda Senapati** (new name) in my PAN Card, vide no. BVXPS9249E. Henceforth, I shall be known as **Pranati Senapati**, D/O- Markanda Senapati for all purposes.
**Pranati Senapati**

# ବନ୍ୟା ପାଣି ଘେରରେ ରାଜନଗରର ୪ ପଞ୍ଚାୟତ

ରାଜନଗର,୨୭।୮ (ସମିସ):

ବ୍ରାହ୍ମଣୀରେ ଦ୍ୱିତୀୟ ବନ୍ୟା ହୋଇଥିବା ବେଳେ ଗତ ୪ ଦିନ ହେଲା ପାଣି ନିକଟରେ ପହଞ୍ଚି ନାହିଁ ବୋଲି ଅଭିଯୋଗ ହେଉଛି। ସନ୍ଥପଡା ବାରିକ ସାହିରେ ୪ ପରିବାରଙ୍କ ଘର ଭିତରେ ୪ ଫୁଟର ବନ୍ୟା ପାଣି ପ୍ରବାହୀତ ହେଉଛି। ଓସ୍ତିଆ ଭଗବାନପୁର, ରାଜପୁର ପଞ୍ଚାୟତର ରାଜପୁର, ଚନ୍ଦନପୁର, ବେଲପାଳ ପଞ୍ଚାୟତରେ ଯୋଗାଯୋଗ ବିଚ୍ଛିନ୍ନ ହୋଇ ନଥିଲେ ମଧ୍ୟ ଗାଁ ଚାରିପାଖ ଓ ପଞ୍ଚାୟତ



କାର୍ଯ୍ୟାଳୟ ଚାରିପାଖେ ବନ୍ୟା ପାଣି ଘେରି ରହିଛି। ଦାଣ୍ଡି ବଳଭଦ୍ରପୁର ରାସ୍ତାରେ ବନ୍ୟା ପାଣି ଚାଲୁଛି। ବଳଭଦ୍ରପୁର ରାଜପୁର ରାସ୍ତାରେ ଜୁଆର ସମୟରେ ୩ ଫୁଟ ଉଚ୍ଚତାର ପାଣି ଚାଲୁଅଛି। ଉପର ଓସ୍ତିଆ ରାସ୍ତାରେ ୫ ଫୁଟର ବନ୍ୟା ଜଳ ପ୍ରଭାବିତ ହେଉଛି। ଗାଁର ବଟବାବା ମନ୍ଦିର ସମ୍ମୁଖରେ ବନ୍ୟା ପାଣି ଜମି ରହିଛି। ରାଜନଗର ବ୍ଲକ୍ ବଢୁଥିବାରୁ ବିପନ୍ନଙ୍କ ଦୁର୍ଦ୍ଦଶା ବଢିଛି। ରାଜନଗର ବ୍ଲକର ବନ୍ଧପଡା, ଓସ୍ତିଆ, ବେଲପାଳ, ରାଜପୁର ପଞ୍ଚାୟତ ପାଣି ଘେରରେ ରହିଛି। ୧୫ରୁ ଅଧିକ ଗାଁ ରାସ୍ତା ଉପରେ ୪ରୁ ୬ ଫୁଟର ବନ୍ୟା ପାଣି ଚାଲୁଛି। ବିଶେଷ କରି ନଗଡ ଗାଁର ୩୦୦ ପରିବାର ୫ ଦିନ ହେଲା ପାଣି ଘେରରେ ଥିଲେ ମଧ୍ୟ ପ୍ରଶାସନ ଆଜି ଯାଏଁ ବିପନ୍ନଙ୍କ ପଞ୍ଚାୟତର ନଗଡ ଗାଁ ରାସ୍ତା ଉପରେ ୬ ଫୁଟର ପାଣି ଚାଲୁଛି। ଗାଁ ଦାଣ୍ଡରେ ବନ୍ୟା ପାଣି ଲହଡି ଭାଙ୍ଗୁଥିବାରୁ ବିପନ୍ନ ୩୦୦ ପରିବାର ବନ୍ୟା ଘେରରେ ରହିଛନ୍ତି। ରାଜନଗର ବ୍ଲକର ବନ୍ଧପଡା ପଞ୍ଚାୟତର ଚକିବାଙ୍କ, ଗୋବିନ୍ଦପୁର, ସନ୍ଥପଡା, ଟାଙ୍ଗଣତୈଳା , ଫିରିକିଦାଣ୍ଡି, ଓସ୍ତିଆ ପଞ୍ଚାୟତର ଓସ୍ତିଆ, ବନ୍ଧପାଟଣା, ନଗଡ, ବନ୍ଧପଡା, ଓସ୍ତିଆ, ବେଲପାଳ, ରାଜପୁର, କେରଡ଼ାଗଡ଼, ବାଲିସାହିପାଟଣା ପଞ୍ଚାୟତର ଶହ ଶହ ଏକର ଜମିର ତଳିଘେରାକୁ ୭ଦିନ ହେଲା ବନ୍ୟା ପାଣି ବୁଡାଇ ରଖିଛି। ଅନ୍ୟପକ୍ଷରେ ବନ୍ୟା ଅଞ୍ଚଳର ନଗଡ ଓ ଓସ୍ତିଆ ନିକଟରେ ଲୋକେ କୁମ୍ଭୀର ଭାସୁଥିବା ଦେଖିଛନ୍ତି। ଏନେଇ ଲୋକଙ୍କ ମଧ୍ୟରେ ଆତଙ୍କ ଖେଳି ଯାଇଛି।

■ ବନ୍ୟାଜଳରେ ଫୁଲୁଛି ବିରୂପା ନଦୀ

## ୩ ପଞ୍ଚାୟତର ନଦୀକୂଳିଆ ଲୋକେ ଆତଙ୍କିତ



ପଞ୍ଚୁପାଣ୍ଡବ,୨୭।୮ (ସମିସ): ରେଙ୍ଗାଲି ଡ୍ୟାମରୁ ୩ଟି ଗେଟ ଖୋଲା ଯାଇଥିବାରୁ ବିରୂପା ନଦୀରୁ ବନ୍ୟା ଜଳ ବୃଦ୍ଧି ପାଇବାରେ ଲାଗିଛି। ଏହି ବନ୍ୟାଜଳ ବ୍ରାହ୍ମଣୀର ଉପନଦୀ ବିରୂପା ନଦୀରେ ବଢ଼ି ଚାଲିଥିବାରୁ ଡେରାବିଶ ବ୍ଲକ ଅଧୀନ ବେଣୀପୁର, ମଙ୍ଗଳପୁର ଓ ଛୋଟି ପଞ୍ଚାୟତର ନଦୀ କୂଳିଆ ଅଞ୍ଚଳବାସୀ ଭୟଭୀତ ହୋଇପଡ଼ିଛନ୍ତି। ଦୁଇ ମାସ ମଧ୍ୟରେ ବିରୂପା ନଦୀରେ ପୁନର୍ବାର ବନ୍ୟାଜଳକୁ ନେଇ ନଦୀକୂଳିଆ ଗ୍ରାମବାସୀଙ୍କ ମନରେ ଛନକା ପଡ଼ିଛି। ଗତ ବନ୍ୟା ଜଳରେ କେତେକ ଚାଷୀ ମାନଙ୍କ ପନିପରିବା ଚାଷ ନଷ୍ଟ ହୋଇଥିବା ଦେଖିବାକୁ ମିଳିଥିଲା। ବନ୍ୟା ସମୟ ଆସିଲେ ୨୦୨୦ ମସିହାରେ ଡେରାବିଶ ବ୍ଲକ ଅନ୍ତର୍ଗତ ବେଣୀପୁର ଠାରେ ବିରୂପା ନଦୀ ଘେରି ବନ୍ଧ ଭାଙ୍ଗିଥିବା ବେଣୀପୁରବାସୀ ଏବେ ପୁଣି ଭୟଭୀତ ହୋଇପଡିଛନ୍ତି। ଏହି ପଞ୍ଚାୟତର ୫ଟି ୱାର୍ଡର ପ୍ରାୟ ୨୦୦ ଘର ପରିବାର ଏବଂ ଯାଜପୁର ଜିଲ୍ଲା ଦେଏକୁଡ଼ି ଗ୍ରାମ ୩ଟି ୱାର୍ଡର ପ୍ରାୟ ୫୦ ଘର ପରିବାର ଲୋକେ ବନ୍ୟା ଜଳରେ ଜଳବନ୍ଦୀ ହୋଇଥିଲେ। ଏହି ଜଳ ବନ୍ଦିରେ କେତେକ କୋଠା ଘରର ଛାତ ଉପରକୁ ପାଣି ଚଢ଼ି ଯାଇଥିଲା ବେଳେ ଲକ୍ଷାଧିକ ଟଙ୍କାର ଜିନିଷପତ୍ର ବରବାଦ ହୋଇଥିବା ଦେଖିବାକୁ ମିଳିଥିଲା। ପ୍ରାୟ ମାସାଧିକ କାଳ ଜଳ ବନ୍ଦି ହୋଇ ରହିଥିଲେ ହଜାର ହଜାର ଲୋକ। ଏବେ ବନ୍ୟା ଆଶଙ୍କା ଥିବାରୁ ପ୍ରଶାସନ ଅଧିକାରୀମାନେ ଘଟଣାସ୍ଥଳରେ ତଦାରଖ କରିଥିବା ଦେଖିବାକୁ ମିଳୁଛି।

# ଭିତରକନିକାରେ ୩୦ରୁ ଦେଶୀୟ ପକ୍ଷୀଙ୍କ ଗଣନା



ରାଜନଗର,୨୭।୮ (ସମିସ): ବିଶ୍ୱପ୍ରସିଦ୍ଧ ଭିତରକନିକାରେ ଭିଡ଼ ଜମାଇଥିବା ଦେଶୀୟ ପକ୍ଷୀଙ୍କ ଗଣନା ଚଳିତ ମାସ ୩୦ ତାରିଖ ଠାରୁ ଆରମ୍ଭ ହେବ। ଏହା ଅଗଷ୍ଟ ୧ ତାରିଖ ଯାଏଁ ୩ଦିନ ଧରି ଚାଲିବ। ଭିତରକନିକା ଜାତୀୟ ଉଦ୍ୟାନର ମଠଆଡିଆ, ଲକ୍ଷ୍ମୀପ୍ରସାଦଡିଆ, ଦୁର୍ଗାପ୍ରସାଦଡିଆ ଓ ଭିତରକନିକା ଜାତୀୟ ଉଦ୍ୟାନ ବାହାରେ ଥିବା ରାଜନଗର ରେଞ୍ଜର ବାଲିଡିଆରେ ଦେଶୀୟ ପକ୍ଷୀଙ୍କ ଗଣନା କରାଯିବ ବୋଲି ବନଖଣ୍ଡ ଅଧିକାରୀ ଭରଦରାଜ ଗାଓଁଙ୍କର ସୂଚନା ଦେଇଛନ୍ତି। ଦେଶରେ ମୌସୁମୀ ବାୟୁ ସକ୍ରିୟ ହେବା ପରଠାରୁ ଭିତରକନିକାରେ ଦେଶୀୟ ପକ୍ଷୀଙ୍କ ଭିଡ଼ ଜମିଛି। ଭିତରକନିକାର ମଠଆଡିଆ, ଦୁର୍ଗାପ୍ରସାଦଡିଆ ଓ ଲକ୍ଷ୍ମୀପ୍ରସାଦଡିଆ ସମେତ ବାଲିଡିଆଠାରେ ଦେଶୀୟ ପକ୍ଷୀ ଭିଡ ଜମାଇବା ସହ ବସାକରି ଅଣ୍ଡା ଦେଇଛନ୍ତି। ଗଣନାକାରୀ ଟିମ୍ କେତୋଟି ଗଛରେ, କେତୋଟି ବସାରେ ଏବଂ କେତେ ବଡ଼ପକ୍ଷୀ ଓ କେତେ ପକ୍ଷୀ ଶାବକ ସେନେଇ ଟିକିନିକି ଭାବେ ଗଣନା କରିବେ। ଚଳିତ ବର୍ଷ ସଠିକ ସମୟରେ ମୌସୁମୀ ବାୟୁ ଆସିଥିବାରୁ ଭିତରକନିକରେ ଦେଶୀୟ ପକ୍ଷୀ ଅଧିକ ସଂଖ୍ୟାରେ ଭିଡ ଜମାଇଛନ୍ତି।

# ଅସହାୟ ପରିବାରକୁ ସହାୟତା

ମହାକାଳପଡ଼ା,୨୭।୮ (ସମିସ): ମହାକାଳପଡ଼ା ବ୍ଲକ ବାରଡାଙ୍ଗ ପଞ୍ଚାୟତ ଅଧୀନ ବଡମଠ ଗ୍ରାମର ଅସହାୟ ବିଧବା ମହିଳା ସନ୍ଧ୍ୟାରାଣୀ ସେଠୀଙ୍କର ଚାଳ ଛପର ଘର ଲଗାଣ ବର୍ଷାରେ ସମ୍ପୂର୍ଣ୍ଣ ଭାଙ୍ଗି ଯାଇଥିଲା। ଦୁଇ ନାବାଳିକା ଝିଅଙ୍କ ସହିତ ସେ ସେହି ଘରେ ରହୁଛନ୍ତି। ଘର ଭାଙ୍ଗିଯିବାରୁ ତୁରନ୍ତ ପଲିଥିନ ସହିତ ଆର୍ଥିକ ସହାୟତା ଯୋଗାଇ ଦେବାକୁ ସନ୍ଧ୍ୟାରାଣୀଙ୍କ ପାଇଁ ମହାକାଳପଡ଼ା ବ୍ଲକର ସାମାଜିକ ସ୍ୱେଚ୍ଛାସେବୀ ସଂଗଠନ ମହାକାଳପଡ଼ା ୟୁଥ ଗ୍ରୁପ ସଦସ୍ୟ ବିଭୁତି ରାଉତ ପ୍ରଶାସନକୁ ନିବେଦନ କରିବା ସହିତ ଗ୍ରୁପ୍‌ର କର୍ମକର୍ତ୍ତାଙ୍କ ସହିତ ଆଲୋଚନା କରିଥିଲେ। ବୁଧବାର ପ୍ରଶାସନ ତରଫରୁ ରାଜସ୍ୱ ନିରୀକ୍ଷକ ଦୁଇଟି



ପଲିଥିନ ଯୋଗାଇ ଦେଇଥିବା ବେଳେ ମହାକାଳପଡ଼ା ୟୁଥ୍ ଗ୍ରୁପ୍ ତରଫରୁ ରାସନ ସାମଗ୍ରୀ ସହିତ ଆର୍ଥିକ ସହାୟତା ଯୋଗାଇ ଦିଆଯାଇଛି। ୟୁଥ ଗ୍ରୁପ ସଦସ୍ୟ ସୁନୀଲ ଗନ୍ତାୟତ, ମମତା ପ୍ରତିହାରୀ, ବିକାଶ ସ୍ୱାଇଁ, ବିଭୁତି ରାଉତ, ତନୁଜ ନାୟକ, ଆଦିତ୍ୟ ପ୍ରସାଦ ରାଉତ, ଚିତ୍ତରଞ୍ଜନ ମଲିକ ପ୍ରମୁଖ ସହଯୋଗର ହାତ ବଢ଼ାଇଥିବା ବେଳେ ହରେକୃଷ୍ଣ ପାତ୍ର, ସରୋଜ ଜେନା, ବୁଦ୍ଧିରାମ ସେଠୀ ଓ ସାଲୁଆ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

# ଗ୍ରାମ୍ୟରାସ୍ତା ନିର୍ମାଣ ଦାବିରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣା



ଡେରାବିଶ,୨୭।୮ (ସମିସ): ଡେରାବିଶ ବ୍ଲକ୍ ନହଙ୍ଗ ପଞ୍ଚାୟତର ୧୩ ନଂ ୱାର୍ଡର ଅନୁସୂଚିତ ସାହିବାସିନ୍ଦାଙ୍କ ନିମନ୍ତେ ପକ୍କା ରାସ୍ତାଟିଏ ସ୍ୱପ୍ନ ପାଲଟିଛି। ଏହି ଗାଁରେ ୮୦ରୁ ଊର୍ଦ୍ଧ୍ୱ ପରିବାର ବସବାସ କରିଆସୁଛନ୍ତି। ସେମାନଙ୍କ ୱାର୍ଡକୁ ପଡ଼ିଥିବା ମୁଖ୍ୟ ଗମନାଗମନ ରାସ୍ତାଟିକୁ ପକ୍କା କରିବା ପାଇଁ ଗ୍ରାମବାସୀ ଦୀର୍ଘଦିନ ହେଲା ବ୍ଲକ ପ୍ରଶାସନ ଠାରୁ ଜିଲ୍ଲା ପ୍ରଶାସନ ଯାଏ ଯେତେ ଗୁହାରୀ କଲେ ମଧ୍ୟ ତାହାର କିଛି ଫଳ ମିଳୁନି ବୋଲି ଅଭିଯୋଗ ହେଉଛି। ଶେଷରେ ବାଧ୍ୟହୋଇ ଗ୍ରାମବାସୀ ଗତାକାଲି ଗ୍ରାମ ରାସ୍ତାକୁ ପକ୍କା କରିବା ପାଇଁ ଗୁହାରୀ କରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣାରେ ବସିଥିଲେ। ପରେ ଅଧିକାରୀମାନେ ଧାରଣାକାରୀଙ୍କୁ ବୁଝାଶୁଝା କରି ଜିଲ୍ଲାପାଳଙ୍କ ସହିତ ଆଲୋଚନା କରିଥିଲେ। ଗ୍ରାମବାସୀ ଜିଲ୍ଲାପାଳଙ୍କୁ ସେମାନଙ୍କ ଦାବିପତ୍ର ପ୍ରଦାନ କରିଥିଲେ। ଗ୍ରାମବାସୀ ଜିଲ୍ଲାପାଳଙ୍କ ପ୍ରଦାନ କରିଥିବା ଦାବିପତ୍ରରେ ନହଙ୍ଗ ପଞ୍ଚାୟତର ୧୩ନଂ ୱାଡର୍‌ଟିକୁ ରାସ୍ତା ପାଇଁ ୨୦୨୪-୨୫ ଆର୍ଥିକ ବର୍ଷରେ ପକ୍କାରାସ୍ତା ନିର୍ମାଣ ନିମନ୍ତେ ଗ୍ରାମସଭାରେ ଅନୁମୋଦନ କ୍ରମେ ଆମ ଗ୍ରାମ ଆମ ବିକାଶ ଯୋଜନାରେ ୩ଲକ୍ଷ ୫୦ ହାଜର ଟଙ୍କ ମଞ୍ଜୁରୀ ହୋଇଛି ବୋଲି ଉଲ୍ଲେଖ କରିଛନ୍ତି। ହେଲେ ବ୍ଲକ୍ ପ୍ରଶାସନ ପକ୍ଷରୁ ଏହି ରାସ୍ତା ନିର୍ମାଣରେ ଟାଳଟୁଳ ନୀତି ଅବଲମ୍ବନ କରାଯାଉଥିବାରୁ ରାସ୍ତା ନିର୍ମାଣରେ ବିଳମ୍ବ ଘଟୁଛି। ଏହି ରାସ୍ତାଟି ଗ୍ରାମର ମୁଖ୍ୟ ରାସ୍ତା ହୋଇଥିବା ବେଳେ ଏହା ସର୍ବଦା କର୍ଦ୍ଦମାକ୍ତ ହୋଇ ପଡୁଥିବାରୁ ଗ୍ରାମ ମଧ୍ୟରୁ ଆମ୍ବୁଲାନ୍ସ ଓ ଫାୟାରବିଗ୍ରେଡ୍ ଭଳି ଜରୁରୀକାଳୀନ ଗାଡ଼ି ପଶିବାକୁ ସକ୍ଷମ ହେଉନାହିଁ। ଏପରିକି ଅସରାଏ ବର୍ଷା ହେଲେ ଗ୍ରାମବାସୀ ଏହି ରାସ୍ତାରେ ଯାତାୟାତ କରିବା କଷ୍ଟକର ହୋଇପଡୁଛି। ତୁରନ୍ତ ଗ୍ରାମବାସୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଗ୍ରାମରାସ୍ତାକୁ ପକ୍କା କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ପୋଖରୀରେ ବୁଡ଼ି ବୃଦ୍ଧଙ୍କ ମୃତ୍ୟୁ

ମହାକାଳପଡ଼ା,୨୭।୮ (ସମିସ): ମାର୍ଶାଘାଇ ଥାନା ତଥା ମହାକାଳପଡ଼ା ବ୍ଲକ ଟିକରପଙ୍ଗା ପଞ୍ଚାୟତର ଗତାନଇ ନୂଆସାହି ଗ୍ରାମରେ ଗତକାଲି ସନ୍ଧ୍ୟାରେ ଶୌଚ ହେବାକୁ ଯାଇ ପୋଖରୀରେ ବୁଡି ଜନୈକ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ମୃତକ ସେହି ଗ୍ରାମର କ୍ଷୀର ମଲ୍ଲିକ (୬୩) ବୋଲି ଜଣାପଡ଼ିଛି। ମାର୍ଶାଘାଇ ପୁଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଶୋକାକୂଳ ପରିବେଶ ମଧ୍ୟରେ ଗ୍ରାମ ଶ୍ମଶାନରେ ତାଙ୍କର ଶବଦାହ କାଯର୍ଯ୍ୟ ସମ୍ପନ୍ନ ହୋଇଛି।

■ ଚୋରାମଦ ସହ ଗଞ୍ଜେଇ ଜବତ

# ୪ମହିଳାଙ୍କ ସମେତ ୬ କୋର୍ଟଚାଲାଣ



କେନ୍ଦ୍ରାପଡ଼ା,୨୭।୮ (ସମିସ): ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ କେନ୍ଦ୍ରାପଡ଼ା ଅବକାରୀ ବିଭାଗ ପକ୍ଷରୁ ଆଳି ଓ ଜମ୍ବୁ ମେରାଇନ ଥାନା ଅଧୀନସ୍ଥ ବିଭିନ୍ନ ସ୍ଥାନରେ ଚଢ଼ଉ କରାଯାଇ ଗୋପ ଗ୍ରାମର ଚିତରଞ୍ଜନ ସେନାପତି(୪୮)ଙ୍କ ଠାରୁ ୩.୫ କିଲୋଗ୍ରାମ ଗଞ୍ଜେଇ ସହ ଗୋଟିଏ ମୋଟର ସାଇକଲ, ପ୍ରଭାକରପୁର ଗ୍ରାମର ମୁଖୀ ରାଉତ (୫୫)ଙ୍କ ଠାରୁ ୫୪୦ ଲିଟର ଦେଶୀ ରନ୍ଧା ମଦ, ପୁନି ରାଉତ (୪୫)ଙ୍କ ଠାରୁ ୬୭୧ ଲିଟର ଦେଶୀ ରନ୍ଧାମଦ, ଆଶା ରାଉତ(୪୯)ଙ୍କ ଠାରୁ ୭୨୧ ଲିଟର ଦେଶୀ ରନ୍ଧାମଦ, ରାଇବାରୀ ରାଉତ(୫୧)ଙ୍କ ଠାରୁ ୪୨୧ ଲିଟର ଦେଶୀ ରନ୍ଧାମଦ ଓ ଆସ୍ତିକ ମଣ୍ଡଳ(୩୧)ଙ୍କ ଠାରୁ ୩୦୭ ଲିଟର ଦେଶୀ ରନ୍ଧାମଦ ଜବତ କରାଯାଇ ସେମାନଙ୍କୁ ଗିରଫ କରାଯାଇଛି। ସେମାନଙ୍କ ପାଖରୁ ସମୁଦାୟ ୨୦୪୬ ଲିଟର ଦେଶୀ ଦେଶୀ ରନ୍ଧା ମଦ, ୩.୫ କିଲୋ ଗ୍ରାମ ଗଞ୍ଜେଇ ଓ ଏକ ଗୋଟି ମୋଟର ସାଇକଲ ଜବତ କରାଯାଇ ୪ ମହିଳା ସମେତ ୬ ଜଣଙ୍କୁ କୋର୍ଟଚାଲାଣ କରାଯାଇଛି। ଆଗାମୀ ଦିନରେ ଏହି ଚଢ଼ଉ ବ୍ୟାପକ ଭାବରେ ଜାରି ରହିବ ବୋଲି ଅବକାରୀ ଅଧୀକ୍ଷକ ବିପ୍ରଚରଣ ମଣ୍ଡଳ କହିଛନ୍ତି। ଚଢ଼ଉରେ ଅବକାରୀ ନିରୀକ୍ଷକ ହିତାଂଶୁ ଶେଖର ମଳିକ ଏବଂ ପଦ୍ମଲୋଚନ ନାୟକ, ଅବକାରୀ ଉପ ନିରୀକ୍ଷକ କଳ୍ପନା ରାଉତ ଏବଂ ଅନ୍ୟ କର୍ମଚାରୀମାନେ ସାମିଲ ଥିଲେ।

# ଲକ୍ଷ୍ମୀବରାହଜୀଉଙ୍କ ପ୍ରାଙ୍ଗଣରେ ୭ଟି ପୁସ୍ତକ ଉନ୍ମୋଚିତ



ଆଳି,୨୭।୮ (ସମିସ): ଭଗବାନଙ୍କ ପ୍ରତି ଭକ୍ତିର ବିକଳ୍ପ ନାହିଁ। ଭକ୍ତି ଓ ସାହିତ୍ୟରେ ନିମଜ୍ଜିତ ରହୁଥିବା ବ୍ୟକ୍ତି ଦିବ୍ୟ ଆନନ୍ଦ ପାଇଥାଏ ବୋଲି ଆଜି ସଭାର ମୁଖ୍ୟ ଆଲୋଚ୍ୟ ପ୍ରସଙ୍ଗ ଥିଲା। କେନ୍ଦ୍ରାପଡ଼ା ଜିଲ୍ଲା ଆଳିର ଆରାଧ୍ୟ ଶ୍ରୀ ଲକ୍ଷ୍ମୀବରାହଜୀଉ ଙ୍କ ଆଳି ସ୍ଥିତ ମନ୍ଦିର ପ୍ରାଙ୍ଗଣରେ ଆଜି ଏକ ପୁସ୍ତକ ଉନ୍ମୋଚନ ସଭା ଅନୁଷ୍ଠିତ ହୋଇଥିଲା କ୍ଷ ଆଧ୍ୟାତ୍ମିକବାଦୀ ତଥା ସାହିତ୍ୟିକ ବାଇଧର ନାଥ ଦୀର୍ଘ ୧୨ ବର୍ଷର ସଂଘର୍ଷ ପରେ ତାଙ୍କ ଲିଖିତ ପୁସ୍ତକ ମଧ୍ୟରୁ ୭ଟି ଓଡିଶାର ଜଗନ୍ନାଥ ସଂସ୍କୃତି ଓ ଶ୍ରୀ ଲକ୍ଷ୍ମୀବରାହଙ୍କ ବନ୍ଦନା ଉପରେ ଆଧାରିତ ପୁସ୍ତକ ଜ୍ଞାନଦର୍ପଣ, ଜ୍ଞାନ ରସାମୃତ, ବ୍ରହ୍ମ ଚେତାବନୀ, ଜ୍ଞାନ ଆଲୋକ, ଶ୍ରୀ ଶ୍ରୀ ଲକ୍ଷ୍ମୀବରାହ ବନ୍ଦନା, ଶ୍ରୀ ଜଗନ୍ନାଥ ଲୀଳାମୃତ ବ୍ରହ୍ମ ତତ୍ତ୍ୱ ଭାଗ -୧୭ ଓ ୧୮ ଆଦି ଉନ୍ମୋଚିତ ହୋଇଛି। ମୁଖ୍ୟ ଅତିଥି ଭାବେ ଲକ୍ଷ୍ମୀବରାହଜୀଉ ଟ୍ରଷ୍ଟର ସଭାପତି ତଥା ଆଳି ରାଜା ବ୍ରଜକେଶରୀ ଦେବ ଯୋଗଦେଇଥିବା ବେଳେ ଅବସରପ୍ରାପ୍ତ ଅଧ୍ୟାପକ ରମେଶ ପଣ୍ଡା, ବରିଷ୍ଠ ଶିକ୍ଷକ ତଥା ସାହିତ୍ୟିକ ପଦ୍ମଚରଣ ରାଉତ, ମହୁ ପଞ୍ଚାୟତ ସରପଞ୍ଚ ମହେଶ୍ୱର ତ୍ରିପାଠୀ, ରାଜେନ୍ଦ୍ର ପ୍ରସାଦ ବେହେରା, ସନାତନ ମଲିକ, ବିରେନ ପ୍ରଧାନ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ତାଙ୍କ ସହିତ ଆଜିର ସଭାକୁ ଗୋବିନ୍ଦ ଗୋପାଳ ନାଥ, ବଂଶୀଧର ନାଥ, ଶଶୀକଳା ନାଥ ଓ ବିଜିତ ପଲେଇ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

# କରଞ୍ଜରେ ଶ୍ରୀମା ଅରବିନ୍ଦ ପାଠଚକ୍ର



ମହାକାଳପଡ଼ା,୨୭।୮ (ସମିସ): ମହାକାଳପଡ଼ା ବ୍ଲକ କରଞ୍ଜ ଗ୍ରାମର ଆଦର୍ଶଶିକ୍ଷକ ସ୍ୱର୍ଗତ ନିତ୍ୟାନନ୍ଦ ଦାସଙ୍କ ସହଧର୍ମିଣୀ ସାବିତ୍ରୀ ଦାସଙ୍କ ଦ୍ୱାଦଶାହ ଦିବସ ଅବସରରେ ଏକ ବିଶେଷ ପାଠଚକ୍ର ବୁଧବାର ଅନୁଷ୍ଠିତ ହୋଇଯାଇଛି। ଶ୍ରୀମା ଶ୍ରୀ ଅରବିନ୍ଦଙ୍କ ଆଦର୍ଶରେ ଅନୁପ୍ରାଣିତ ସାବିତ୍ରୀ ଅପାଙ୍କ ସ୍ମୃତି ଦିବସ ଅବସରରେ ମୃତ୍ୟୁ ଓ ପୁନର୍ଜନ୍ମ ବିଷୟରେ ପାଠଚକ୍ରରେ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା କରାଯାଇଥିଲା। ଜଗନ ମୋହନ ସ୍ୱାଇଁ ପାଠଚକ୍ର ପରିଚାଳନା କରିଥିବା ବେଳେ ଝିଅ ଜ୍ୟୋସ୍ନାମୟୀ ଦାସ ଦୂର୍ଗାସ୍ତୋତ୍ର ପାଠ କରିଥିଲେ। ନଳିନୀକାନ୍ତ ନାୟକ, ମମତାମୟୀ ମହାନ୍ତି ମାତୃ ସଂଗୀତ ଗାନ କରିଥିଲେ ଏବଂ ପ୍ରହ୍ଲାଦ ଚନ୍ଦ୍ର ସ୍ୱାଇଁ ସାବିତ୍ରୀ ପୁସ୍ତକ ପାଠ କରିଥିଲେ। ନରୋତ୍ତମ ନାୟକ, ନଳିନୀକାନ୍ତ ନାୟକ, ଜନ୍ମେଜୟ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ପୁତ୍ର ସୌମେନ୍ଦ୍ର ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ମହାକାଳପଡ଼ା ବ୍ଲକ୍‌ର ବିଭିନ୍ନ ଅଞ୍ଚଳରୁ ଆସିଥିବା ଶତାଧିକ ମାତୃପ୍ରେମୀ ଭାଇଭଉଣୀ ପାଠଚକ୍ରରେ ସାମିଲ ହୋଇଥିଲେ।

# ଖାଲଖମାରେ ଭର୍ତ୍ତି ବରାଡ଼ିଆ-ମଧୁବନ ରାସ୍ତା

## ମରାମତି ନହେଲେ ଆନ୍ଦୋଳନ ଚେତାବନୀ

ରାଜକନିକା,୨୭।୮ (ସମିସ):



ରାଜକନିକା ବ୍ଲକ୍‌ର ଗ୍ରାମ୍ୟ ନିର୍ମାଣ ଉପଖଣ୍ଡ ଅଧୀନ ତରାସ ଠାରୁ ଉପୁଳାଇ ଯାଏଥିବା ରାସ୍ତାର ମଧୁବନରୁ ବରାଡିଆ ବଜାର ଯାଏ ରାସ୍ତା ଅବସ୍ଥା ବେହାଲ। ବାରମ୍ବାର ଏନେଇ ବିଭାଗୀୟ ଯନ୍ତ୍ରୀ ଓ ପ୍ରଶାସନ ନିକଟରେ ଅଭିଯୋଗ ପରେ ବି ଫଳ ଶୂନ। ଗତ ମାସରେ ଏହି ରାସ୍ତାର କଲଭର୍ଟରେ ବିରାଟ ଗାଡ଼ ହେବାରୁ ଯାତାୟାତ ଠପ୍ ହୋଇପଡ଼ିଥିଲା। ବନ୍ୟା ନିୟନ୍ତ୍ରଣ ବନ୍ଧ ଭାବରେ ଏହି କଲଭର୍ଟ ତରବରିଆ ଭାବରେ ବାଲି ବସ୍ତାଦେଇ ବନ୍ଦ କରାଯାଇଛି ବୋଲି ଅଭିଯୋଗ ହେଉଛି। ହେଲେ ମଧୁବନ ଠାରୁ ବରାଡ଼ିଆ ଯାଏ ପ୍ରାୟ ଦେଢ଼ କିଲୋମିଟର ଏହି ରାସ୍ତାରେ ଏବେ ଆଣ୍ଠୁଏ ଲେଖାଏଁ ଗାଡ଼ ହୋଇରହିଛି। ଏହି ସବୁ ଖାଲରେ ପାଣି ଜମି ରହିବା ଯୋଗୁ ପ୍ରତିଦିନ ବିଭିନ୍ନ କାମରେ ବ୍ଲକ ସଦର ମହାକୁମାକୁ ଯିବାଆସିବା କରୁଥିବା ଶହ ଶହ ପଥଚାରୀ, ସ୍କୁଲ କଲେଜର ଛାତ୍ରଛାତ୍ରୀ ହଇରାଣ ହେଉଛନ୍ତି। ଏହି ସବୁ ଖାଲରେ ପଡି ଦୈନିକ ବହୁ ଛୋଟ ବଡ଼ ଦୁର୍ଘଟଣା ଘଟୁଥିବା ବେଳେ ସମାଜସେବୀ ମଙ୍ଗୁଳି ଚରଣ ବେହେରା ତୁରନ୍ତ ଏହାର ମରାମତି କରା ନ ଗଲେ ଆନ୍ଦୋଳନ କରିବାକୁ ଚେତାବନୀ ଦେଇଛନ୍ତି।

■ ୧୧ କେଭି ବିଦ୍ୟୁତ୍ କେବୁଲ ଛିଡ଼ାଇଦେଲେ ବେସରକାରୀ ସଂସ୍ଥା

# ଦୁଇଦିନ ଧରି ଅନ୍ଧାରରେ ଦୁଇ ପଞ୍ଚାୟତର ଜନସାଧାରଣ

ଡେରାବିଶ,୨୭।୮ (ସମିସ): ଡେରାବିଶ ବ୍ଲକ୍ ଛତା ଟିପିସିଓଡିଏଲ୍ ସେକ୍ସନ ଅଧୀନରେ ରହିଥିବା କୁରୁଜଙ୍ଗା ଓ ଚାଟରାଚକଡ଼ା ପଞ୍ଚାୟତର ବହୁ ଗାଁର ଲୋକମାନେ ମଙ୍ଗଳବାର ଅପରାହ୍ଣ ୪ଟାଠାରୁ ଅଦ୍ୟାବଧି ଦୁଇଦିନ ଧରି ଅନ୍ଧାରରେ ରହିଛନ୍ତି। ଫଳରେ ଏହି ଦୁଇ ପଞ୍ଚାୟତର ହଜାର ହଜାର ବିଦ୍ୟୁତ୍ ଉପଭୋକ୍ତା ଏବେ ନାହିଁ ନଥିବା ହିନସ୍ତା ହେଉଛନ୍ତି। ଏହାର ପ୍ରତିବାଦରରେ ଆଜି ଅପରାହ୍ଣରେ ଏହି ଦୁଇ ପଞ୍ଚାୟତର ଜନସାଧାରଣ ଚଣ୍ଡିଖୋଲ-ପାରାଦ୍ୱୀପ ଜାତୀୟ ରାଜପଥକୁ ଓଲଢ଼ିଠାରେ ଅବରୋଧ କରିଥିଲେ। ଫଳରେ ଜାତୀୟ ରାଜପଥର ଦୁଇ ପାର୍ଶ୍ୱରେ ହଜାର ହଜାର ମାଲବାହୀ ଓ ଯାତ୍ରୀବାହୀ ଯାନବାହାନ ଅଟକି ରହି ଉଭୟ ପଟରେ ଲମ୍ବା ଲାଇନ୍ ଲାଗିଯାଇଥିଲା। ଖବର ପାଇ ଡେରାବିଶ ଥାନା ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ରାସ୍ତା ଅବରୋଧ କରିଥିବା ଜନସାଧାରଣଙ୍କୁ ବୁଝାଶୁଝା କରିଥିଲେ। ଏଥିସହିତ ବିଦ୍ୟୁତ୍ ବିଭାଗ ଉଚ୍ଚ କର୍ତ୍ତୃପକ୍ଷ ଘଟଣାସ୍ଥଳରେ ପହଞ୍ଚିବାରୁ ଉତ୍ୟକ୍ତ ଲୋକମାନେ ତାଙ୍କୁ ମଧ୍ୟ ଅବରୋଧ କରି ତୁରନ୍ତ ବିଦ୍ୟୁତ୍ ସଂଯୋଗ ଯୋଗାଇଦେବାକୁ ଜିଦ୍ ଧରି ବସିଥିଲେ। ଆଜି ରାତି ୧୧ ସୁଦ୍ଧା ମରାମତି କରି ପୁନଃ ବିଦ୍ୟୁତ୍ ଯୋଗାଇ ଦେବା ପାଇଁ ବିଦ୍ୟୁତ୍ ବିଭାଗ କର୍ତ୍ତୃପକ୍ଷ ପ୍ରତିଶ୍ରୁତି ଦେବାରୁ ଲୋକମାନେ ଆନ୍ଦୋଳନରୁ ଓହରିଥିଲେ। ସୂଚନାନୁଯାୟୀ, ମଙ୍ଗଳବାର ଅପରାହ୍ଣରେ ଏକ ବେସରକାରୀ ମୋବାଇଲ୍ ସଂସ୍ଥାର କର୍ମଚାରୀମାନେ ଜାତୀୟ ରାଜପଥର ଓଲଢ଼ି ଛକ ନିକଟରେ ସେମାନଙ୍କର କେବୁଲ୍ ବିଛାଉଥିଲେ। ଏହି ସ୍ଥାନରେ ମାଟିତଳେ ଯାଇଥିବା ୧୧ କେଭି ବିଦ୍ୟୁତ୍ କେବୁଲ୍ ମାଟି ତାଡୁଥିବା ମେସିନ୍‌ରେ ବାଜି କ୍ଷତିଗ୍ରସ୍ତ ହୋଇଥିଲା। ଫଳରେ ଗତକାଲି ଠାରୁ ଉପରୋକ୍ତ ଦୁଇଟି ପଞ୍ଚାୟତର ଗ୍ରାମଗୁଡ଼ିକୁ ବିଦ୍ୟୁତ୍ ସଂଯୋଗ କଟିଯାଇଥିଲା।

**ପ୍ରତିବାଦରେ ଜାତୀୟ ରାଜପଥ ଅବରୋଧ କଲେ ଅଞ୍ଚଳବାସୀ**

# ବିଭିନ୍ନ ସ୍ଥାନରେ ବିଘ୍ନବିନାଶକଙ୍କ ପୂଜା







ତିର୍ତ୍ତୋଲ



ବାଲିକୁଦା

ଜଗତସିଂହପୁର,୨୭।୮ (ସମିସ)

ଜଗତସିଂହପୁର ସହରର ବଡବଜାରଠାରେ ଥିବା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ବିଘ୍ନ ବିନାଶକ ପ୍ରଭୁ ଶ୍ରୀଗଣେଶଙ୍କ ପୂଜା ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଆଚାର୍ଯ୍ୟ ପ୍ରସନ୍ନ କୁମାର ଝୁଟିଆ କର୍ତ୍ତା ଭାବେ ଦାୟିତ୍ୱ ତୁଲାଇଥିଲେ। ସକାଳ ୮ଟାରେ ପୂଜା ଆରମ୍ଭ, ୯ଟାରେ ପୁଷ୍ପାଞ୍ଜଳି ଏବଂ ୧୦ରେ ପ୍ରସାଦ ବଣ୍ଟନ କରାଯାଇଥିଲା। ଏଥିରେ ଜଗତସିଂହପୁର ଜିଲ୍ଲାର ବିଭାଗ ପ୍ରମୁଖ ପ୍ରଶାନ୍ତ ପ୍ରଧାନ, ଛାତ୍ରଛାତ୍ରୀ, ପୁରାତନ ଛାତ୍ରଛାତ୍ରୀ, କାର୍ଯ୍ୟକର୍ତ୍ତା ଏବଂ ଅଭିଭାବକ ମାନେ ଯୋଗଦେଇଥିଲେ। ବିଦ୍ୟାଳୟର ସମସ୍ତ ଗୁରୁଜୀ,ଗୁରୁମା ଏବଂ ସେବକ/ସେବିକା ମାନେ ପୂଜା ଉତ୍ସବ ପାଳନରେ ସହଯୋଗ କରିଥିଲେ। ସେହିପରି ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ଜଗତସିଂହପୁର ଜିଲ୍ଲା ତିର୍ତ୍ତୋଲ ନଗର ତରଫରୁ ପବିତ୍ର ଗଣେଶ ଚତୁର୍ଥୀ ସର୍ବସିଦ୍ଧି ଦାତା, ଅଗ୍ରପୂଜ୍ୟ, ବିଘ୍ନ ବିନାଶକ ଶ୍ରୀ ଗଣେଶଙ୍କ ପୂଜା କରାଯାଇଛି।

**ତିର୍ତ୍ତୋଲ:** ତିର୍ତ୍ତୋଲ ଅଞ୍ଚଳର ବିଭିନ୍ନ ଶିକ୍ଷାନୁଷ୍ଠାନ ସମେତ କ୍ଲବ, ପ୍ରତିଷ୍ଠାନରେ ଅଗ୍ରପୂଜ୍ୟ ବିଘ୍ନବିନାଶକଙ୍କ ପୂଜା ମହାସମାରୋହରେ ଅନୁଷ୍ଠିତ ହୋଇଛି। ଖୋସଲପୁର-ସାମପୁରରେ ବ୍ରଜମହାକାଳୀ ପୂଜା କମିଟି ଆନୁକୁଲ୍ୟରେ ଗଣେଷ ପୂଜା ଉତ୍ସବ ମହାଆଡମ୍ବର ସହକାରେ ଅନୁଷ୍ଠିତ ହେଉଛି। ଏଥିରେ ଖୋସଲପୁର ଓ ସାମପୁର ଗ୍ରାମର ଜନସାଧାରଣ ସହଯୋଗ କରୁଛନ୍ତି। ତିର୍ତ୍ତୋଲ କଲେଜ, ମଣିଚରଣ ସାରଦା କୋଡେମୀ, ତିର୍ତ୍ତୋଲ ବାଳିକା ବିଦ୍ୟାଳୟ, ତେନ୍ତୁଳିପଦା ପ୍ରାଥମିକ ବିଦ୍ୟାଳୟ, ରଘୁପତି ଆଇଡିଆଲ ସ୍କୁଲ, ତିର୍ତ୍ତୋଲ, ଛତ୍ରମଠ, ସିରସ୍ତା ସରସ୍ୱତୀ ଶିଶୁମନ୍ଦିର, କନକପୁର ସାରଦା ଏକାଡେମୀ ପ୍ରମୁଖ ଶିକ୍ଷାନୁଷ୍ଠାନରେ ମହାଆଡମ୍ବରେ ପୂଜା କରାଯାଉଛି। ସରଣୀ ଛକ ଗଣେଷ ମନ୍ଦିର, ତିର୍ତ୍ତୋଲ ବ୍ଲକ ଛକରେ ଗଜାନନଙ୍କ ପୂଜା ଅନୁଷ୍ଠିତ ହୋଇଛି।



ପାରାଦୀପ



କୁଜଙ୍ଗ

**ବାଲିକୁଦା:** ବାଲିକୁଦା ବ୍ଲକର ବିଭିନ୍ନ ଶିକ୍ଷା ଅନୁଷ୍ଠାନ, କ୍ଲବ୍ ବ୍ୟବସାୟ ପ୍ରତିଷ୍ଠାନରେ ବିଘ୍ନ ବିନାଶକ ଶ୍ରୀ ଗଜାନନ ଗଣେଶଙ୍କ ପୂଜା ଧୁମଧାମରେ ଅନୁଷ୍ଠିତ ହୋଇଯାଇଛି। ଲଘୁଚାପ ବର୍ଷା କାରଣରୁ ଏହା ସାମନ୍ୟ ଫିକା ପଡ଼ିଥିଲେ ସୁଧା ବିଭିନ୍ନ କ୍ଲବର ପିଲାଙ୍କ ମନରେ ନାହିଁ ନଥିବା ଉତ୍ସାହ ଦେଖିବାକୁ ମିଳିଛି। ବାଲିକୁଦା ହାଟଗଡା ଛକସ୍ଥିତ ବିନଦାସ କ୍ଲବ୍‌ର ସଭାପତି ନିମାକାନ୍ତ ମନ୍ତ୍ରୀଙ୍କ ତତ୍ତ୍ୱାବଧାନରେ ପୂଜା ଅନୁଷ୍ଠିତ ହୋଇଥିବା ବେଳେ ସମ୍ପାଦକ ସୂର୍ଯ୍ୟକାନ୍ତ ଦାସ, ଉପ ସଭାପତି ଦିଲୀପ କୁମାର ଦାସ, ଶିଶିର ମହାନ୍ତି, ଲିଟୁ ନାୟକ, ଆଦିତ୍ୟ ନାରାୟଣ ଦାସ, ସୁଦର୍ଶନ କାଣ୍ଡି, ଏସବି ସାଗର, ରାଜେନ୍ଦ୍ର ମହାନ୍ତି, ଶୁଭକାନ୍ତ ବେହେରା, ସୌମ୍ୟରଞ୍ଜନ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ବାଲିକୁଦା ବସଷ୍ଟାଣ୍ଡରେ ଫ୍ରେଣ୍ଡେସ କ୍ଲବର ସଭାପତି ଲଗ୍ନଜିତ୍ ମହାପାତ୍ରଙ୍କ ନେତୃତ୍ୱରେ ପୂଜା ଅନୁଷ୍ଠିତ ହୋଇଥିଲା। ସେହିପରି କଣିଆ, ବୋରିକିନା, ନାଗପୁର ୟୁଥକ୍ଲବ୍, ଇଚ୍ଛାପୁର କ୍ଲବ୍, ମାଛଗାଁ, ଆମ୍ବଶାଳ, ଦଶବାଟିଆ ପୂଜା କମିଟି, ଉତ୍ତରେଶ୍ୱର ୟୁଥ କ୍ଲବ୍ ପୋଦରୁଆଁ, ଲୋଟସ କ୍ଲବ୍ ଓଳାଂଶ, ମା' ବଟମଙ୍ଗଳା ୟୁଥ୍ କ୍ଲବ ନୂଆଗାଁ, ବାବା ସିଦ୍ଧେଶ୍ୱର କ୍ଲବ୍ ତାଳଗାଁ, ବାଲିପାଟଣା ହାଟ, ଜନସେବା କ୍ଲବ ଓଷକଣା କ୍ଲବ୍ ସହ ବ୍ଲକର ସମସ୍ତ ପଞ୍ଚାୟତରେ ପୂଜା ଅନୁଷ୍ଠିତ ହୋଇଛି।

**ପାରାଦୀପ:** ପାରାଦୀପର ବିଭିନ୍ନ ସ୍ଥାନରେ ଆଜି ଗଣେଶ ପୂଜା ପାଇଛନ୍ତି। ସ୍କୁଲ କଲେଜ ଠାରୁ ଆରମ୍ଭ କରି ଅଫିସ, କ୍ଲବ, ଶିକ୍ଷାନୁଷ୍ଠାନ ଓ ବିଭିନ୍ନ ସଙ୍ଗଠନମାନଙ୍କରେ ଶ୍ରୀ ଗଣେଶଙ୍କ ପୂଜାର୍ଚ୍ଚନା ଧୁମଧାମରେ କରାଯାଇଛି। ପାରମ୍ପରିକ ଭାବେ ପାର୍ବଣ ଋତୁର ପ୍ରଥମ ପୂଜାରେ ବିଘ୍ନରାଜ ଶ୍ରୀ ଗଣେଶ ଧରାପୃଷ୍ଠକୁ ଅବତରଣ କରିଛନ୍ତି। ବନ୍ଦର ସହର ସମେତ ଆଖପାଖ ବସ୍ତି ଓ କଲୋନୀ ମାନଙ୍କରେ ପ୍ରାୟ ୧୦୦ରୁ ଅଧିକ ସ୍ଥାନରେ ଗଣେଶ ପୂଜା ଅନୁଷ୍ଠିତ ହୋଇଛି। ପାରାଦୀପ ମଧୁବନ ଅଞ୍ଚଳ, ହାଉସିଂ ବୋର୍ଡ କଲୋନୀ, ନୂଆବଜାର ମାର୍କେଟ, ଭି ପଏଣ୍ଟ କଲୋନୀ, ଷଣ୍ଢକୂଦ ଅଞ୍ଚଳରେ, ନେହୁରୁବଙ୍ଗଳା, ଲକପଡା, ଶୁଖୁଆ ଖଳା, ତାରିଣୀ ଗଡା, ବିଜୟଚାନ୍ଦ ପୁର, ବାଲିଝରୀ, ବାଉରିଆ ପାଳନ୍ଦା, ରାଇସ ମିଲ, ଉଦୟ ବିହାର ଓ ଉଦୟବଟ ଅଞ୍ଚଳରେ ନୀଳଚକ୍ର ୟୁଥ କ୍ଲବ, ସମ୍ରାଟ କ୍ଲବ ସମେତ ବିଭିନ୍ନ କ୍ଲବ ପକ୍ଷରୁ ସୁନ୍ଦର ଭାବେ ଏକ ପରିକଳ୍ପନାକୁ ମେଢ ମାନ ତିଆରି କରାଯାଇଛି। ମଧୁବନ ଅଞ୍ଚଳରେ 'ଅପରେସନ ସିନ୍ଦୁର' ପାରାଦୀପ ୟୁଥ କ୍ଲବ ପକ୍ଷରୁ ନିର୍ମିତ ଏହି ମେଢ ଏବେ ପାରାଦୀପ ସହରରର ଚର୍ଚ୍ଚାରେ ରହିଛି। ପୂଜା ମଣ୍ଡପରେ ଆଲୋକ ସଜ୍ଜା ସାଙ୍ଗକୁ ପୂଜା ମଣ୍ଡପର ସାଜସଜ୍ଜାଗୁଡିକ ବେଶ ମନମୁଗ୍ଧକର ରହିଛି। ତେବେ ଦିନରେ ପୂଜା ପରେ ସନ୍ଧ୍ୟାରେ ଖ୍ୟାତନାମା କଣ୍ଠଶିଳ୍ପୀଙ୍କ ଦ୍ୱାରା ସଙ୍ଗୀତ ପରିବେଷଣ କାର୍ଯ୍ୟକ୍ରମ ଚାଲୁ ରହିଥିଲା। ବନ୍ଦର ଅନ୍ତେବାସୀ ବେଶ ଆନନ୍ଦ ଉଲ୍ଲାସର ସହିତ ଚଳିତ ବର୍ଷ ପୂଜାକୁ ଉପଭୋଗ କରିଛନ୍ତି।

**କୁଜଙ୍ଗ:** କୁଜଙ୍ଗ ବ୍ଲକ ପଙ୍କପାଳ ପଞ୍ଚାୟତ ଜନାପାଳ ଛକ ପୂଜାମଣ୍ଡପରେ ଶ୍ରଦ୍ଧା ଓ ଭକ୍ତିର ସହ୨୫ତମ ଶ୍ରୀ ଗଣେଶ ପୂଜା ଆୟୋଜିତ ହୋଇଛି। ବୁଧବାର ସନ୍ଧ୍ୟାରେ ଗ୍ରାମ ତଥାପୂଜା କମିଟିର ଯୁବକମାନେ କଳସ ଶୋଭାଯାତ୍ରାରେ ଯାଇଥିଲେ। ସନ୍ଧ୍ୟାରେ ପୂଜାମଣ୍ଡପରେ ଭିଡ ଜମିବା ସହିତ ଘଣ୍ଟ, ଘଣ୍ଟା, ହରିବୋଲ ହୁଳହୁଳିରେ ଏକ ଆଧ୍ୟାତ୍ମିକ ପରିବେଶରେ ପୂଜା ଓ ହୋମ କରାଯାଇଥିଲା। ପୂଜାରେ କର୍ତ୍ତା ରୂପେ କମିଟିର ସଭାପତି ମହେନ୍ଦ୍ର ଦାସ କାର୍ଯ୍ୟ ସମ୍ପାଦନ କରିଥିବା ବେଳେ କୋଷାଧ୍ୟକ୍ଷ ସମ୍ବିତ ସାହୁ, ସମ୍ପାଦକ ସ୍ମୃତିରଞ୍ଜନ ଦାସ, ଶୁଭ୍ରାଂଶୁ ଦାସ, ସମ୍ବିତ୍ ପଟ୍ଟନାୟକ ସହ କମିଟିର ସମସ୍ତ ସଦସ୍ୟ ଓ ଗ୍ରାମର ବହୁ ଯୁବକ ଓ ମୁରବି ସହଯୋଗ କରିଥିଲେ। ଆସନ୍ତା ୯ ତାରିଖ ଦିନ ଉସାଣି କାର୍ଯ୍ୟକ୍ରମ ଓ ପ୍ରତିଦିନ ମନୋରଞ୍ଜନ କାର୍ଯ୍ୟକ୍ରମ ରହିଛି।



ସନ୍ତୋଷ , ଏରସମାରେ ଶ୍ରୀ ବିନାୟକଙ୍କ ପୂଜା ଉତ୍ସବ

## ଜିଲ୍ଲାସ୍ତରୀୟ ସିଏମ୍ କିଷାନ ସହାୟତା ରାଶି ପ୍ରଦାନ

● ଜିଲ୍ଲାର ୧୬୪୦୪୮ ହିତାଧିକାରୀ ସାମିଲ



ଜଗତସିଂହପୁର,୨୭।୮ (ସମିସ): ପବିତ୍ର ନୂଆଁଖାଇ ଅବସରରେ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଦ୍ୱାରା ରବି ୨୦୨୫-୨୬ ପାଇଁ ସିଏମ୍ କିଷାନ ସହାୟତା ରାଶି ପ୍ରଦାନର ରାଜ୍ୟସ୍ତରୀୟ ଉତ୍ସବ ଓୟୁଏଟି ଭୁବନେଶ୍ୱରସ୍ଥିତ କୃଷି ଶିକ୍ଷା ସଦନଠାରେ ଆୟୋଜିତ ହୋଇଯାଇଛି। ଏହିପରିପ୍ରେକ୍ଷୀରେ ସ୍ଥାନୀୟ ଆଦିକବି ସାରଳା ଦାସ ସଂସ୍କୃତି ଭବନରେ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଏବଂ ସମ୍ମାନିତ ଅତିଥିଭାବେ ସାଂସଦ ଜଗତସିଂହପୁର ବିଭୁପ୍ରସାଦ ତରାଇ, ବିଧାୟକ ଜଗତସିଂହପୁର ଅମରେନ୍ଦ୍ର ଦାସ, ଜିଲ୍ଲା ପରିଷଦ ସଭାପତି ମନୋଜ କୁମାର ଭୋଇ, ଉପ ଜିଲ୍ଲାପାଳ ପ୍ରଶାନ୍ତ କୁମାର ତରାଇ, ଜଗତସିଂହପୁର ପୌରପରିଷଦ ଅଧ୍ୟକ୍ଷା ଅର୍ଚ୍ଚନା ସିଂ ପ୍ରମୁଖ ମଞ୍ଚାସୀନ ଥିଲେ। ଜିଲ୍ଲା ମୁଖ୍ୟ କୃଷି ଅଧକାରୀ ବିଶ୍ୱଜିତ ପଣ୍ଡାଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା ମନ୍ତ୍ରୀ ଶ୍ରୀ ସ୍ୱାଇଁ, କହିଥିଲେ ଯେ କୃଷକ ପରିବାର ନିମନ୍ତେ ଏହି ସହାୟତା ରାଶି କୃଷକର ମେରୁଦଣ୍ଡ ଶକ୍ତ କରି ଦେଶ ତଥା ରାଜ୍ୟ ଅର୍ଥନୀତିରେ ଅଗ୍ରଣୀ ଭୂମିକା ଗ୍ରହଣ କରିବାରେ ସହାୟକ ହେବ। ସମ୍ମାନିତ ଅତିଥି ଭାବେ ସାଂସଦ ଶ୍ରୀ ତରାଇ କହିଲେ ଯେ, କୃଷି ଓ କୃଷକ ସଶକ୍ତ ହେଲେ ଦେଶ ତଥା ରାଜ୍ୟ ସଶକ୍ତ ହେବାସହ ବିକଶିତ ରାଜ୍ୟ ଓ ଜିଲ୍ଲା ଗଠନ ସମ୍ଭବ ହୋଇପାରିବ। ବିଧାୟକ ଅମରେନ୍ଦ୍ର ଦାସ ନିଜ ବକ୍ତବ୍ୟ ରଖିଥିଲେ ଯେ, ଚାଷ କାର୍ଯ୍ୟ ଆରମ୍ଭରୁ ଫସଲ ବିକ୍ରୀ ପର୍ଯ୍ୟନ୍ତ ପ୍ରତ୍ୟେକ ସମୟରେ ଆମେ ଚାଷୀଙ୍କ ସହିତ ଅଛୁ। ସୁବିଧା ଅସୁବିଧା ସମୟରେ ଆମେ ଚାଷୀଙ୍କ ପାଖରେ ପହଞ୍ଚିବୁ ବୋଲି ସେ କହିଥିଲେ। ଜିଲ୍ଲା ପରିଷଦ ସଭାପତି ମନୋଜ କୁମାର ଭୋଇ, ଉପ ଜିଲ୍ଲାପାଳ ପ୍ରଶାନ୍ତ କୁମାର ତରାଇ ଏବଂ ପୌରପରିଷଦ ଅଧ୍ୟକ୍ଷା ଅର୍ଚ୍ଚନା ସିଂ ଚାଷୀର ଉନ୍ନତି ହେଲେ ରାଜ୍ୟର ଉନ୍ନତି ହେବ ଏବଂ ରାଜ୍ୟର ଉନ୍ନତି ହେଲେ ଦେଶର ଉନ୍ନତି ହେବ ବୋଲି କହିଥିଲେ। ଆଜି ଜିଲ୍ଲାର ୧୬୪୦୪୮ ଜଣ ହିତାଧୀକାରୀଙ୍କୁ ସିଏମ୍ କିଷାନ ସହାୟତା ରାଶି ପ୍ରଦାନ କରାଯାଇଛି। ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ସମସ୍ତ ବ୍ଲକ କୃଷି ଅଧିକାରୀ ଓ ସମସ୍ତ କ୍ଷେତ୍ର କର୍ମଚାରୀ, ୧୫୦ରୁ ଅଧିକ ଚାଷୀ ଭାଇଭଉଣୀ, କୃଷି ବିଭାଗର କର୍ମକର୍ତ୍ତା ଓ ଗଣମାଧ୍ୟମର ପ୍ରତିନିଧି ପ୍ରମୁଖ ଉପସ୍ଥିତ ଥିଲେ।

## ଅଙ୍ଗଦାନ କରି ଅମର ହେଲେ ଅନ୍ୱେଷ



ରଘୁନାଥପୁର,୨୭।୮ (ସମିସ): ରଘୁନାଥପୁର ବ୍ଲକ ଅଧୀନ ଜୟଶୋଳ ଗ୍ରାମର ଅକ୍ଷୟ ବେହେରାଙ୍କ ପୁଅ ଅନ୍ୱେଷ ଦାସ (୨୦) ନିଜର ଦୁଇ ଆଖିକୁ ଦାନ କରି ସବୁଦିନ ପାଇଁ ଅମର ହୋଇଯାଇଛନ୍ତି। ସୂଚନାଯୋଗ୍ୟ, ଗତ ଅଗଷ୍ଟ ୨୧ ତାରିଖରେ ଅନ୍ୱେଷ ଭୁବନେଶ୍ୱରସ୍ଥିତ ଏକ ହସ୍ପିଟାଲରୁ ଆସୁଥିବା ବେଳେ ସିଆରପି ଛକ ନିକଟରେ ଦୁର୍ଘଟଣାର ଶିକାର ହୋଇଥିଲେ। ଘଟଣାରେ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲେ ମଧ୍ୟ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପରିବାର ଲୋକଙ୍କ ଆବେଦନ ପରେ ମୃତ ଅନ୍ୱେଷଙ୍କର ଦୁଇ ଚକ୍ଷୁକୁ ବାହାର କରାଯାଇ ଅନ୍ୟ ଜଣେ ଚକ୍ଷୁ ରୋଗୀଙ୍କ ଶରୀରରେ ପ୍ରତ୍ୟାରୋପଣ କରାଯିବା କଥା ତାଙ୍କର ପିତା ଅକ୍ଷୟ ଗଣମାଧ୍ୟମ ନିକଟରେ ପ୍ରକାଶ କରିଛନ୍ତି। ଘଟଣାରେ ସମଗ୍ର ଅଞ୍ଚଳରେ ଶୋକ ପ୍ରକାଶ ପାଇଥିବା ବେଳେ ଅଙ୍ଗଦାନ ପାଇଁ ସାଧୁବାଦ ଜଣାଇ ଦିଆଯାଇଛି।

## ସାମ୍ବାଦିକଙ୍କ ମାତୃ ବିୟୋଗ



ରଘୁନାଥପୁର,୨୭।୮ (ସମିସ): ରଘୁନାଥପୁର ବ୍ଲକ ଅଧୀନ ତାରପୁର ପଞ୍ଚାୟତ ଗୋକୁଳପୁର ଗ୍ରାମର ବରିଷ୍ଠ ସାମ୍ବାଦିକ ରାଜେନ୍ଦ୍ର ନାରାୟଣ ସିଂହଙ୍କ ମାତା ପ୍ରମିଳା ସିଂହ (୯୦)ଙ୍କ ବୁଧବାର ସକାଳେ ବାସଭବନରେ ବିୟୋଗ ହୋଇଛି। ସେ କିଛିଦିନ ଧରି ବାର୍ଦ୍ଧକ୍ୟ ଜନିତ ରୋଗରେ ପୀଡ଼ିତ ଥିଲେ। ଜଣେ ପରୋପକାରୀ ମିଷ୍ଟଭାଷୀ ସ୍ୱଭାବର ମହିଳା ଥିଲେ। ତାଙ୍କ ବିୟୋଗରେ ତାରପୁର ପଞ୍ଚାୟତରେ ଶୋକପ୍ରକାଶ ପାଇଛି। ବହୁ ବରିଷ୍ଠ ବ୍ୟକ୍ତି ତାଙ୍କ ଶେଷ ଦର୍ଶନ କରିଥିଲେ। ତାଙ୍କ ମରଶରୀରକୁ ଶୋଭାଯାତ୍ରାରେ ଗ୍ରାମ ପରିଭ୍ରମଣ କରାଇ ଶ୍ମଶାନକୁ ନିଆଯାଇ ଶେଷକୃତ୍ୟ ସମ୍ପର୍ଣ୍ଣ କରାଯାଇଛି। ମଧ୍ୟମ ପୁତ୍ର ଇନ୍ଦ୍ରଜୀତ ମୁଖାଗ୍ନି ଦେଇଥିବା ବେଳେ ଗ୍ରାମ ଶ୍ମଶାନରେ ଝିଅଜ୍ୱାଇଁ ଓ ନାତି ନାତୁଣୀଙ୍କ ସହିତ ପୂର୍ବତନ ସମିତିସଭ୍ୟ ଅନ୍ତର୍ଯ୍ୟାମୀ ରାଉତ, ସରୋଜ ଦାଶ, ସମାଜସେବୀ ପ୍ରଭାକର ମଲ୍ଲିକ, ଅଭୟ ସିଂହ, ରବି ଦାସ, ଅକ୍ଷୟ ମଲ୍ଲିକ, ଚନ୍ଦ୍ରଶେଖର ସିଂହ, ସନ୍ତୋଷ ସିଂହ ଓ ଗ୍ରାମର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।

## ନୂତନ ଭାବେ ଦାୟିତ୍ୱ ଗ୍ରହଣ କରିଥିବା ଏସ୍‌ପିଙ୍କୁ ସମ୍ବର୍ଦ୍ଧନା



ଜଗତସିଂହପୁର,୨୭।୮ (ସମିସ): ଜଗତସିଂହପୁର ପୌର ପରିଷଦ ତରଫରୁ ନୂତନ ଭାବେ ଦାୟିତ୍ୱ ଗ୍ରହଣ କରିଥିବା ଏସ୍‌ପି ଅଙ୍କିତ ବର୍ମାଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛଇ। ଅଧ୍ୟକ୍ଷା ଅର୍ଚ୍ଚନା ସିଂ, ଉପାଧ୍ୟକ୍ଷ ରାଜେନ୍ଦ୍ର ବିଶୋଇ, ନିର୍ବାହୀ ଅଧିକାରୀ ସୀମା ଜେନା ଏବଂ ପାରିଷଦଗଣ ଏସପିଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି।

## ପିତାଙ୍କ ସ୍ମୃତିରେ ପୁସ୍ତକ ବିତରଣ କାର୍ଯ୍ୟକ୍ରମ

କୁଜଙ୍ଗ,୨୭।୮ (ସମିସ): କୁଜଙ୍ଗ ବ୍ଲକ୍ ଅଧୀନ ଗୋରଡ଼ ଗ୍ରାମସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟରେ ଗ୍ରାମର ଆର୍ଦଶ ବ୍ୟକ୍ତିତ୍ୱ ସ୍ୱର୍ଗତ କେଶବ ଚରଣ ବିଶ୍ୱାଳଙ୍କ ସ୍ମୃତିରେ ପୁସ୍ତକ ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷୟିତ୍ରୀ ବୈଜୟନ୍ତି ସାହୁଙ୍କ ସଭାପତିତ୍ୱରେ ଟେଷ୍ଟପେପର ବିତରଣ ସ୍ୱର୍ଗତ ବିଶ୍ୱାଳକ ପୁତ୍ର ସୁବାସ ଚନ୍ଦ୍ର ବିଶ୍ୱାଳ ୨୦୨୨ ମସିହାରୁ ନିଜର ପିତାଙ୍କ ଉଦ୍ଦେଶ୍ୟରେ ବିଦ୍ୟାଳୟର ଦଶମ ଶ୍ରେଣୀର ଛାତ୍ରଛାତ୍ରୀଙ୍କୁ ଟେଷ୍ଟପେପର ବିତରଣ କରିଆସୁଛନ୍ତି। କାର୍ଯ୍ୟକ୍ରମରେ ପ୍ରଧାନଶିକ୍ଷୟିତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସହ ପୁରାତନ ଛାତ୍ର ସଂସଦର ସଭାପତି ବିଶ୍ୱନାଥ ବିଶ୍ୱାଳ, ପରିଚାଳନା କମିଟିର ସଭ୍ୟସଭ୍ୟା, ପୁରାତନ ଛାତ୍ର ଉଲ୍ଲାସ ବିଶ୍ୱାଳ, ହେମନ୍ତ କୁମାର ବିଶ୍ୱାଳ, କଲ୍ୟାଣ ବିଶ୍ୱାଳ, ସ୍ୱର୍ଗତ ବିଶ୍ୱାଳଙ୍କ ଦୁଇପୁତ୍ର ଓ ପୁତ୍ରବଧୂ ଏବଂ ନବମ ଓ ଦଶମ ଶ୍ରେଣୀର ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ଗ୍ରାମର ମୁରବିମାନେ ସ୍ୱର୍ଗତ ବିଶ୍ୱାଳଙ୍କ ସ୍ମୃତିଚାରଣ କରିଥିଲେ। ଶେଷରେ ପ୍ରଧାନ ଶିକ୍ଷୟିତ୍ରୀ ବୈଜୟନ୍ତି ସାହୁ ଧନ୍ୟବାଦ ଅର୍ପଣ କରି ସଭା ସଙ୍ଗ କରିଥିଲେ।



## ନିଷ୍କ୍ରିୟ ପ୍ରଶାସନ, ଜିଲ୍ଲାର ବିକାଶରେ ବ୍ରେକ୍

# ଦୁର୍ଦ୍ଦଶା ଭୋଗୁଛନ୍ତି ସାଧାରଣ ଜନତା


ଜଗତସିଂହପୁର,୨୭।୮ (ସମିସ)

ଜଗତସିଂହପୁର ଜିଲ୍ଲା ଏକ ଶିକ୍ଷିତ ଏବଂ ସଚେତନ ଜିଲ୍ଲା ଭାବରେ ସମଗ୍ର ଓଡିଶାରେ ସ୍ୱତନ୍ତ୍ର ସ୍ଥାନ ଗ୍ରହଣ କରିଆସିଛି। ସ୍ୱାଧୀନତା ସଂଗ୍ରାମଠାରୁ ଆରମ୍ଭକରି ରାଜନୀତି, କଳା, ସାହିତ୍ୟ, ସଂସ୍କୃତି ଏବଂ ବିଜ୍ଞାନ କ୍ଷେତ୍ରକୁ ଜିଲ୍ଲାର ବଡ଼ ଅବଦାନ ରହିଛି। ତେବେ ପ୍ରଶାସନିକ ନିଷ୍କ୍ରୀୟତା ଏବଂ ଜନ ପ୍ରତିନିଧିମାନଙ୍କ ଇଚ୍ଛାଶକ୍ତିର ଅଭାବରୁ ଜିଲ୍ଲାର ବିକାଶରେ ବ୍ରେକ୍ ଲାଗିଲା ଭଳି ପରିସ୍ଥିତି ସୃଷ୍ଟି ହୋଇଛି। ଜିଲ୍ଲାରେ ୪ଟି ବିଧାନସଭା ନିର୍ବାଚନମଣ୍ଡଳୀ ଏବଂ ଗୋଟିଏ ଲୋକସଭା ନିର୍ବାଚନମଣ୍ଡଳୀ ରହିଛି। ପାରାଦୀପ ବିଧାୟକ ସମ୍ପଦ ଚନ୍ଦ୍ର ସ୍ୱାଇଁ ଏବଂ ଜଗତସିଂହପୁର ସଦର ବିଧାୟକ ଅମରେନ୍ଦ୍ର ଦାସ ଶାସକ ବିଜେପି ଦଳର ହୋଇଥିବା ବେଳେ ବାଲିକୁଦା-ଏରସମା ବିଧାୟକ ସାରଦା ପ୍ରସନ୍ନ ଜେନା ଏବଂ ତିର୍ତ୍ତୋଲ ବିଧାୟକ ରମାକାନ୍ତ ଭୋଇ ହେଉଛନ୍ତି ବିରୋଧୀ ବିଜେଡି ଦଳର। ପାରାଦୀପ ବିଧାୟକ ଶ୍ରୀ ସ୍ୱାଇଁ ରାଜ୍ୟ ସରକାରରେ ବହୁ ଗୁରୁତ୍ୱପୂର୍ଣ୍ଣ ବିଭାଗର ମନ୍ତ୍ରୀ ଭାବେ ଦାୟିତ୍ୱ ତୁଲାଉଛନ୍ତି। ସେହିପରି ଜଗତସିଂହପୁର ଲୋକସଭା ଆସନରେ ଶାସକ ବିଜେପିର ବିଭୂପ୍ରସାଦ ତରାଇ ସାଂସଦ ଅଛନ୍ତି। ବିଭିନ୍ନ ସମୟରେ ସଭାସମିତି ଏବଂ ସମୀକ୍ଷା ବୈଠକ ମଧ୍ୟ ପ୍ରଶାସନ ତରଫରୁ କରାଯାଉଛି। ପ୍ରାୟ ସମସ୍ତ ବୈଠକରେ ରାଜନୀତିରୁ ଊର୍ଦ୍ଧ୍ୱରେ ରହି ଜିଲ୍ଲାର ସର୍ବାଙ୍ଗୀନ ଉନ୍ନତି ପାଇଁ କାମ କରିବାକୁ ଆହ୍ୱାନ ଦିଆଯାଉଛି। ହେଲେ ଜିଲ୍ଲାର ଜନ ପ୍ରତିନିଧି ଏବଂ ପ୍ରଶାସନ ମଧ୍ୟରେ ସମନ୍ୱୟର ଅଭାବ କାରଣରୁ ବିକାଶ ପ୍ରକ୍ରିୟା ଏକପ୍ରକାର ମନ୍ଥର ହୋଇପଡ଼ିଛି ବୋଲି ଅଭିଯୋଗ ହେଉଛି। ଖୋଦ୍ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ ପଡ଼ିଆ ଓ ରାସ୍ତାର ଦୂରାବସ୍ଥା ଏବଂ ଜିଲ୍ଲା ସଦରମହକୁମା ଅଞ୍ଚଳରେ ବିପର୍ଯ୍ୟସ୍ତ ରାସ୍ତାଘାଟକୁ ଦେଖିଲେ କିପରି ବିକାଶ ଚାଲିଛି ତାହା ସହଜେ ଅନୁମେୟ। ଜଳ ନିଷ୍କାସନ ବ୍ୟବସ୍ଥା ସମ୍ପୂର୍ଣ୍ଣ ଫେଲ୍ ମାରିଥିବାରୁ ଅସରାଏ ବର୍ଷାରେ ଜଗତସିଂହପୁର ସହରର ଅନେକ ଅଞ୍ଚଳ ଜଳାର୍ଣ୍ଣବ ହୋଇ ଲୋକଙ୍କ ଦୁର୍ଦ୍ଦଶାର କାରଣ ପାଲଟୁଛି। ବିଦ୍ୟାଳୟରେ ଆବଶ୍ୟକତା ଅନୁସାରେ ଶିକ୍ଷକ ନାହାନ୍ତି। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସମେତ ଜିଲ୍ଲାର ଅନ୍ୟ ଚିକିତ୍ସାଳୟରେ ଡାକ୍ତର ମରୁଡି ପରିସ୍ଥିତି ଲାଗିରହିଛି। ଫଳରେ ଶିକ୍ଷାଦାନ ଏବଂ ରୋଗୀସେବା ଗୁରୁତର ଭାବେ ବାଧାପ୍ରାପ୍ତ ହେଉଛି ବୋଲି ଅଭିଯୋଗ ହେଉଛି। ସେହିପରି ଜଗତସିଂହପୁର ସଦର ଥାନା ସମେତ ଅନ୍ୟ ଥାନାରେ ପୁଲିସ ଅଧିକାରୀ ଓ କର୍ମଚାରୀ ସଂଖ୍ୟା ମଧ୍ୟ ଆବଶ୍ୟକତାକୁ ପୂରଣ କରି ପାରୁନାହିଁ। ଅବକାରୀ ବିଭାଗ ଏବଂ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟରେ ମଧ୍ୟ ସମାନ ପରିସ୍ଥିତି। ଫଳରେ ବିଭାଗୀୟ କାର୍ଯ୍ୟରେ ବାଧା ସୃଷ୍ଟି ହେଉଥିବା ଅଭିଯୋଗ ହେଉଛି। ଶାସକ ଦଳର ନେତାଙ୍କ ମଧ୍ୟରେ ଫାଟ ଏବଂ ପ୍ରଶାସନିକ ବ୍ୟବସ୍ଥାରେ ତାଳମେଳ ଅଭାବ ଯୋଗୁ ଜଳସେଚନ, ଜଳ ନିଷ୍କାସନ ଏବଂ ରାସ୍ତାଘାଟ ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ ହୋଇପାରୁ ନଥିବା ସାଧାରଣରେ ଅଭିଯୋଗ ହେଉଛି। ତେଣୁ ଖାଲି କଥାରେ ନୁହେଁ ରାଜନେତା ଏବଂ ପ୍ରଶାସନିକ ଅଧିକାରୀ ନିଜ ଭିତରେ ସମନ୍ୱୟ ରକ୍ଷା କରି ଜିଲ୍ଲାର ବିକାଶ ଦିଗରେ କାମ କରିବାକୁ ଦାବି କରିଛନ୍ତି ସାଧାରଣ ଜନତା।




# ବାଇସ୍କୋପ୍

ସକାଳ THE SAKALA
www.sakalaepaper.com




## ସେପ୍ଟେମ୍ବର ୧୨ରେ 'ଲହରୀ'

କଲିକତା । ଅନ୍ତର୍ଜାତୀୟ ଚଳଚ୍ଚିତ୍ର ମହୋତ୍ସବରେ ପ୍ରଦର୍ଶିତ ହୋଇ ପୁରସ୍କୃତ ହେବା ପରେ ଅଷ୍ଟ୍ରେଲିଆର ମେଲବର୍ଣ୍ଣଠାରେ ଆୟୋଜିତ 'ଇଣ୍ଡିଆନ ଫିଲ୍ମ ଫେଷ୍ଟିଭାଲ ଅଫ୍ ମେଲବର୍ଣ୍ଣ' (ଆଇଏଫ୍ଏଫ୍ଏମ୍)ରେ ପ୍ରଦର୍ଶିତ ହୋଇ 'ଲହରୀ' ବହୁତ ପ୍ରଶଂସା ସାଉଁଟିଛି । ଉଭୟ ଦର୍ଶକ ଓ ସମାଲୋଚକଙ୍କ ଦ୍ୱାରା ବେଶ୍ ପ୍ରଶଂସିତ ହୋଇଛି । ଭାରତୀୟ ବିବିଧତା, ସୃଜନାତ୍ମକ କଳା ଓ ସାଂସ୍କୃତିକ ବିଭବକୁ ବିଶ୍ୱ ସ୍ତରରେ ପହଞ୍ଚାଇବା 'ଆଇଏଫ୍ଏଫ୍ଏମ୍'ର ମୂଳ ଉଦ୍ଦେଶ୍ୟ ରହି ଆସିଛି । ଚଳିତ ବର୍ଷ ଏହାର ୧୬ ତମ ସଂସ୍କରଣ ଅନୁଷ୍ଠିତ ହୋଇଛି । ଶ୍ରେଷ୍ଠ ବିବେଚିତ ବିଭିନ୍ନ ଆଞ୍ଚଳିକ ସିନେମା ଏଠାରେ ପ୍ରଦର୍ଶିତ ହୋଇଥିବା ବେଳେ 'ଲହରୀ'ର ମନୋନୟନ ବିଶେଷ ଗୁରୁତ୍ୱ ରଖେ । ଓଡ଼ିଶା ପାଇଁ ଏହା ନିଶ୍ଚୟ ଗର୍ବ ଓ ଗୌରବର ବିଷୟ । ଅନ୍ତର୍ଜାତୀୟ ଖ୍ୟାତି ସଂପନ୍ନ ଓ ଜାତୀୟ ପୁରସ୍କାର ପ୍ରାପ୍ତ ନିର୍ଦ୍ଦେଶକ ଅମର୍ତ୍ତ୍ୟ ଭଟ୍ଟାଚାର୍ଯ୍ୟ ଏହାର ନିର୍ଦ୍ଦେଶନା ଦେଇଛନ୍ତି । ପ୍ରଯୋଜନାରେ ଅଛନ୍ତି ଓଡ଼ିଶାର ସ୍ୱନାମଧନ୍ୟ ଯୁବ ନିର୍ମାତ୍ରୀ ଝିଲିକ ଭଟ୍ଟାଚାର୍ଯ୍ୟ । ବିଭିନ୍ନ ଭୂମିକାରେ ଚୌଧୁରୀ ଜୟପ୍ରକାଶ ଦାସ, ଚୌଧୁରୀ ବିକାଶ ଦାସ, ସ୍ମୃତି ମହଲା, ଦୀପନ୍ୱିତ ଦାସ ମହାପାତ୍ର, ସୁଶାନ୍ତ ମିଶ୍ର, ସ୍ୱସ୍ତିକ ଚୌଧୁରୀ, ଜେଇନବ ଡୋଇୟର ପ୍ରମୁଖ ଅଭିନୟ କରିଛନ୍ତି । ଏଥିରେ ସଙ୍ଗୀତ ଦେଇଛନ୍ତି କିଶଳୟ ରୟ । କଣ୍ଠଦାନ କରିଛନ୍ତି ଗୌରବ ଆନନ୍ଦ ଓ ନବ୍ୟା ଜାଇତି । ଝିଲିକ୍ ମୋସନ୍ ପିକ୍ଚର୍ସ ନିବେଦିତ ଏହି ଚଳଚ୍ଚିତ୍ରର ନିର୍ଦ୍ଦେଶନା ସହିତ କାହାଣୀ, ଗୀତ ରଚନା, ନୃତ୍ୟ ନିର୍ଦ୍ଦେଶନା ଓ ସମ୍ପାଦନାର ଗୁରୁ ଦାୟିତ୍ୱ ମଧ୍ୟ ଅମର୍ତ୍ତ୍ୟ ନିର୍ବାହ କରିଛନ୍ତି । ସୂଚନା ଥାଉକି, ସେପ୍ଟେମ୍ବର ୧୨ରେ 'ଲହରୀ' ମୁକ୍ତିଲାଭ କରିବ । ■





## ଲଣ୍ଡନରେ ଚାଲିଛି 'ବିନ୍ଦୁ ସାଗର'ର ସୁଟିଂ

ଓଡ଼ିଆ ସିନେମା ଜଗତରେ ପ୍ରବେଶ କରିଛି ଭାରତର ଅଗ୍ରଣୀ ଚଳଚ୍ଚିତ୍ର ଷ୍ଟୁଡିଓ ପ୍ଲାଟୁନ୍ ୱାନ୍ ଫିଲ୍ମସ୍ । ଅଭିଷେକ ସ୍ୱାଇଁଙ୍କ 'ବିନ୍ଦୁ ସାଗର' ଫିଲ୍ମ ସହିତ ଓଡ଼ିଆ ସିନେମା କ୍ଷେତ୍ରରେ ପ୍ରବେଶ କରିଛନ୍ତି ପ୍ରଯୋଜକ ଶିଳାଦିତ୍ୟ ଭୋରା । 'ବିନ୍ଦୁସାଗର'ରେ ଅଭିନେତ୍ରୀ ପ୍ରକୃତି ମିଶ୍ର ଏବଂ ଦ୍ୱୀପନ୍ୱିତ ଦାସ ମହାପାତ୍ର ଅଭିନୟ କରିଛନ୍ତି । ସିନେମାଟିର ସୁଟିଂ ଓଡ଼ିଶା ଓ ଇଂଲଣ୍ଡରେ କରାଯାଇଛି । ଅବଶ୍ୟ ଏହାର ସୁଟିଂ ଏବେ ଲଣ୍ଡନରେ ଚାଲିଛି । ପାରିବାରିକ ଡ୍ରାମା ସହିତ ଏହି କାହାଣୀ ପ୍ରେମ ଓ ପରମ୍ପରା ଉପରେ ପର୍ଯ୍ୟବସିତ । 'ବିନ୍ଦୁସାଗର' ଫିଲ୍ମରେ ସାତଟି ଗୀତ ଥିବା ଏକ ଆଲବମ ରହିବ । ଯେଉଁଥିରେ ସଙ୍ଗୀତ ଶିଳ୍ପର କିଛି ଲୋକପ୍ରିୟ ଗୀତିକାରଙ୍କ ସଙ୍ଗୀତ ରହିଛି । ■

ଟେଲିଭିଜନ ପ୍ରିମିୟର୍

## 'ବିଘ୍ନ ବିନାଶିବେ ବିନାୟକ'






ଜୀ ସାର୍ଥକରେ ଅଗଷ୍ଟ ୩୧ ତାରିଖ ସନ୍ଧ୍ୟା ୬ଟା ୩୦ରେ ଟେଲିଭିଜନ ପ୍ରିମିୟର ହେବ 'ବିଘ୍ନ ବିନାଶିବେ ବିନାୟକ' । ପ୍ରଯୋଜକ କ୍ଷୀରୋଦ ପଟ୍ଟନାୟକ ଓ ନିର୍ଦ୍ଦେଶକ ସଞ୍ଜୟ ନାୟକଙ୍କ ନେତୃତ୍ୱରେ ତିଆରି ହୋଇଥିବା ଏହି ଫିଲ୍ମରେ ଶିଶୁମନର ସ୍ୱପ୍ନ, ଦୈବୀୟ ମହିମା ଓ ପାରିବାରିକ ସତ୍ୟକୁ ଆଲୋକପାତ କରାଯାଇଛି । କାହାଣୀର କେନ୍ଦ୍ରବିନ୍ଦୁ ପାଞ୍ଚ ବର୍ଷୀୟ ମୁନି (ଶିଶୁ କଳାକାର ସ୍ୱାତୀ ମିଶ୍ର) ଏକ ବନ୍ଦ ଓ ବିଚ୍ଛିନ୍ନ ଘରେ ରହନ୍ତି । ତାଙ୍କ ମାଆ ପାର୍ବତୀ ତା'କୁ କହିଥାନ୍ତି ଯେ, ଦୁନିଆ ଶେଷ ହୋଇଯାଇଛି ଏବଂ ସେମାନେ ଦୁଇ ଜଣ ହିଁ ବଞ୍ଚି ରହିଛନ୍ତି । ସେପଟେ ମୁନିକୁ ଏକ ମାୟାମୟ ପୁଅ ବିଘ୍ନେଶ ସାଥୀ ଭାବରେ ସାହାଯ୍ୟ କରିଥାଏ । ନାୟକ ବିକାଶ ଓ ନାୟିକା ପଲ୍ଲବୀ ଅଭିନୟରେ ଚଳଚ୍ଚିତ୍ରଟିରେ ପାରିବାରିକ ସମ୍ପର୍କ, ଦୁର୍ଭାଗ୍ୟ, ଦୈବୀୟ ହସ୍ତକ୍ଷେପ ଓ ଅସତ୍ୟ ଉପରେ ସତ୍ୟର ଜୟକୁ ଦର୍ଶାଯାଇଛି । ତେବେ ସତରେ କ'ଣ ଦୁନିଆ ଶେଷ ହୋଇଯାଇଛି ? କିଏ ସେ ବିକାଶ ଓ ପଲ୍ଲବୀ ? ତାଙ୍କ ସହ ପାର୍ବତୀ ଓ ମୁନିର ସମ୍ପର୍କ କିପରି ? ବିଘ୍ନେଶ କ'ଣ ସତରେ ସାହାଯ୍ୟ କରିପାରିବ ମୁନିକୁ ? ଏମିତି ବହୁ ପ୍ରଶ୍ନର ଉତ୍ତର ମିଳିବ ଫିଲ୍ମର ଶେଷରେ । ଫିଲ୍ମରେ ମୁଖ୍ୟ ଭୂମିକାରେ ଅଛନ୍ତି ବିକ୍ରମ ଓ ଦୀପିକା । ସଂଗୀତ ନିର୍ଦ୍ଦେଶନା ଦେଇଛନ୍ତି ବୈଦ୍ୟନାଥ ଦାଶ, ଗୀତ ଗୁଡ଼ିକକୁ ଲେଖିଛନ୍ତି ଡଃ ନିର୍ମଳ ନାୟକ ଓ କଣ୍ଠଦାନ କରିଛନ୍ତି ପ୍ରଜ୍ଞା ହୋତା, ରଶ୍ମିରେଖା ଓ ସାଇନା । ■

ପରଦା ପଛର କାହାଣୀ

## ମାସ୍କ ପ୍ରସ୍ତୁତି ପାଇଁ ଛଅ ମାସ





ସାଧାରଣତଃ 'କ୍ରିସ୍' ଫିଲ୍ମ କଥା କହିଲେ ସର୍ବପ୍ରଥମେ ସୁପରଷ୍ଟାର ହ୍ରିତିକ୍ ରୋଶନଙ୍କ ଛବି ସାମ୍ନାକୁ ଆସିଥାଏ । ଏଥିରେ ତାଙ୍କ ଲୁକ୍‌କୁ ଦର୍ଶକେ ବେଶ୍ ପସନ୍ଦ କରିଥିଲେ । ବିଶେଷ କରି ସେ ପିନ୍ଧିଥିବା ମାସ୍କକୁ ନେଇ ଦର୍ଶକଙ୍କ ମନରେ ଉତ୍କଣ୍ଠା ଦେଖିବାକୁ ମିଳିଥିଲା । ତେବେ ନିକଟରେ ହ୍ରିତିକ୍ ରୋଶନଙ୍କ ପିତା ତଥା ଫିଲ୍ମ ନିର୍ମାତା ଓ ନିର୍ଦ୍ଦେଶକ ରାକେଶ ରୋଶନ ଏହି ମାସ୍କକୁ ନେଇ ଏକ ରୋଚକୀୟ କଥା କହିଛନ୍ତି । ତାଙ୍କ କହିବାନୁଯାୟୀ, ଏହି ମାସ୍କ ଡିଜାଇନ ପାଇଁ ଛଅମାସ ସମୟ ଲାଗିଥିଲା । ହ୍ରିତିକଙ୍କୁ କେଉଁ ଡିଜାଇନ୍ ମାସ୍କ ଭଲ ମାନିବ, ସେଥିପ୍ରତି ବିଶେଷ ଧ୍ୟାନ ଦିଆଯାଇଥିଲା । ନିକଟରେ କୋରିଓଗ୍ରାଫର ତଥା ଫିଲ୍ମ ନିର୍ଦ୍ଦେଶକ ଫରାହ ଖାନ୍ ଖଣ୍ଡାଲା ସ୍ଥିତ ରାକେଶ ରୋଶନଙ୍କ ଘରେ ପହଞ୍ଚିଥିଲେ । ଏହି ବ୍ଲଗ୍‌ରେ ରାକେଶ କ୍ରିସ୍ ଫିଲ୍ମର କଷ୍ଟ୍ୟୁମ୍, ମାସ୍କ ଓ ଏହାର ସୁଟିଂରେ ହୋଇଥିବା ସମସ୍ୟା ବିଷୟରେ ଚର୍ଚ୍ଚା କରିଥିଲେ । ତେବେ ହ୍ରିତିକ୍ ପିନ୍ଧିଥିବା ମାସ୍କକୁ ସ୍ୱତନ୍ତ୍ର ଭାବେ ମହମରୁ ପ୍ରସ୍ତୁତ କରାଯାଇଥିଲା । ସୁଟିଂ ସମୟରେ ମାସ୍କ ଯେମିତି ନ ତରଳିବ ସେଥିପାଇଁ ଏକ ଏସି ବସ୍‌ର ବ୍ୟବସ୍ଥା କରାଯାଇଥିଲା । ଏହି ମାସ୍କକୁ ହ୍ରିତିକ୍ ତିନି ଚାରି ଘଣ୍ଟା ପିନ୍ଧି ସୁଟିଂ କରୁଥିଲେ । ତେଣୁ ମହମ ତରଳି ଯାଉଥିଲା । ଫଳରେ ଏହାକୁ କାଢ଼ି ତାଙ୍କୁ ଏକ ନୂଆ ମାସ୍କ ଲଗାଇବାକୁ ପଡୁଥିଲା । କେବଳ ସେତିକି ନୁହେଁ, ଏଥିରେ ହ୍ରିତିକ୍ ପିନ୍ଧିଥିବା କଳା ଆଉଟ୍‌ଫିଟ୍ ମଧ୍ୟ ଖୁବ୍ ଓଜନିଆ ଥିଲା । ତେବେ ୨୦୦୬ ମସିହାରେ ମୁକ୍ତିଲାଭ କରିଥିବା 'କ୍ରିସ୍' ଏକ ସୁପରହିରୋ ଆକ୍ସନ ଫିଲ୍ମ ଥିଲା । କ୍ରିସ୍ ଏକ ସୁପରହିଟ୍ ଫିଲ୍ମ ଥିଲା । ଏହା କ୍ରିସ୍ ଫ୍ରାଞ୍ଚାଇଜର ଦ୍ୱିତୀୟ ଫିଲ୍ମ ଥିଲା । ଏହି ସିରିଜ୍‌ର ତୃତୀୟ ଫିଲ୍ମ ୨୦୧୩ ମସିହାରେ ମୁକ୍ତିଲାଭ କରିଥିଲା । ■

## ଅର୍ଚ୍ଚନାର ଦୋଛକିରେ ଅର୍ଚ୍ଚନା

ଜୀ ସାର୍ଥକର ଲୋକପ୍ରିୟ ଧାରାବାହିକ 'ସାଥୀ ସାତ ଜନ୍ମ'ରେ ଅର୍ଚ୍ଚନା ଓ ଦେବ ବିବାହ ବନ୍ଧନରେ ବାନ୍ଧି ହେବା ପରେ ପରିବାର ସମ୍ବନ୍ଧୀୟ ଅନେକ ବାଧା ବିଘ୍ନର ସମ୍ମୁଖୀନ ହୋଇଛନ୍ତି । ତେବେ ଗଣେଶ ଚତୁର୍ଥୀର ପବିତ୍ର ଅବସରରେ ନୂଆ ଟ୍ୱିଷ୍ଟ ଦେଖିବାକୁ ମିଳିବ । ଗୋଟିଏ ପଟେ ଅର୍ଚ୍ଚନା ନିଜ ବାପାଙ୍କୁ ଦେଇଥିବା ପ୍ରତିଶୃତି ଯେ ସାରା ଜୀବନ ତା' ସ୍ୱାମୀ ଦେବଙ୍କ ସାଙ୍ଗରେ ଆଉ କେବେ ବି ଦେଖା କରିବ ନାହିଁ । ଅନ୍ୟପଟେ ସ୍ତ୍ରୀର କର୍ତ୍ତବ୍ୟ ଭାବେ ଦେବର ନୂଆ ଗ୍ୟାରେଜର କଳସ ବିସର୍ଜନରେ କେମିତି ଅର୍ଚ୍ଚନା ଦେବଙ୍କ ସହିତ ଛିଡ଼ା ହେବ? ଏମିତି ଏକ ଦୋଛକିରେ ଅର୍ଚ୍ଚନା ଆଉ ଦେବଙ୍କର ସମ୍ପର୍କ ଏବେ ଗତିଶୀଳ । ସେହିପରି ଏହିଠାରୁ ଆଗକୁ କ'ଣ ଘଟିବ, ସେକଥା ଧାରାବାହିକର ଆଗାମୀ ଅଧ୍ୟାୟରେ ସାମ୍ନାକୁ ଆସିବ । ■





ସାକ୍ଷାତକାର

## "ପାରିଶ୍ରମିକ ନୁହେଁ; ଚରିତ୍ରକୁ ଗୁରୁତ୍ୱ ଦିଏ"

**ଭବେଶ କୁମାର, ଅଭିନେତା**

**ସେ ଜଣେ ମେଧାବୀ ଛାତ୍ର ଥିଲେ । ତାଙ୍କର ଇଚ୍ଛା ଥିଲା ଡାକ୍ତର ହେବେ, ଆଉ ରୋଗୀ ସେବା କରିବେ । ହେଲେ ତାଙ୍କ ଭାଗ୍ୟରେ ଆଉ କିଛି ଲେଖା ଥିଲା । ଟିକ୍‌ଟକ୍‌ରେ କଣ୍ଟେଣ୍ଟ ବନାଇ ପୋଷ୍ଟ କରିଲେ । ଏହାକୁ ବହୁ ପ୍ରଶଂସକ ପସନ୍ଦ କଲେ । ଜଣେ ବନ୍ଧୁଙ୍କ ପରାମର୍ଶକ୍ରମେ 'ସିନେ ଷ୍ଟାର୍ କି ଖୋଜ୍'ରେ ରିଆଲିଟି ଶୋ'ରେ ଭାଗ ନେଇ ମେଗା ରାଉଣ୍ଡ ଯାଏଁ ଯାଇଥିଲେ ସେ । 'ଶତାବ୍ଦୀ କଳାକାର'ରେ ୬ ମାସ ସେ ଅଭିନୟ ପାଇଁ ତାଲିମ ନେଇଛନ୍ତି । 'ନଣନ୍ଦ ପୁଟୁଳି' ତାଙ୍କର ପ୍ରଥମ ଧାରାବାହିକ । ସେ ଏକାଧିକ ଧାରାବାହିକରେ ଅଭିନୟ କରିସାରିଛନ୍ତି । ହିନ୍ଦୀ, ଓଡ଼ିଆ ଓ ବଙ୍ଗଳାର ଅନେକ ପ୍ରୋଜେକ୍ଟରେ କାମ କରିଥିବା ଉଦୀୟମାନ ଅଭିନେତା ଜଣକ ହେଉଛନ୍ତି ବାଲେଶ୍ୱରର ଭବେଶ କୁମାର । ସେ ଜଣେ ସରକାରି ଚାକିରିଆ । ଉଭୟ ଚାକିରି ଏବଂ ଅଭିନୟ ଭିତରେ କିପରି ସେ ସମନ୍ୱୟ ରଖୁଛନ୍ତି ଜାଣିବା ତାଙ୍କ ମୁହଁରୁ ।**

**ଧାରାବାହିକରେ ଅଭିନୟ କରିବା ପାଇଁ କାହିଁକି ଆକୃଷ୍ଟ ହେଲେ ?**

● ପିଲାଦିନେ ଭଲ ପଢୁଥିଲି । ଡାକ୍ତର ହୋଇଥାନ୍ତି । ଏଥିପାଇଁ କଠିନ ପରିଶ୍ରମ କରୁଥିଲି । ହେଲେ ଟିକ୍‌ଟକ୍‌ରେ ଭିଡିଓ ବନାଇ ପୋଷ୍ଟ କଲା ପରେ ମୋର ଲୋକପ୍ରିୟତା ବଢ଼ିଲା । ତେଣୁ 'ସିନେ ଷ୍ଟାର୍ କି ଖୋଜ୍'ରେ ଅଡିସନ୍ ଦେଲି । ମେଗା ରାଉଣ୍ଡ ଯାଏଁ ରହିଛି । ପରେ ଶତାବ୍ଦୀ କଳାକାରରେ କାମ ଶିଖି 'ନାଗ ମଣ୍ଡଳ' ଥିଏଟର କରିଛି । ୱେବ୍ ସିରିଜ୍ ପାଇଁ ଆଗ୍ରହ ଥିଲା । ଯେହେତୁ ଓଡ଼ିଶାରେ ଏଥିପାଇଁ ଏତେ ସୁଯୋଗ ନଥିଲା, ତେଣୁ ଧାରାବାହିକରେ କାମ ଆରମ୍ଭ କଲି । 'ନଣନ୍ଦ ପୁଟୁଳି' ମୋର ପ୍ରଥମ ଧାରାବାହିକ । ସରକାରୀ ଚାକିରିରେ ଯୋଗ ଦେବାରୁ ପ୍ରଥମ ପ୍ରୋଜେକ୍ଟକୁ ତିନି ମାସରେ ଛାଡ଼ିଥିଲି । ଭୁବନେଶ୍ୱରକୁ ଚାକିରି ବଦଳି ହେବାରୁ ତରଙ୍ଗ ଚ୍ୟାନେଲ୍‌ର 'ପ୍ରେମର କୁହୁକ'ରେ ନାୟକ ଭାବେ ଅଭିନୟ କରିଲି । 'ସୁହାଗ ସିନ୍ଦୂର', 'ଶକ୍ତି', 'ଆମ ଝାନ୍ସୀ ଅପା' 'ତୁ ରାଜା ମୁଁ ରାଣୀ' ଆଦି ଅନେକ ଧାରାବାହିକରେ ଅଭିନୟ କରିଛି । ବର୍ତ୍ତମାନ ଅତୁଟ ବନ୍ଧନରେ 'କାର୍ତ୍ତିକ' ଭୂମିକାରେ ଅଭିନୟ କରୁଛି । 'ମେଘୁଆ ହସ' 'ଆ ଜହ୍ନ ମାମୁଁ ସରଗ ଶଶି' ଆଦି ମ୍ୟୁଜିକ୍ ଭିଡିଓ କରିଛି ।

**ପ୍ରଥମେ କ୍ୟାମେରାକୁ ସାମ୍ନା କରିବାର ଅନୁଭୂତି?**

● 'ନଣନ୍ଦ ପୁଟୁଳି' ଧାରାବାହିକରେ ଅନ୍ୟଜଣଙ୍କ ବଦଳରେ କାମ କରିବାକୁ ସୁଯୋଗ ମିଳିଥିଲା । ସେତେବେଳେ ମୁଁ ପୂରା ନୂଆ । ତେଣୁ ପ୍ରଥମେ କ୍ୟାମେରାକୁ ସାମ୍ନା କରିବାକୁ ଭୟ ଲାଗିଥିଲା । ସେତେବେଳେ ଅନେକଙ୍କ କଟୁ କଥା ଆଉ ଗଞ୍ଜଣା ସହିଛି । 'ପ୍ରେମର କୁହୁକ'ରେ ଅଭିନୟ କ'ଣ ମୁଁ ଶିଖିଲି । ନିର୍ଦ୍ଦେଶକ ସାର୍ ଆଉ ପୂରା ଟିମ୍ ଆଗକୁ ବଢ଼ିବାକୁ ମୋତେ ସୁଯୋଗ ଦେଇଥିଲେ ।

**ନାୟକ ନା ଖଳନାୟକ କେଉଁଠି ସହଜ ଅନୁଭବ କରନ୍ତି?**

● ସମୟ ସୁଯୋଗକୁ ମୁଁ କେବେ ବି ହାତଛଡ଼ା କରିବାକୁ ଚାହେଁନି । ତେଣୁ ଖଳନାୟକ ହେଉ କି ନାୟକ ଉଭୟ କାହାଣୀର ମୁଖ୍ୟ ଚରିତ୍ର । ସବୁ ଚରିତ୍ରକୁ ଶହେ ପ୍ରତିଶତ ଦେବାକୁ ଚେଷ୍ଟା କରେ । ହିନ୍ଦୀର ଷ୍ଟାର୍ ଭାରତରେ 'ସାବଧାନ ଇଣ୍ଡିଆ', ବଙ୍ଗଳାରେ ଜି ମ୍ୟୁଜିକ୍‌ରେ 'କତୋଟା ଚେୟେଛେ ତୋମାଏ' ଆଲବମ୍ ଆଦି କାମ ମଧ୍ୟ କରିଛି । ତେଣୁ ସବୁ ପ୍ଲାଟ୍‌ଫର୍ମରେ କାମକୁ ଦେଖେ ।

**କେଉଁ ଚରିତ୍ରରେ ଆପଣଙ୍କୁ ଅଧିକ ପ୍ରଶଂସା ମିଳିଥିଲା?**

● 'ପ୍ରେମର କୁହୁକ'ର ବଣ୍ଟି, 'ତୁ ରାଜା ମୁଁ ରାଣୀର' ରିଷଭ ଆଉ ଏବେ ଅତୁଟ ବନ୍ଧନର 'କାର୍ତ୍ତିକ' ଚରିତ୍ରକୁ ଦର୍ଶକ ଗ୍ରହଣ କରିଛନ୍ତି । ଆଉ ବହୁତ ଭଲପାଇବା ଦେଉଛନ୍ତି । ସେମାନଙ୍କ ସ୍ନେହ ଭଲପାଇବା ଏମିତି ସର୍ବଦା ରହିଥାଉ ।

**କାମ ପାଇଁ କେତେ ପରିଶ୍ରମ କରନ୍ତି?**

● ମୁଁ ବହୁତ ଷ୍ଟେଟ୍ ଫରୱାର୍ଡ । କାହାକୁ ଖୁସାମତି ମୋର ପ୍ରବୃତ୍ତି ନୁହେଁ । କର୍ମ ମୋ ପାଇଁ ଭଗବାନ । କାମକୁ ପରଫେକ୍ଟ କରିବାକୁ ସଂଘର୍ଷ କରେ । ଖଟିବାକୁ ମୁଁ ପସନ୍ଦ କରେ । ପ୍ରୋଜେକ୍ଟ କେମିତି ଭଲ ହେବ ତାହା ଚିନ୍ତା କରେ । ପାରିଶ୍ରମିକ ନୁହେଁ, ଚରିତ୍ର ଉପରେ ଗୁରୁତ୍ୱାରୋପ କରେ ।

**ସ୍ମରଣୀୟ ମୁହୂର୍ତ୍ତ?**

● ଫେବୃୟାରୀ ୧ ତାରିଖରେ ସରକାରୀ ଚାକିରିରେ ଯୋଗ ଦେଇଥିଲି । ୨ ତାରିଖ ଦିନ ଧାରାବାହିକରେ କାମ କରିବାକୁ ସୁଯୋଗ ମିଳିଲା ।

**ଭବେଷ ଫିଟ୍ କେମିତି ରୁହନ୍ତି?**

● କମ୍ ତେଲ, ଲୁଣ ତଥା ସନ୍ତୁଳିତ ପୌଷ୍ଟିକ ଖାଦ୍ୟ ଖାଏ । ସିଝା ଖାଦ୍ୟ ମୋର ପସନ୍ଦ । ଜିମ୍ ଯାଏଁ, ଦଉଡ଼ ଧାଁ କରେ । ବିନା କାରଣରେ ବାହାରକୁ ଯାଏନି ।

**ଆଗାମୀ ଯୋଜନା କ'ଣ ରହିଛି?**

● ବର୍ତ୍ତମାନ ଓଡ଼ିଆ ସିନେମାର ଆଦର ବଢ଼ିଛି । ବାସ୍ତବ କାହାଣୀକୁ ଦର୍ଶକ ଗ୍ରହଣ କରୁଛନ୍ତି । ତେଣୁ ମୁଁ ଆଗକୁ ଉଭୟ ଓଡ଼ିଆ ଓ ହିନ୍ଦୀ ଫିଲ୍ମରେ କାମ କରିବାକୁ ଲକ୍ଷ୍ୟ ରଖିଛି । ଯେହେତୁ ମୁଁ ନିଜେ ଲେଖା ଲେଖି କରେ । ସୁଯୋଗ ମିଳିଲେ ଫିଲ୍ମ ବନାଇବାକୁ ଆଶା ଅଛି । ■

## ମୁଦ୍ରା ବିନିମୟ ମୂଲ୍ୟ

ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)

- ଡଲାର ୮୭.୮୧ ● ପାଉଣ୍ଡ ୧୧୮.୦୮
- ୟୁରୋ ୧୦୨.୨୫ ● ୟେନ୍ ୦.୫୯

## ସୁନା, ରୁପା ଦର (ଟଙ୍କାରେ)

୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)

- ସୁନା: ୯୩,୯୦୦ (ନୂଆଦିଲ୍ଲୀ)
- ରୁପା : ୧,୨୧,୦୫୦ (କେଜି)

## ଷ୍ଟକ୍ ମାର୍କେଟ୍

ବଜାର କାରବାର (ପଏଣ୍ଟରେ)

- ସେନ୍ସେକ୍ସ ୮୦,୭୮୬.୦୦
- ନିଫ୍ଟି ୨୪,୭୧୨.୦୦

## ପେଟ୍ରୋଲ-ଡିଜେଲ୍

ଲିଟର ପିଛା (ଟଙ୍କାରେ)

- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦

**ଭାରତ ମସଲାର ୨୭ତମ ପ୍ରତିଷ୍ଠା ଉତ୍ସବ**

# 'ଦାନ ଓ ଦାତାପଣିଆ ଭାରତ ମସଲାକୁ ବ୍ରାଣ୍ଡନେମ୍ ଦେଇଛି'



କଟକ,୨୭।୮ (ସମିସ): ଓଡ଼ିଆମାନଙ୍କ ପାଇଁ ସମଗ୍ର ଭାରତରେ ଏକ ମସଲା କମ୍ପାନୀକୁ ପ୍ରତିଷ୍ଠିତ କରିବା ଦିଗରେ ସୁରେନ୍ଦ୍ରନାଥ ପଣ୍ଡା ଏବଂ ସୁଶାନ୍ତ କୁମାର ପଣ୍ଡାଙ୍କ ଅବଦାନ ଅନସ୍ୱୀକାର୍ଯ୍ୟ। କିଛି କରିବା ଓ କିଛି ଗଢ଼ିବାର ବାର୍ତ୍ତା ଦେଇ ଏହି ଦୁଇ ଶିଳ୍ପୋଦ୍ୟୋଗୀ ଭାରତ ମସଲା କମ୍ପାନୀକୁ ଦେଶ ବିଦେଶରେ ପହଞ୍ଚାଇଛନ୍ତି। ଉଭୟଙ୍କ ଯୋଗୁଁ ଭାରତ ମସଲା ଆଜି ଏକ ବ୍ରାଣ୍ଡନେମ୍‌ରେ ପରିଣତ ହୋଇଛି। ଭାରତ ମସଲାର ସେବା କାର୍ଯ୍ୟ ସଭିଏ ଜାଣନ୍ତି। କରୋନା ମହାମାରୀ ହେଉ କି ଯେ କୌଣସି ବନ୍ୟା, ବାତ୍ୟା ଓ ପ୍ରାକୃତିକ ବିପର୍ଯ୍ୟୟ ସମୟ, ସବୁବେଳେ ଓଡ଼ିଆ ଲୋକଙ୍କ ପାଖରେ ଭାରତ ମସଲା ଛିଡା ହୋଇଛି। କେବଳ ବ୍ୟବସାୟିକ ଲକ୍ଷ୍ୟ ନ ରଖି ସେବାକୁ ମୂଳମନ୍ତ୍ର କରିଥିବା ଏହି କମ୍ପାନୀ ଓଡିଆ ଜାତି ପାଇଁ ଗର୍ବ ଓ ସ୍ୱାଭିମାନର ପ୍ରତୀକ ବୋଲି ଆଜି ବାରଙ୍ଗ ରାମଦାସପୁର ସ୍ଥିତ ଭାରତ ମସଲା କମ୍ପାନୀ ପରିସରରେ ଜୟ ଭାରତ ଫାଉଣ୍ଡେସନ ପକ୍ଷରୁ ଆୟୋଜିତ ୨୭ତମ ଭାରତ ପ୍ରତିଭା ସମ୍ମାନ ଓ ଭାରତ ମସଲାର ପ୍ରତିଷ୍ଠା ଦିବସ ଉତ୍ସବରେ ରାଜ୍ୟସଭା ସାଂସଦ ଶୁଭାଶିଷ ଖୁଣ୍ଟିଆ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହା କହିଛନ୍ତି।

ଜୟ ଭାରତ ଫାଉଣ୍ଡେସନର ଅଧ୍ୟକ୍ଷ ସୁରେନ୍ଦ୍ରନାଥ ପଣ୍ଡା ଉତ୍ସବରେ ଅଧ୍ୟକ୍ଷତା କରି କହିଲେ ଯେ, ଆମେ ସବୁବେଳେ ପୂଜ୍ୟପୂଜା ପରମ୍ପରାକୁ ସମ୍ମାନ ଦେଇଆସିଛୁ। ଇତି ମଧ୍ୟରେ ୧୩୦ଜଣ ପୂଜ୍ୟପୂଜାଙ୍କୁ ଯଥୋଚିତ ସମ୍ମାନ ଦିଆଯାଇଛି। ଆଗକୁ ମଧ୍ୟ ଏହି ଧାରା ବଳବତ୍ତର ରହିବ। ବାଙ୍କୀ ବିଧାୟକ ଦେବୀରଞ୍ଜନ ତ୍ରିପାଠୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ କହିଥିଲେ ଯେ, କମ୍ପାନୀର ଅଧ୍ୟକ୍ଷ ଓ ଏମ୍‌ଡି ଅନ୍ୟମାନଙ୍କ ପାଇଁ ଆଦର୍ଶ। ମାତ୍ର ୧ହଜାର ଟଙ୍କାରୁ ଆରମ୍ଭ ହୋଇଥିବା ଏହି କମ୍ପାନୀ ଏବେ ବାର୍ଷିକ ୭୦୦କୋଟିର ବ୍ୟବସାୟ କରୁଛି। ବାଙ୍କୀ ଅଞ୍ଚଳର ଅର୍ଥନୈତିକ ଅଭିବୃଦ୍ଧିରେ ଭାରତ ମସଲାର ଅବଦାନ ରହିଥିବା ସେ କହିଥିଲେ। ଏମ୍‌ଡି ସୁଶାନ୍ତ କୁମାର ପଣ୍ଡା କହିଥିଲେ ଯେ, ଉତ୍ପାଦିତ ଦ୍ରବ୍ୟକୁ ରପ୍ତାନୀ କରିବା ପାଇଁ ୨୦୦୯ ରୁ ଉଦ୍ୟମ କରାଯାଉଥିଲା। ହେଲେ ଯୋଜନାର ସଫଳ ରୂପାୟନ ପାଇଁ ୧୫ବର୍ଷ ସମୟ ଲାଗିଗଲା। ଓଡ଼ିଶାର ସାମାଜିକ ଓ ଆର୍ଥିକ ବିକାଶ କ୍ଷେତ୍ରରେ ନିରନ୍ତର କାର୍ଯ୍ୟ କରୁଛି ଭାରତ ମସଲା। ରାଜ୍ୟରେ ଏଭଳି କୌଣସି ଜିଲ୍ଲା ନାହିଁ, ଯେଉଁଠାରେ ଭାରତ ମସଲା ସାମାଜିକ ସେବା କାର୍ଯ୍ୟ କରୁନାହିଁ ବୋଲି ଶ୍ରୀ ପଣ୍ଡା ମତବ୍ୟକ୍ତ କରିଥିଲେ। ବାରବାଟୀ-କଟକ ବିଧାୟିକା ସୋଫିଆ ଫିର୍ଦ୍ଦୌଶ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ କମ୍ପାନୀ ସହ ଯୋଡ଼ିହୋଇଥିବା ପ୍ରତ୍ୟେକ ଲୋକ ଏହାକୁ ବ୍ରାଣ୍ଡ କରିଥିବା କହିଥିଲେ। ଏସ୍‌ସିବି ଭେଷଜ ବିଭାଗର ବରିଷ୍ଠ ପ୍ରଫେସର ଡାଃ ଜୟନ୍ତ କୁମାର ପଣ୍ଡା ଅନ୍ୟତମ ଅତିଥି ଭାବେ ଯୋଗଦେଇଥିଲେ। ଓଡ଼ିଆ ଅଭିନେତା ପୁପିନ୍ଦର ଓ ଅଭିନେତ୍ରୀ ସୁଲଗ୍ନା ମଞ୍ଚ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ପୂର୍ବତନ ସେନାଧିକାରୀ କ୍ୟାପ୍ଟେନ୍ ଦୁର୍ଯ୍ୟୋଧନ ମହାନ୍ତିଙ୍କୁ ସମ୍ମାନଜନକ 'ଭାରତ ଗୌରବ', ଡିଏଭି ସ୍କୁଲର ନିର୍ଦ୍ଦେଶକ ଡଃ କେଶବ ଚନ୍ଦ୍ର ଶତପଥିଙ୍କୁ 'ସେବା ଭାରତ', ଅବସରପ୍ରାପ୍ତ ଆଇଏଏସ୍ ଡଃ ଅରବିନ୍ଦ ବେହେରାଙ୍କୁ 'କଥା ଭାରତ', ଚଳଚ୍ଚିତ୍ର ନିର୍ମାତା ଓ ନିର୍ଦ୍ଦେଶକ ଡଃ ଶ୍ୱେତକୁମାର ଦାଶଙ୍କୁ 'ସଂସ୍କୃତି ଭାରତ', କ୍ରୀଡାବିତ୍ କିଶୋର ଜେନାଙ୍କୁ 'କ୍ରୀଡା ଭାରତ' ସମ୍ମାନରେ ସମ୍ମାନିତ କରାଯାଇଥିଲା। ସେହିପରି +୨ କଳା, ବାଣିଜ୍ୟ ଓ ବିଜ୍ଞାନରେ ଯଥାକ୍ରମେ ଶୀର୍ଷସ୍ଥାନ ଅଧିକାର କରିଥିବା ପ୍ରିୟଦର୍ଶିନୀ ଗଡନାୟକ, ଆର୍ଚ୍ଚି ଚିନ୍ମୟୀ ପ୍ରଧାନ ଓ ତପେଶ୍ୱର ବାଗଙ୍କୁ 'ବିଦ୍ୟା ଭାରତ' ସମ୍ମାନ ମିଳିଥିଲା। ଉତ୍ସବରେ ନନ୍ଦିତା ପଣ୍ଡାଙ୍କ ସମ୍ପାଦନା ଓ ବରିଷ୍ଠ ସାମ୍ବାଦିକ ପ୍ରଫୁଲ୍ଲ ମହାନ୍ତିଙ୍କ ସହଯୋଗୀ ସମ୍ପାଦନାରେ ପ୍ରସ୍ତୁତ ଭାରତ ମସଲାର ପତ୍ରିକା 'ସମ୍ଭବାମୀ ଭାରତ'କୁ ଅତିଥିମାନେ ଉନ୍ମୋଚନ କରିଥିଲେ। ଜିଏମ୍ (ଅପରେସନ) ଅରୁଣ କୁମାର ନାୟକ ବାର୍ଷିକ ବିବରଣୀ ପାଠ କରିଥିଲେ। ହାସ୍ୟ ଅଭିନେତା ପପୁ ପମପମ୍ ହାସ୍ୟ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଏଥିରେ ନିର୍ଦ୍ଦେଶକ ସୁମନ୍ତ କୁମାର ପଣ୍ଡା, ନିର୍ଦ୍ଦେଶକ ଶ୍ରୀମନ୍ତ କୁମାର ପଣ୍ଡା, ନିର୍ଦ୍ଦେଶକ ଦିଗନ୍ତ କୁମାର ପଣ୍ଡା, ଆଶୁତୋଷ ପଣ୍ଡା, ଏସଏନ ମିଲେନିୟମ, ଜିଏମ୍ ଅଶ୍ୱିନୀ କୁମାର ଦାସ, ଜିଏମ୍ (ପ୍ରଡକସନ୍) ନବକୃଷ୍ଣ ପ୍ରଧାନ, ପିଆର୍‌ଓ ଆଶିଷ ମନ୍ଥନ ପ୍ରମୁଖ ସହଯୋଗ କରିଥିଲେ।

# ଟିପିସିଓଡିଏଲ୍ ପକ୍ଷରୁ ପୂଜା ଋତୁ ପାଇଁ ସୁରକ୍ଷା ପରାମର୍ଶ

ଭୁବନେଶ୍ୱର,୨୭।୮ (ସମିସ): ଟାଟା ପାୱାର ଓ ଓଡ଼ିଶା ସରକାରଙ୍କ ଏକ ଯୌଥ ଉଦ୍ୟୋଗ ଟିପି ସେଣ୍ଟ୍ରାଲ୍ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ୍ (ଟିପିସିଓଡିଏଲ) ପକ୍ଷରୁ ଆଗାମୀ ଉତ୍ସବ ଋତୁ ସମୟରେ ଭରସାଯୋଗ୍ୟ ଓ ସୁରକ୍ଷିତ ବିଦ୍ୟୁତ୍ ଯୋଗାଣ ନିଶ୍ଚିତ କରିବା ପାଇଁ ବ୍ୟାପକ ପ୍ରତିଷେଧମୂଳକ ପଦକ୍ଷେପ ଗ୍ରହଣ କରାଯାଇଛି। ଲୋକମାନଙ୍କ ସୁରକ୍ଷା ପ୍ରତି ପ୍ରତିବଦ୍ଧତାକୁ ଦୃଢ଼ କରି ଟିପିସିଓଡିଏଲ୍ ପକ୍ଷରୁ ମାର୍ଗଦର୍ଶିକା ଜାରି କରାଯାଇଛି, ଯେଉଁଥିରେ କାର୍ଯ୍ୟକ୍ରମ ଆୟୋଜକ ଓ ଭେଣ୍ଡରମାନଙ୍କୁ ପେଣ୍ଡାଲ ଓ ଅସ୍ଥାୟୀ ଦୋକାନ ପାଇଁ ଆଇନଗତ ଅସ୍ଥାୟୀ ବିଦ୍ୟୁତ ସଂଯୋଗ ନେବାକୁ ପରାମର୍ଶ ଦିଆଯାଇଛି। ବେଆଇନ ହୁକ ପକାଇବା ପ୍ରତି ସତର୍କ କରାଯାଇଛି ଏବଂ କୁହାଯାଇଛି ଯେ ଏଭଳି ଅଭ୍ୟାସ ବେଆଇନ ହୋଇଥିବା ବେଳେ ଜୀବନ ପ୍ରତି ବିପଦ ସୃଷ୍ଟି କରିପାରେ ଏବଂ ଅଗ୍ନିକାଣ୍ଡର ବିପଦ ବଢ଼ାଇବାରେ ଏବଂ ଗମ୍ଭୀର ବିଦ୍ୟୁତ ବିଭ୍ରାଟର କାରଣ ହୋଇପାରେ। ବିଦ୍ୟୁତ ଯୋଗାଣର ନିରୀକ୍ଷଣ କରିବା, ଅସ୍ଥାୟୀ ବିଦ୍ୟୁତ ସଂଯୋଗ ପ୍ରଦାନ କରିବା ଏବଂ ଅସ୍ୱୀକୃତ ବିଦ୍ୟୁତ ବ୍ୟବହାର ରୋକିବା ଲାଗି ଟିପିସିଓଡିଏଲର ଉତ୍ସର୍ଗୀକୃତ ଟିମକୁ କ୍ଷେତ୍ର ସ୍ଥଳଗୁଡ଼ିକରେ ମୃତୟନ କରାଯିବ ବୋଲି ଟିପିସିଓଡିଏଲ୍‌ର ସିଇଓ ଶ୍ରୀ ଅରଭିନ୍ଦ୍ ସିଂହ କହିଛନ୍ତି।

# ଜେନେରାଲ ସେଣ୍ଟ୍ରାଲ ଇନସ୍ୟୁରାନ୍ସର ନୂଆ ଅଫରର ହେଲ୍‌ଥ ଏକ୍ସଟ୍ରା

ଭୁବନେଶ୍ୱର,୨୭।୮ (ସମିସ) : ଜେନେରାଲ ସେଣ୍ଟ୍ରାଲ ଇନସ୍ୟୁରାନ୍ସ କମ୍ପାନୀ ଲିମିଟେଡ୍ ପକ୍ଷରୁ ହେଲ୍‌ଥ ଏକ୍ସଟ୍ରା ନାମକ ଏକ ନୂଆ ଅଫରର ଶୁଭାରମ୍ଭ କରାଯାଇଛି। ଏକ ବିସ୍ତୃତ ସ୍ୱାସ୍ଥ୍ୟ ବୀମା ଯୋଜନା, ହେଲଥ ଏକ୍ସଟ୍ରାରେ ଡାକ୍ତରଖାନାରେ ଭର୍ତ୍ତି ହେବା ପୂର୍ବରୁ ଚିକିତ୍ସା ଏବଂ ଡାକ୍ତରଖାନାରେ ଭର୍ତି ହେବା ପୂର୍ବରୁ ଖର୍ଚ୍ଚ, ସଡ଼କ ଆମ୍ବୁଲାନ୍ସ ଖର୍ଚ୍ଚ, ଆଧୁନିକ ଚିକିତ୍ସା, ଆୟୁଷ ଚିକିତ୍ସା ଏବଂ ଓପିଡି ସୁବିଧା ସହିତ ଅତିରିକ୍ତ ଅନ୍ୟାନ୍ୟ ମୂଲ୍ୟ ଯୁକ୍ତ ସେବା ଏବଂ ସୁସ୍ଥତା ଯତ୍ନ ଅନ୍ତର୍ଭୁକ୍ତ ହେବ। ଜେନେରାଲି ସେଟ୍ରାଲ ଇନସ୍ୟୁରାନ୍ସ କମ୍ପାନୀ ଲିମିଟେଡର ମୁଖ୍ୟ ବିତରଣ ଅଧିକାରୀ ରମିତ୍ ଗୋୟଲ ହେଲ୍ଥ ଏକ୍ସଟ୍ରାର ଶୁଭାରମ୍ଭ ଅବସରରେ କହିଛନ୍ତି ଯେ 'ବର୍ତ୍ତମାନର ଆକଳନରୁ ଜଣାପଡୁଛି ଯେ ଭାରତର ପ୍ରାୟ ଏକ ତୃତୀୟାଂଶ ଜନସଂଖ୍ୟା କୌଣସି ପ୍ରକାରର ସ୍ୱାସ୍ଥ୍ୟ ବୀମାରୁ ବଞ୍ଚିତ।

# କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ଦ୍ୱାରା ଟାଟା ଷ୍ଟିଲ୍‌ର ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟନ



ଅନୁଗୋଳ/ଢେଙ୍କାନାଳ/ବଅଁରପାଳ, ୨୭।୮ (ସମିସ): ଗଣେଶ ପୂଜା ଅବସରରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆଜି ଅନୁଗୋଳ ଓ ଢେଙ୍କାନାଳରେ ଟାଟା ଷ୍ଟିଲ୍ ଫାଉଣ୍ଡେସନର ବିଭିନ୍ନ ସାମାଜିକ ଭିତ୍ତିଭୂମି ପ୍ରକଳ୍ପର ଶିଳାନ୍ୟାସ ଓ ଲୋକାର୍ପଣ କରିବା ସହ ବୃକ୍ଷରୋପଣ ଅଭିଯାନର ଶୁଭାରମ୍ଭ କରିଛନ୍ତି। କେନ୍ଦ୍ରମନ୍ତ୍ରୀ ପ୍ରଧାନ ଅନୁଗୋଳ ବଅଁରପାଳଠାରେ ଟାଟା ଷ୍ଟିଲ୍ ଫାଉଣ୍ଡେସନର ସାମାଜିକ ଭିତ୍ତିଭୂମି ପ୍ରକଳ୍ପଗୁଡ଼ିକର ଉଦଘାଟନ କରିବା ସହ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ସନ୍ତ୍ରି ଛକରୁ ମହିଧର ଦେଇ ହାତୁରା ପର୍ଯ୍ୟନ୍ତ ୨୦ କିମି ବ୍ୟାପୀ ସୌରଶକ୍ତି ପରିଚାଳିତ ରାସ୍ତା ଆଲୋକୀକରଣ ଏବଂ ଏନଏଚ୍ -୫୫ର ଇଟାପଠାରୁ ନୂଆହତା ପର୍ଯ୍ୟନ୍ତ ୩ କିମି ବ୍ୟାପୀ ଆଲୋକୀକରଣ ବ୍ୟବସ୍ଥାର ଭୂମିପୂଜନ କରିଥିଲେ। ଅନୁଗୋଳ ବଅଁରପାଳ ବ୍ଲକ ନୂଆହତାରେ ସିମେଣ୍ଟ କଂକ୍ରିଟ ରାସ୍ତା ଓ ଡ୍ରେନ୍ ନିର୍ମାଣ, ଗୋଷ୍ଠୀ କେନ୍ଦ୍ର, ହାଇମାଷ୍ଟ ଓ ଷ୍ଟ୍ରିଟଲାଇଟର ବ୍ୟବସ୍ଥାର ଶୁଭାରମ୍ଭ ହୋଇଥିଲା। ସେହିପରି ଢେଙ୍କାନାଳର ହିନ୍ଦୋଳ ଏବଂ ଓଡ଼ାପଡ଼ା ବ୍ଲକରେ ସୂଚନା କେନ୍ଦ୍ର, ନରେନ୍ଦ୍ରପୁର ବିଦ୍ୟାଳୟ, ହାଇମାଷ୍ଟ ଏବଂ ଷ୍ଟ୍ରିଟ ଲାଇଟ୍ ସୁବିଧା ମଧ୍ୟ ଲୋକାର୍ପିତ ହୋଇଯାଇଛି। ଏହି ପଦକ୍ଷେପ ପାଇଁ ଶ୍ରୀ ପ୍ରଧାନ ଟାଟା ଷ୍ଟିଲ ଫାଉଣ୍ଡେସନକୁ ଶୁଭେଚ୍ଛା ଜଣାଇବା ସହ ଆଲୋକୀକରଣ ପ୍ରକଳ୍ପ ଦ୍ୱାରା ଲୋକମାନଙ୍କ ଯାତାୟତ ସହଜ ଓ ସୁରକ୍ଷିତ ହେବ ବୋଲି କହିଛନ୍ତି।

ଏହି କାର୍ଯ୍ୟକ୍ରମ ପୂର୍ବରୁ ଶ୍ରୀ ପ୍ରଧାନ ଢେଙ୍କାନାଳ ଶିବପୁର ସ୍ଥିତ ଟାଟା ଷ୍ଟିଲ ମେରାମଣ୍ଡଳୀ ଜୈବବିବିଧତା ପାର୍କ ପରିସରରେ "ଏକ୍ ପେଡ୍ ମା' କେ ନାମ୍ ୨.୦' ଅଭିଯାନ ଅଧୀନରେ ବୃକ୍ଷରୋପଣ କରିଥିଲେ। ଶିଳ୍ପାଞ୍ଚଳ ଢେଙ୍କାନାଳରେ ପର୍ଯ୍ୟାବରଣକୁ ସୁରକ୍ଷିତ ରଖିବା ପାଇଁ ଜଙ୍ଗଲ ସୃଷ୍ଟି କରିବାର ଅଭିନବ ପ୍ରୟାସ କରିଥିବାରୁ ଟାଟା ଷ୍ଟିଲ ଫାଉଣ୍ଡେସନକୁ ଧନ୍ୟବାଦ ଜଣାଇଛନ୍ତି କେନ୍ଦ୍ରମନ୍ତ୍ରୀ।

# ଫୋନ୍‌ପେ ପକ୍ଷରୁ ଗୃହ ବୀମା ଅଫର୍

ଭୁବନେଶ୍ୱର,୨୭।୮ (ସିମସ): ଫୋନପେ ପକ୍ଷରୁ ଆଜି ଏହାର ନୂତନ ଗୃହ ବୀମା ଉତ୍ପାଦ ଶୃଙ୍ଖଳାର ଶୁଭାରମ୍ଭ କରାଯାଇଛି। ଯାହାକୁ ଘର ମାଲିକଙ୍କୁ ନିଜ ଘରକୁ ସୁରକ୍ଷିତ ରଖିବା ପାଇଁ ଏକ ସରଳ ଓ ସୁଲଭ ସମାଧାନ ପ୍ରଦାନ କରିବା ଲାଗି ଡିଜାଇନ କରାଯାଇଛି। ମାତ୍ର ୧୮୧ ଟଙ୍କା ମୂଲ୍ୟରେ ଫୋନପେ ଉପଭୋକ୍ତାମାନେ ଅଗ୍ନିକାଣ୍ଡ, ବନ୍ୟା, ଭୂମିକମ୍ପ ଓ ଚୋରି ଭଳି ୨୦ରୁ ଅଧିକ ବିପର୍ଯ୍ୟୟ ବିରୋଧରେ ନିଜ ଘରକୁ ସୁରକ୍ଷା ପ୍ରଦାନ କରିପାରିବେ। ୧୦ ଲକ୍ଷ ଟଙ୍କାରୁ ୧୨.୫ କୋଟି ଟଙ୍କା ପର୍ଯ୍ୟନ୍ତ କଭରେଜ ପାଇଁ ସର୍ବନିମ୍ନ ୧୮୧ ଟଙ୍କାରୁ ଆରମ୍ଭ ହେଉଥିବା ପ୍ରିମିୟମ (ଜିଏସଟି ସମେତ) ସହିତ ଉପଭୋକ୍ତାମାନେ ଫୋନପେ ମାଧ୍ୟମରେ ସିଧାସଳଖ ନିଜ ଘରର ଢାଂଚା ଓ ସେଥିରେ ଥିବା ସାମଗ୍ରୀଗୁଡିକୁ ବୀମାଭୁକ୍ତ କରିପାରିବେ।

# ଆମେରିକା ଛାଡ଼ି ୪୦ ଦେଶ ସହ ଯୋଗାଯୋଗରେ ଭାରତ

**ଟ୍ରମ୍ପଙ୍କୁ ମିଳିବ କଡ଼ା ଜବାବ !**

ନୂଆଦିଲ୍ଲୀ,୨୭।୮ (ଏଜେନ୍ସି): ଟ୍ରମ୍ପଙ୍କ ଟାରିଫ୍‌ର ସବୁଠୁ ଅଧିକ ପ୍ରଭାବ ଦେଶର ବୟନ ଉଦ୍ୟୋଗ ଉପରେ ପଡ଼ିବାକୁ ଯାଉଛି। ଆମେରିକା ରାଷ୍ଟ୍ରପତି ଭାରତ ଉପରେ ମୋଟ ୫୦ ପ୍ରତିଶତ ଟାରିଫ୍ ଲଗାଇଛନ୍ତି, ଯେଉଁଥିରେ ୨୫% ଜୋରିମାନା ଭାବରେ ରହିଛି। ଆମେରିକାର ଏହି ନିଷ୍ପତ୍ତିକୁ ଭାରତ ଏକତରଫା ଓ ମନମନି ବୋଲି କହିଛି। ଏହାସହ ଟାରିଫ୍ ପ୍ରଭାବକୁ କମ କରିବା ପାଇଁ ଦ୍ୱିତୀୟ ବିକଳ୍ପ ଉପରେ ବି ଚିନ୍ତା କରିବା ଆରମ୍ଭ କରିଛି। ଭାରତ ସରକାର ଏବେ ଆମେରିକୀୟ ବଜାରର ବିକଳ୍ପ ରୂପେ ୪୦ ଅନ୍ୟ ବଜାର ଅର୍ଥାତ୍ ଅନ୍ୟ ଦେଶକୁ ପୋଷାକ ରପ୍ତାନୀ ଉପରେ ବିଚାର କରୁଛି। ରିପୋର୍ଟ ଅନୁସାରେ ଆମେରିକାର ଟାରିଫ୍ ପ୍ରଭାବକୁ କମ୍ କରିବା ପାଇଁ ଭାରତ ଅନ୍ୟ ଦେଶ ବଜାରକୁ ନେଇ ରଣନୀତି କରୁଛି। ନିଜର ବୟନ ସାମଗ୍ରୀ ରପ୍ତାନୀ ପାଇଁ ବ୍ରିଟେନ, ଜାପାନ ଓ ଦକ୍ଷିଣ କୋରିଆ ସମେତ ୪୦ ପ୍ରମୁଖ ବଜାରରେ ପହଞ୍ଚିବା ପାଇଁ ଯୋଜନା ପ୍ରସ୍ତୁତ କରୁଛି। ନୂଆ ୪୦ ଦେଶରେ ପହଞ୍ଚିବା ଲକ୍ଷ୍ୟ ଉଭୟ ପାରମ୍ପରିକ ଓ ନୂଆ, ଉଭୟ ବଜାରରେ ନିଜ ଉପସ୍ଥିତିକୁ ବଢାଇବା ଉପରେ କେନ୍ଦ୍ରିତ। ଏହି ଦେଶଗୁଡ଼ିକର ମିଳିତ ବୟନ ଏବଂ ପୋଷାକ ଆମଦାନୀ ୫୯୦ ବିଲିୟନ ଡଲାର, ଯାହା ଭାରତୀୟ ରପ୍ତାନିକାରୀଙ୍କ ପାଇଁ ସୁଯୋଗ ରୂପେ ଦେଖାଯାଉଛି। ବର୍ତ୍ତମାନ, ଏହି ବଜାରଗୁଡ଼ିକରେ ଭାରତର କେବଳ ୫-୬ ପ୍ରତିଶତ ଅଂଶ ରହିଛି।

## ଆଜିର ରାଶିଫଳ

**ମେଷ:** ଦିନଟି ଶୁଭଫଳ ପ୍ରଦାନ କରିବ। ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ଜୀବନସାଥୀଙ୍କ ବ୍ୟବହାରରେ ଖୁସି ହେବେ। ପ୍ରେମ ସମ୍ବନ୍ଧ ମଜଭୁତ ହେବ।

**ବୃଷ:** ବିବାହ ପ୍ରସ୍ତାବ ସ୍ଥିର ହେବ। ସମାଜରେ ପ୍ରତିଷ୍ଠା ବଢ଼ିବ। ଛାତ୍ରଛାତ୍ରୀ କଠିନ ପରିଶ୍ରମ କରିବେ। କୋର୍ଟ ମାମଲାରେ ସଫଳତା ହାସଲ କରିବେ। ମହିଳାମାନେ କିଣାକିଣିରେ ଅଧିକ ଖର୍ଚ୍ଚ କରିବେ।

**ମିଥୁନ:** ରାଜନୀତିରେ ସଫଳତା ମିଳିବ। ଚାକିରିରେ ପଦୋନ୍ନତି ସମ୍ଭାବନା ଅଛି। ବାଦବିବାଦ ତଥା ଧାରକରଜରୁ ଦୂରେଇ ରହିବେ। ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ।

**କର୍କଟ:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ବ୍ୟବସାୟ ଜନିତ ସମସ୍ୟା ସମାଧାନ ହେବ। ଅଫିସ୍‌ରେ ସହକର୍ମୀଙ୍କ ସହଯୋଗ ମିଳିବ। ଏକାଗ୍ରତାର ସହ କାମ କରିବେ। ସନ୍ତାନ ସୁଖ ପ୍ରାପ୍ତ ହେବ।

**ସିଂହ:** ବନ୍ଧୁ ମିଳନ ଯୋଗ ଅଛି। ଘରେ ପୂଜାପାଠ ଆୟୋଜନ କରିବେ। ପ୍ରେମ ସମ୍ବନ୍ଧରେ ତିକ୍ତତା ଦେଖା ଦେବ। ଜୀବନସାଥୀଙ୍କ ଠାରୁ ଉପହାର ପାଇବେ। କାର୍ଯ୍ୟକ୍ଷେତ୍ରରେ ସମସ୍ୟା ଦୂର ହେବ।

**କନ୍ୟା:** ଭାଇଭଉଣୀଙ୍କ ମଧ୍ୟରେ ଭୁଲ ବୁଝାମଣା ଦୂର ହେବ। ସକାରାତ୍ମକ ଚିନ୍ତାଧାରାରେ କାର୍ଯ୍ୟ କରିବେ। ନିବେଶ ପାଇଁ ଅନୁକୂଳ ସମୟ ନୁହେଁ। ବ୍ୟବସାୟ ପାଇଁ ନୂଆ ଯୋଜନା କରିବେ।

**ତୁଳା:** କାମ ଆରମ୍ଭ କରିବା ପୂର୍ବରୁ ଗୁରୁଜନଙ୍କ ପରାମର୍ଶ ନେବେ। ସରକାରୀ ଚାକିରି ପାଇଁ ସମୟ ଲାଗିବ। ବିଦ୍ୟାର୍ଥୀ କଠିନ ପରିଶ୍ରମ କରିବେ। ଦାମ୍ପତ୍ୟ ଜୀବନରେ ମତଭେଦ ସୃଷ୍ଟି ହେବ।


**ବିଛା:** ଅଫିସ୍ କାର୍ଯ୍ୟ ଠିକ୍ ସମୟରେ ପୂରା କରିବେ। ବରିଷ୍ଠ ଅଧିକାରୀ କାମ ପାଇଁ ପ୍ରଶଂସା କରିବେ। ଗରିବ ଲୋକଙ୍କୁ ସାହାଯ୍ୟ କରିବେ। ତୈଳାକ୍ତ ଖାଦ୍ୟ ପଦାର୍ଥରୁ ଦୂରେଇ ରହିବେ।

**ଧନୁ:** ଶାନ୍ତ ମନରେ କାର୍ଯ୍ୟ କରିବେ। ବ୍ୟବସାୟରେ ସଫଳ ହେବେ। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ। ଆର୍ଥିକ ସ୍ଥିତି ମଜଭୁତ ହେବ। ପରିବାର ସଦସ୍ୟଙ୍କୁ ସମୟ ଦେବେ।

**ମକର:** ପୁରୁଣା ବନ୍ଧୁଙ୍କ ସହ ଦେଖାସାକ୍ଷାତ ହେବ। ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ବନ୍ଧୁଙ୍କ ସହ ଆଲୋଚନା କରିବେ। ଅଟକିଥିବା କାର୍ଯ୍ୟ ପୂରା ହେବ। ଧାର୍ମିକ ସ୍ଥାନକୁ ଯାତ୍ରା କରିବେ।

**କୁମ୍ଭ:** ଇଚ୍ଛା ପୂରଣ ହେବ। ଛାତ୍ରଛାତ୍ରୀ କ୍ୟାରିୟର ପାଇଁ ନୂଆ ଯୋଜନା କରିବେ। ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି। ବିରୋଧୀଙ୍କଠାରୁ ଦୂରେଇ ରହିବେ। ଅଧିକ ଖର୍ଚ୍ଚାନ୍ତ ହେବେ।

**ମୀନ:** ମନ ପ୍ରସନ୍ନ ରହିବ। ନୂଆ ଯୋଜନା ସହ କାମ ଆରମ୍ଭ କରିବେ। ଆର୍ଥିକ ସ୍ଥିତିରେ ସୁଧାର ଆସିବ। ସାଙ୍ଗସାଥୀଙ୍କ ସହିତ ସମୟ ଅତିବାହିତ କରିବେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।






# କ୍ରୀଡ଼ା



ୟୁଏସ୍ ଓପନ ଟେନିସ

# ସିନ୍ନର, ଜ୍ୱେରେଭଙ୍କ ବିଜୟ ଅଭିଯାନ

ନ୍ୟୁୟର୍କ,୨୭।୮ (ଏଜେନ୍ସି)

ବିଶ୍ୱର ନଂ-୧ ଖେଳାଳି ଜାନିକ ସିନ୍ନର ଏବଂ ନଂ-୩ ସିଡ୍ ଆଲେକ୍‌ଜାଣ୍ଡର ଜ୍ୱେରେଭ ୟୁଏସ୍ ଓପନ ପୁରୁଷ ଏକକ ବିଭାଗରେ ବିଜୟ ଅଭିଯାନ ଆରମ୍ଭ କରିଛନ୍ତି। ତାଙ୍କ ସହ ଯୋଗଦେଇଛନ୍ତି ୮ମ ସିଡ୍ ଆଲେକ୍ସ ଡି ମିନାଉର, ନଂ-୧୪ ସିଡ୍ ଟମି ପଲ୍, ନଂ-୨୬ ସିଡ ଷ୍ଟିଫାନସ ସିତସିପାସ, ୨୫ତମ ସିଡ୍ ଫେଲିକ୍ସ ଅଗର ଆଲିସିମେ ମଧ୍ୟ ସେମାନଙ୍କ ପ୍ରଥମ ରାଉଣ୍ଡରେ ବିଜୟ ହାସଲ କରିଛନ୍ତି। ପୂର୍ବରୁ କାର୍ଲୋସ ଅଲକାରାଜ ମଧ୍ୟ ପ୍ରଥମ ରାଉଣ୍ଡରେ ପ୍ରବେଶ କରିଥିଲେ। ଏହା ଫଳରେ ପ୍ରଥମ ରାଉଣ୍ଡରେ ଡାନିଏଲ ମେଦଭେଦେଭଙ୍କୁ ବାଦ୍ ଦେଲେ ଅନ୍ୟ କୌଣସି ବଡ଼ ଖେଳାଳି ପ୍ରଥମ ରାଉଣ୍ଡରୁ ବିଦା ହୋଇ ନାହାନ୍ତି।



ଜାନିକ ସିନ୍ନର

ମଙ୍ଗଳବାର ରାତିରେ ଖେଳାଯାଇଥିବା ପୁରୁଷ ଏକକ ମୁକାବିଲାରେ ଜର୍ମାନୀର ଜ୍ୱେରେଭ୍ ପ୍ରଥମ ରାଉଣ୍ଡରେ ଚିଲିର ଆଲେଜାଣ୍ଡ୍ରୋ ତାବିଲୋଙ୍କୁ ୩-୦ ସେଟ୍‌ରେ ପରାସ୍ତ କରିଥିଲେ। ଏହି ମ୍ୟାଚ୍‌କୁ ସିନ୍ନର ୬-୨, ୭-୬, ୬-୪ ସିଧାସଳଖ ସେଟ୍‌ରେ ଜିତି ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଥିଲେ। ଦ୍ୱିତୀୟ ରାଉଣ୍ଡରେ ସେ ବ୍ରିଟେନର ଜ୍ୟାକବ୍ ଫିଅର୍ଣ୍ଣଲୀଙ୍କୁ ଭେଟିବେ। ଟପ୍ ସିଡ ସିନ୍ନର ମଧ୍ୟ ୩-୦ରେ ଚେକ୍ ରିପବ୍ଲିକ୍‌ର ଭିଟ୍ କୋପ୍ରିଭାଙ୍କୁ ହରାଇଥିଲେ। ସିନ୍ନର ଅତି ସହଜରେ ଏହି ମୁକାବିଲାକୁ ୬-୧, ୬-୧, ୬-୨ରେ ଜିତିନେଇଥିଲେ। ଦ୍ୱିତୀୟ ରାଉଣ୍ଡରେ ସେ ଅଷ୍ଟ୍ରେଲିଆର ଆଲେକ୍ସ ପପିରିନ୍‌ଙ୍କୁ ଭେଟିବେ। ଅନ୍ୟମାନଙ୍କ ମଧ୍ୟରେ ୮ମ ସିଡ୍ ଆଲେକ୍ସ ଡି ମିନାଉର ୬-୩, ୬-୪, ୬-୪ ସେଟ୍‌ରେ ଖ୍ରୀଷ୍ଟୋଫର ଓ'କନ୍ନେଲଙ୍କୁ ହରାଇଥିଲେ। ୧୪ତମ ସିଡ୍ ଟମି ପଲ ୬-୩, ୬-୩, ୬-୧ରେ ଏଲମେର ମୋଲରଙ୍କୁ ଓ ୨୬ତମ ସିଡ୍ ୪-୬, ୬-୦, ୬-୧, ୭-୬ରେ ଆଲେକଜାଣ୍ଡେ ମୁଏଲରଙ୍କୁ ହରାଇ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି।

## ତୃତୀୟ ରାଉଣ୍ଡରେ ନାଭାରୋ, ଆଜରେଙ୍କା ଓ ରାଡୁକାନୁ



୧୦ମ ସିଡ୍ ଆମେରିକାର ଏମ୍ମା ନାଭାରୋ, ବେଲାରୁଷର ୩୬ ବର୍ଷିୟା ଭିକ୍ଟୋରିଆ ଆଜରେଙ୍କା ଓ ଯୁକ୍ତରାଜ୍ୟର ଏମ୍ମା ରାଡୁକାନୁ ୟୁଏସ୍ ଓପନ ମହିଳା ଏକକ ତୃତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ବୁଧବାର ସନ୍ଧ୍ୟାରେ ଖେଳାଯାଇଥିବା ମ୍ୟାଚ୍‌ରେ ରାଡୁକାନୁ ୬-୨, ୬-୧ରେ ଜେନିସ ଜେନ୍‌ଙ୍କୁ, ଆଜରେଙ୍କା ୬-୩, ୬-୩ରେ ରୁଷର ଆନାସ୍ତାସିଆ ପାଭ୍ଲ୍ୟୁଚେଙ୍କୋଭାଙ୍କୁ ଓ ନାଭାରୋ ନିଜ ଦେଶର କ୍ୟାଟି ମ୍ୟାକ୍‌ନାଲୀଙ୍କୁ ହରାଇ ତୃତୀୟ ରାଉଣ୍ଡରେ ସ୍ଥାନ ପାଇଛନ୍ତି। ପୂର୍ବରୁ ମହିଳା ବିଭାଗରେ ଦୁଇ ଚର୍ଚ୍ଚିତ ଖେଳାଳି ନଂ-୩ ସିଡ୍ ଆମେରିକାର କୋକୋ ଗଫ୍ ଓ ୨୩ତମ ସିଡ୍ ଜାପାନର ନାଓମି ଓସାକା ପ୍ରଥମ ରାଉଣ୍ଡ ଅତିକ୍ରମ କରିଛନ୍ତି। ପୁରୁଷ ଦ୍ୱିତୀୟ ରାଉଣ୍ଡରେ ରେକର୍ଡଧାରୀ ନୋଭାକ ଜୋକୋଭିଚ୍‌ଙ୍କ ବିପକ୍ଷରେ ଆମେରିକାର ୨୨ ବର୍ଷୀୟ ଜ୍ୟାକରୀ ସାଇଦା ପ୍ରଥମ ସେଟ୍‌କୁ ୭-୬ରେ ଜିତିନେଇଛନ୍ତି।

## ଆଇପିଏଲ୍ ଛାଡ଼ିଲେ ଅଶ୍ୱିନ



ଚେନ୍ନଇ,୨୭।୮ (ଏଜେନ୍ସି): ନିଜ ମତ ଓ ମନ୍ତବ୍ୟ ଦ୍ୱାରା ବିବାଦୀୟ ହେବା ପରେ ସ୍ପିନ୍ ଅଲରାଉଣ୍ଡର ରବିଚନ୍ଦ୍ରନ ଅଶ୍ୱିନ୍ ଆଇପିଏଲ୍‌କୁ ଅଲବିଦା କହିଛନ୍ତି। ଦୀର୍ଘ ବର୍ଷ ଧରି ସେ ୫ଟି ଭିନ୍ନ ଭିନ୍ନ ଫ୍ରାଞ୍ଚାଇଜ୍ ପକ୍ଷରୁ ୨୨୧ଟି ମ୍ୟାଚ ଖେଳି ୧୮୭ଟି ୱିକେଟ ଓ ୮୩୩ ରନ୍ କରିଛନ୍ତି। ଗତବର୍ଷ ଡିସେମ୍ବରରେ ସେ ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ଗ୍ରହଣ କରିଥିଲେ। ଆଇପିଏଲ୍‌କୁ ଅଲବିଦା କହିବା ପରେ ଏବେ ବିଶ୍ୱରେ ଖେଳାଯାଉଥିବା ଅନ୍ୟ ଟି-୨୦ ଲିଗ୍‌ରେ ଖେଳିବାକୁ ପ୍ରସ୍ତୁତି କରୁଛନ୍ତି ବୋଲି ଅଶ୍ୱିନ କହିଛନ୍ତି। ଚେନ୍ନାଇ ସୁପର କିଙ୍ଗ୍‌ସ ପକ୍ଷରୁ ଖେଳୁଥିବା ବେଳେ ଦଳ ୨୦୧୦ ଓ ୨୦୧୧ରେ ଦୁଇଥର ଚାମ୍ପିଅନ ହୋଇଥିଲା। ଟେଷ୍ଟ କ୍ରିକେଟରେ ଅନୀଲ କୁମ୍ବଲେ ୬୨୧ଟି ୱିକେଟ ନେଇ ପ୍ରଥମ ଓ ଅଶ୍ୱିନ ୫୩୭ଟି ୱିକେଟ ନେଇ ଦ୍ୱିତୀୟ ସ୍ଥାନରେ ରହିଛନ୍ତି।

## ବାସନ୍ଦ ହୋଇପାରେ ଏଆଇଏଫ୍‌ଏଫ୍

ନୂଆଦିଲ୍ଲୀ,୨୭।୮ (ଏଜେନ୍ସି): ଫିଫା ଓ ଏଏଫ୍‌ସିର ନିର୍ଦ୍ଦେଶାବଳୀ ଅନୁଯାୟୀ ସମ୍ବିଧାନ ପରିବର୍ତ୍ତନ ନ କଲେ ଏହାକୁ ବାସନ୍ଦ କରାଯିବ ବୋଲି ଧମକ ଦିଆଯାଇଛି। ଅକ୍ଟୋବର ୩୦ ତାରିଖ ସୁଦ୍ଧା ପରିବର୍ତ୍ତିତ ସମ୍ବିଧାନ ଭାରତର ସୁପ୍ରିମକୋର୍ଟ ଏବଂ ଏଆଇଏଫଏଫ୍ ଜେନରୋଲ ବଡ଼ି ଦ୍ୱାରା ସ୍ୱୀକୃତି ପାଇବା ଆବଶ୍ୟକ। ଏହା ନ ହେଲେ ଏଆଇଏଫ୍‌ଏଫ୍‌କୁ ବାସନ୍ଦ କରାଯାଇପାରେ ବୋଲି ଫିଫା ଓ ଏଏଫ୍‌ସି ପକ୍ଷରୁ ମିଳିତ ଭାବେ ଧମକ ଦିଆଯାଇଛି।

## ଭାରତର ବ୍ୟସ୍ତବହୁଳ କାର୍ଯ୍ୟକ୍ରମ

ନୂଆଦିଲ୍ଲୀ,୨୭।୮ (ଏଜେନ୍ସି): ଇଂଲଣ୍ଡ ବିପକ୍ଷରେ ଜବରଦସ୍ତ ଟେଷ୍ଟ ସିରିଜ୍ ଖେଳିବା ପରେ ଭାରତୀୟ କ୍ରୀଡ଼ା ଜଗତରେ କିଛିଦିନ ବିଶେଷ କାର୍ଯ୍ୟକ୍ରମ ନ ଥିଲା। ଏବେ ଚଳିତମାସ ଶେଷରୁ ପୁଣିଥରେ ଭାରତର କ୍ରୀଡ଼ା କାର୍ଯ୍ୟକ୍ରମ ବ୍ୟସ୍ତବହୁଳ ହୋଇଯିବ। ଅଗଷ୍ଟ ୨୮ ବା ଆସନ୍ତାକାଲିଠାରୁ ବେଙ୍ଗାଲୁରୁରେ ଘରୋଇ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଆରମ୍ଭ ହେବ। ଏହା ପରଦିନ ଅର୍ଥାତ୍ ଅଗଷ୍ଟ ୨୯ରୁ ବିହାରର ରାଜଗିର୍‌ରେ ପୁରୁଷ ଏସିଆ କପ୍ ହକି ଖେଳାଯିବ। ମହିଳା ଏସିଆ କପ୍ ହକି ସେପ୍ଟେମ୍ବର ୫ରୁ ଚୀନ୍‌ର ହାଙ୍ଗଝୋଉଠାରେ ଖେଳାଯିବ। ସେହିପରି କ୍ରିକେଟରେ ମଧ୍ୟ ଏସିଆ କପ୍‌ରୁ ଭାରତୀୟ ପୁରୁଷ ଦଳର କାର୍ଯ୍ୟକ୍ରମ ଆରମ୍ଭ ହେବ। ୟୁଏଇରେ ସେପ୍ଟେମ୍ବର ୯ରୁ ୨୮ ଯାଏ ଏସିଆ କପ୍ କ୍ରିକେଟ ଖେଳାଯିବ। ମହିଳା କ୍ରିକେଟ ଦଳ ପ୍ରଥମେ ଅଷ୍ଟ୍ରେଲିଆ ସହ ଘରୋଇ ମାଟିରେ ସେପ୍ଟେମ୍ବର ୧୪, ୧୭ ଓ ୨୦ରେ ୩ଟି ଦିନିକିଆ ମ୍ୟାଚ୍ ଖେଳିବ। ଏହା ପରେ ସେପ୍ଟେମ୍ବର ୩୦ରୁ ଭାରତରେ ଦିନିକିଆ ବିଶ୍ୱକପ୍ ଆରମ୍ଭ ହେବ। ଏହା ମଧ୍ୟରେ ୧୯ ବର୍ଷରୁ କମ୍ ଭାରତୀୟ କ୍ରିକେଟ ଦଳ ଅଷ୍ଟ୍ରେଲିଆ ଗସ୍ତରେ ଯିବ। ଏଣୁ ସେପ୍ଟେମ୍ବର ମାସ ଭାରତୀୟ କ୍ରିକେଟ ଓ ହକି ଲାଗି ବ୍ୟସ୍ତ ରହିବ।

## ଅହମଦାବାଦ୍‌ରେ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଆୟୋଜନ 'ବିଡ୍' ଲାଗି କ୍ୟାବିନେଟ ସ୍ୱୀକୃତି

ନୂଆଦିଲ୍ଲୀ,୨୭।୮ (ଏଜେନ୍ସି): ଭାରତରେ ୨୦୩୦ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଆୟୋଜନ ଲାଗି ବିଡ୍ ଦାଖଲ କରିବା ସକାଶେ କେନ୍ଦ୍ର କ୍ୟାବିନେଟ୍‌ର ମୋହର ଲାଗିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ବସିଥିବା କ୍ୟାବିନେଟ ବୈଠକରେ ଏହା ପାସ୍ ହୋଇଛି ଓ ଅହମ୍ମଦାବାଦ୍‌କୁ ଭେନ୍ୟୁ ଭାବେ ଚୟନ କରାଯାଇଛି। ଅହମ୍ମଦାବାଦ୍‌ରେ ସମସ୍ତ ଖେଳ ଲାଗି ଉନ୍ନତ ସୁବିଧା ସୁଯୋଗ ରହିଛି ବୋଲି ପ୍ରଧାନମନ୍ତ୍ରୀ ମୋଦି କହିଥିଲେ। ରାଜ୍ୟଗୋଷ୍ଠୀ କ୍ରୀଡ଼ା ଆୟୋଜନ ଲାଗି ବିଡ୍ ଦାଖଲ କରିବା ସକାଶେ କେନ୍ଦ୍ର କ୍ରୀଡ଼ା ମନ୍ତ୍ରଣାଳୟ ପକ୍ଷରୁ ପ୍ରସ୍ତାବ ଦିଆଯାଇଥିଲା। ବିଡ଼ ଦାଖଲର ଶେଷ ତାରିଖ ହେଉଛି ଅଗଷ୍ଟ ୩୧ ତାରିଖ। ଏହାର ଅର୍ଥ ଆସନ୍ତା ୪୮ ଘଣ୍ଟା ମଧ୍ୟରେ ସମସ୍ତ କାଗଜପତ୍ର ପ୍ରସ୍ତୁତି କରିବାକୁ ହେବ। ଶେଷଥର ଭାରତ ୨୦୧୦ ନୂଆଦିଲ୍ଲୀରେ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଆୟୋଜନ କରିଥିଲା। ଗ୍ଲାସ୍‌ଗୋରେ ନଭେମ୍ବର ମାସ ଦ୍ୱିତୀୟ ସପ୍ତାହରେ ହେବାକୁ ଥିବା ରାଜ୍ୟଗୋଷ୍ଠୀ ଜେନେରାଲ ଆସେମ୍ବ୍ଲିରେ କେଉଁ ଦେଶ ଆୟୋଜନ କରିବା ତାହା ସ୍ଥିର ହେବ। ୨୦୩୦ ଲାଗି ଆଶାୟୀ ଥିବା କାନାଡା ଓହରିଯିବାରୁ ଭାରତର ଆୟୋଜନ କରିବା ଆଶା ଦୃଢ଼ୀଭୂତ ହୋଇଛି।

## ଆଜିଠାରୁ ଦୁଲୀପ ଟ୍ରଫି

ବେଙ୍ଗାଲୁରୁ,୨୭।୮ (ଏଜେନ୍ସି): ଜୋନାଲ ଫର୍ମାଟକୁ ଫେରିଥିବା ଦୁଲୀପ ଟ୍ରଫି କ୍ରିକେଟ ଆସନ୍ତାକାଲିଠାରୁ ଆରମ୍ଭ ହେବ। ଆସନ୍ତାକାଲି ପ୍ରଥମ ଦିନ ମ୍ୟାଚ୍‌ରେ ଅଭିମନ୍ୟୁ ଈଶ୍ୱରନ ପୂର୍ବାଞ୍ଚଳ ସହ ଉତ୍ତରାଞ୍ଚଳ ମଧ୍ୟରେ କ୍ୱାର୍ଟର ଫାଇନାଲ ଖେଳାଯିବ। ସେହିପରି କେନ୍ଦ୍ରାଞ୍ଚଳ ଓ ଉତ୍ତରପୂର୍ବାଞ୍ଚଳ ମଧ୍ୟରେ ଦ୍ୱିତୀୟ କ୍ୱାର୍ଟର ଫାଇନାଲ ଖେଳାଯିବ। ପୂର୍ବାଞ୍ଚଳ ଦଳରେ ଓଡ଼ିଶାର ଦୁଇଜଣ ଖେଳାଳି ସ୍ଥାନ ପାଇଛନ୍ତି। ସେମାନଙ୍କ ମଧ୍ୟରୁ ସନ୍ଦୀପ ପଟ୍ଟନାୟକ ଚୂଡାନ୍ତ ଏକାଦଶରେ ସ୍ଥାନ ପାଇବାର ସମ୍ଭାବନା ରହିଛି। ୱିକେଟରକ୍ଷକ ଆଶୀର୍ବାଦ ସ୍ୱାଇଁ ଦଳରେ ରହିଛନ୍ତି।

ବୁଚି ବାବୁ କ୍ରିକେଟ

## ଜମ୍ମୁ-କଶ୍ମୀରର ଇନିଂସ୍ ଅଗ୍ରଣୀ

କଟକ,୨୭।୮ (ସମିସ): ଚେନ୍ନାଇର ଏସ୍‌ଏସଏନ ଗ୍ରାଉଣ୍ଡରେ ଅନୁଷ୍ଠିତ ବୁଚି ବାବୁ ଆମନ୍ତ୍ରଣୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ଜମ୍ମୁ ଓ କଶ୍ମୀର ଓଡ଼ିଶା ବିପକ୍ଷରେ ପ୍ରଥମ ଇନିଂସ୍‌ରେ ଅଗ୍ରଣୀ ହାସଲ କରିଛି। ଓଡ଼ିଶାର ପ୍ରଥମ ପାଳି ୩୧୪ରନ ଜବାବରେ ଜମ୍ମୁ ଓ କଶ୍ମୀର ୩୩୦ ରନ୍‌ରେ ଅଲଆଉଟ ହୋଇଯାଇଛି। ଦଳ ପକ୍ଷରୁ ପାରସ ଡୋଗ୍ରା ୧୪୧ରନ, କଓଲପ୍ରୀତ ସିଂହ ୫୦ରନ ଏବଂ ନିମ୍ନକ୍ରମର ବ୍ୟାଟର ଆବିଦ ମୁସ୍ତାକ ୭୧ରନ କରିଥିଲେ। ଓଡ଼ିଶା ତରଫରୁ ସୟଦ ଟି ଅହମ୍ମଦ ସର୍ବାଧିକ ୪ଟି ଓ ଗୋବିନ୍ଦ ପୋଦ୍ଦାରଙ୍କୁ ୩ଟି ୱିକେଟ ମିଳିଥିଲା। ବୁଧବାର ୨ୟ ଦିନରେ ଓଡ଼ିଶା ଦ୍ୱିତୀୟ ପାଳିରେ ଏମ୍‌ଟି ମୁଣ୍ଡେ (୬)ଙ୍କ ୱିକେଟ ହରାଇ ୬ରନ କରିଛି।


ରାଜ୍ୟଗୋଷ୍ଠୀ ଭାରୋତ୍ତୋଳନ


## ରେକର୍ଡ ସହ ବିଦୁସ୍ମିତାଙ୍କୁ ସ୍ୱର୍ଣ୍ଣ

ଭୁବନେଶ୍ୱର,୨୭।୮ (ସମିସ)



ଅହମ୍ମଦାବାଦ୍‌ରେ ଚାଲିଥିବା ରାଜ୍ୟଗୋଷ୍ଠୀ ଭାରୋତ୍ତୋଳନରେ ଆଉ ଜଣେ ଓଡ଼ିଆ ପ୍ରତିଯୋଗୀ ବିଦୁସ୍ମିତା ଭୋଇ ସ୍ୱର୍ଣ୍ଣ ପଦକ ଜିତିବାରେ ସମର୍ଥ ହୋଇଛନ୍ତି। ଏହା ଫଳରେ ଭାରତକୁ ପ୍ରତିନିଧିତ୍ୱ କରୁଥିବା ଓଡ଼ିଆ ଭାରୋତ୍ତୋଳକଙ୍କଠାରୁ ଏହାକୁ ମିଶାଇ ତୃତୀୟ ସ୍ୱର୍ଣ୍ଣପଦକ ମିଳିଛି। ପୂର୍ବରୁ ବିଦୁସ୍ମିତାଙ୍କ ବଡ଼ ଭଉଣୀ ପ୍ରୀତିସ୍ମିତା ୩ଟି ରାଜ୍ୟଗୋଷ୍ଠୀ ରେକର୍ଡ ସହ ଦେଶ ଲାଗି ପ୍ରଥମ ସ୍ୱର୍ଣ୍ଣ ଜିତିଥିଲେ। ଗତକାଲି ମିନା ସାନ୍ତା-ଏ' କନିଷ୍ଠ ବିଭାଗରେ ସ୍ୱର୍ଣ୍ଣ ଓ ସ୍ନେହା ସୋରେନ୍ ରୌପ୍ୟ ପଦକ ପାଇଥିଲେ। ଆଜି ବିଦୁସ୍ମିତା କନିଷ୍ଠ ବିଭାଗ ୬୩ କିଲୋ କାଟାଗୋରୀରେ ରେକର୍ଡ ସହ ସ୍ୱର୍ଣ୍ଣପଦକ ବିଜୟୀ ହୋଇଛନ୍ତି। ସେ ସ୍ନାଚ୍‌ରେ ୮୯, କ୍ଲିନ୍ ଆଣ୍ଡ ଜର୍କରେ ୧୧୫ ଓ ମୋଟ ୨୦୪ କେଜି ଓଜନ ଉଠାଇ ସ୍ୱର୍ଣ୍ଣପଦକ ହାସଲ କରିଥିଲେ। ଏହା ମଧ୍ୟରେ କ୍ଲିନ୍ ଆଣ୍ଡ ଜର୍କରେ ସେ ରାଜ୍ୟଗୋଷ୍ଠୀ ରେକର୍ଡ ପ୍ରତିଷ୍ଠା କରିଥିଲେ। ୬୩ କେଜି ୟୁଥ୍‌ରେ ଭାଗ ନେଇଥିବା ଟିକି ମୋହିନୀ ମଲିକ କିନ୍ତୁ ପଦକ ଜିତିବାରେ ବିଫଳ ହୋଇଛନ୍ତି। ସେ ସ୍ନାଚ୍‌ରେ ୭୧, କ୍ଲିନ୍ ଆଣ୍ଡ ଜର୍କରେ ୯୧ ଓ ମୋଟରେ ୧୬୨ କେଜି ଓଜନ ଉଠାଇ ୫ମ ସ୍ଥାନରେ ରହିଛନ୍ତି। ବିଦୁସ୍ମିତା ଢେଙ୍କାନାଳର ହାଇପରଫର୍ମାନ୍ସ ସବ୍ ସେଣ୍ଟରରେ କୋଚ୍ ଗୋପାଳକୃଷ୍ଣ ଦାସଙ୍କଠାରୁ ପ୍ରଶିକ୍ଷଣ ନେଉଥିଲେ।




PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ: ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS